

ପବିତ୍ର ରକ୍ଷାବନ୍ଧନ ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
-'ସକାଳ' ପରିବାର

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-63 ◆THURSDAY ◆27 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୬୩ ◆ଗୁରୁବାର ◆୨୭ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




# ନେପାଳରେ ବନ୍ୟା ପ୍ରଳୟ

## ଭୁଶୁଡ଼ିଲା ଶହ ଶହ କୋଠା; ୨୦୦ ମୃତ, ୧୦୦୦ରୁ ଅଧିକ ନିଖୋଜ

■ କାଠମାଣ୍ଡୁ/ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ନେପାଳରେ ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ଆସି ପ୍ରଳୟ ସୃଷ୍ଟି କରିଛି। ଅନେକ ସହର ଓ ଗ୍ରାମକୁ ଭସାଇ ନେଇଛି। ଶହ ଶହ କୋଠାଘର ଭୁଶୁଡ଼ି ପଡ଼ିଛି। ନଦୀକୂଳରେ ଥିବା ସମସ୍ତ ଜନବସତିକୁ ଗିଳିଦେଇଛି। ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଅନୁମାନ କରାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୦୦ ଲୋକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୧୦୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏମାନଙ୍କ

**ଅନେକ ସହର ଓ ଗ୍ରାମକୁ ଭସାଇନେଲା**

**୧୩୩ ଭାରତୀୟ ପର୍ଯ୍ୟଟକଙ୍କ ପତ୍ତା ମିଳୁନି**

**୧୩ ଜଳବିଦ୍ୟୁତ ପ୍ରକଳ୍ପ, ୧୬ ପୋଲ ଧ୍ୱସ୍ତ**

ମଧ୍ୟରୁ ୧୩୩ ଜଣ ଭାରତୀୟ ପର୍ଯ୍ୟଟକଙ୍କର ମଧ୍ୟ କୌଣସି ପତ୍ତା ମିଳୁନାହିଁ। ଚାରିଆଡ଼େ ଅନ୍ଧାର । ପାଣି ଓ ପଙ୍କରେ ପୋତି ହୋଇଯାଇଥିବା ନିଜର ଆତ୍ମୀୟଙ୍କୁ ଖୋଜୁଛନ୍ତି ଲୋକେ। ନେପାଳ ଓ ଚୀନର ସୀମାବର୍ତ୍ତୀ ଅଞ୍ଚଳ ସଂପୂର୍ଣ୍ଣ ରୂପେ ଧ୍ୱସ୍ତ ହୋଇଯାଇଛି। ଏହି ବନ୍ୟା କୌଣସି ବର୍ଷା ଯୋଗୁଁ ହୋଇନାହିଁ, ବରଂ ଚୀନ-ନେପାଳ ସୀମାବର୍ତ୍ତୀ ତିବ୍ବତ ଅଞ୍ଚଳରେ ଭୟଙ୍କର ଭୂସ୍ଖଳନ ଓ ପଥର ଖସିବା ଯୋଗୁଁ ଏଭଳି ବିପର୍ଯ୍ୟୟ ସୃଷ୍ଟି କରିଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଭାରତ ଓ ଚୀନ ଆଗେଇ ଆସିଛନ୍ତି। ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ ନେପାଳ-ତିବ୍ବତ ସୀମାଠାରୁ ପ୍ରାୟ ୨୦ କିଲୋମିଟର ▸ପୃଷ୍ଠା-୭

## 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଓଡ଼ିଶା ଅଭ୍ୟୁଦୟ କନକ୍ଲେଭ

# ଜାତୀୟ ଦଳଠାରୁ ଆଞ୍ଚଳିକ ଦଳ ଅଧିକ ଜାତୀୟତାବାଦୀ

**ଆଞ୍ଚଳିକ ଦଳର ଭିଜନ, ଜାତୀୟ ଦଳଠାରୁ ଅଧିକ ବ୍ୟାପକ: ମନୋଜ ଝା**

**ଦେଶରେ ବ୍ୟାପକ ନିର୍ବାଚନୀ ସଂସ୍କାରର ଆବଶ୍ୟକତା ରହିଛି: ସନ୍ଦୋଷ କୁମାର**

**ଶକ୍ତିଶାଳୀ ସାମ୍ବିଧାନିକ ବ୍ୟବସ୍ଥାର ସର୍ବାଧିକ ଆବଶ୍ୟକତା ରହିଛି: ଅରୁଣ ସାହୁ**

**ଲୋକଙ୍କର ଆକାଂକ୍ଷା ଓ ଭାବନା ଗଣତନ୍ତ୍ର ପାଇଁ ଉପଯୋଗୀ: ନିଶିକାନ୍ତ ମହାପାତ୍ର**

■ ଭୁବନେଶ୍ୱର, ୨୬।୮ (ସମିସ): କ୍ଷମତାକୁ ପ୍ରଶ୍ନ କଦାପି ଦେଶକୁ ପ୍ରଶ୍ନ ନୁହେଁ, କ୍ଷମତାସୀନ ଦଳକୁ ସମାଲେଚନା କଦାପି ଦେଶକୁ ସମାଲୋଚନା ନୁହେଁ। ଦେଶକୁ ପ୍ରକୃତରେ ଭଲ ପାଉଥିବା ବ୍ୟକ୍ତି ସରକାରଙ୍କୁ ପ୍ରଶ୍ନ ପଚାରିବାର ସାମର୍ଥ୍ୟ ରଖିବା ଉଚିତ୍। କୌଣସି ଦେଶ କାଗଜରେ ପ୍ରସ୍ତୁତ କେବଳ ଏକ ନକ୍ସା ନୁହେଁ; ଦେଶବାସୀଙ୍କୁ ନେଇ ଦେଶ ଗଠିତ। ଭାରତ ପରି ଦେଶରେ ବିଭିନ୍ନ ଜାତି, ଧର୍ମ, ସମ୍ପ୍ରଦାୟ, ମତବାଦ ରହିଛି। ଆଞ୍ଚଳିକ ଅସମାନତା ଓ ସମସ୍ୟା ରହିଛି। ଆଞ୍ଚଳିକ ଦଳଗୁଡ଼ିକ ଏହାର ପ୍ରତିନିଧିତ୍ୱ କରିଥାଆନ୍ତି। ତେଣୁ ସ୍ୱାଭାବିକ ଭାବରେ ଜାତୀୟ ଦଳଗୁଡ଼ିକଠାରୁ ଆଞ୍ଚଳିକ ଦଳଗୁଡ଼ିକ ଭାରତରେ ଅଧିକ ଜାତୀୟତାବାଦୀ ଓ ଭାରତ ପାଇଁ ଦ୍ୱିଦଳ ବ୍ୟବସ୍ଥା ନୁହେଁ, ବହୁ ଦଳୀୟ ବ୍ୟବସ୍ଥା ଅତ୍ୟନ୍ତ ଉପଯୋଗୀ



ବୋଲି ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି। ଦୈନିକ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ 'ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ବହୁଦଳୀୟ ବନାମ ଦ୍ୱି-ଦଳୀୟ ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେଇ ଅତିଥିମାନେ ଭାରତରେ ଦ୍ୱି-ଦଳୀୟ ବ୍ୟବସ୍ଥାଠାରୁ ବହୁଦଳୀୟ ବ୍ୟବସ୍ଥା ଅଧିକ ପ୍ରାସଙ୍ଗିକ ବୋଲି ମତ ରଖିଛନ୍ତି। ତେବେ ଶିକ୍ଷିତ, ସଚେତନ ନାଗରିକ, ଶକ୍ତିଶାଳୀ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ବର୍ତ୍ତମାନ ଦେଶରେ ଏକ ବ୍ୟାପକ ନିର୍ବାଚନୀ ସଂସ୍କାରର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଆରଜେଡିର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ପ୍ରଫେସର ମନୋଜ ଝା କହିଛନ୍ତି ଯେ ଭିନ୍ନତାରେ ଏକତା ହିଁ ଭାରତର ପରିଚୟ। ଭାରତବର୍ଷରେ ଜଗନ୍ନାଥ, ରାମ, ଶିବ, କବୀର ଅଛନ୍ତି। ଜଣଙ୍କ ବ୍ୟତୀତ ଅନ୍ୟଜଣଙ୍କର କଳ୍ପନା କରିହେବ ନାହିଁ। ଭାରତବର୍ଷ ବ୍ୟକ୍ତି, ଧର୍ମ, କ୍ଷେତ୍ର, ଭାଷା, ଆଚରଣକୁ ନେଇ ସମୃଦ୍ଧ। ଦେଶକୁ ନେଇ ଏକ ଆଞ୍ଚଳିକ ଦଳର ଭିଜନ ଅର୍ଥାତ୍ ଲକ୍ଷ୍ୟ ଏକ ଜାତୀୟ ଦଳଠାରୁ ବ୍ୟାପକ। ସମ୍ପ୍ରତି ଦେଶରେ ଯେଉଁପ୍ରକାର ଜାତୀୟ ବନାମ ଆଞ୍ଚଳିକ ଦଳର ପ୍ରଭେଦ କରାଯାଉଛି, ଏହା ତ୍ରୁଟିପୂର୍ଣ୍ଣ। ୧୯୫୨ରୁ ୧୯୬୭ ଯାଏଁ ଦେଶରେ ଗୋଟିଏ ନିର୍ବାଚନ ହେଉଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥା ଶେଷ ହୋଇଗଲା। ସେ ସମୟରେ ଗଣତନ୍ତ୍ରର ଆବଶ୍ୟକତା ବିବିଧ ନିର୍ବାଚନ ସପକ୍ଷରେ ଥିଲା। ତେଣୁ ବର୍ତ୍ତମାନ ସମୟରେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ କିପରି ସମ୍ଭବ ବୋଲି ସେ ପ୍ରଶ୍ନ କରିବା ସହ ଦ୍ୱିଦଳୀୟ ବ୍ୟବସ୍ଥା ଭାରତୀୟ ରାଜନୀତିରେ ଅପ୍ରାସଙ୍ଗିକ ବୋଲି ସେ ମତ ରଖିଛନ୍ତି।

ସିପିଆଇ ନେତା ତଥା କେରଳର ରାଜ୍ୟସଭା ସାଂସଦ ସନ୍ଦୋଷ ▸ପୃଷ୍ଠା-୭

# ଇଥାନଲ୍ ପାଇଁ ଅଣ୍ଡା ମହଙ୍ଗା



## ଅଣ୍ଡା ଗୋଟାକର ଦାମ୍ ୨୫ ଟଙ୍କା ହେବ

■ ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଧୀରେ ଧୀରେ ଇ-୨୦ ତେଲ ଖାଉଟିଙ୍କ ପାଇଁ କାଳ ହେବାରେ ଲାଗିଛି। ଇ-୨୦ ଇନ୍ଧନରେ ମୁଖ୍ୟତଃ ୮୦% ଇଥାନଲ୍ ରହୁଛି। ତେଣୁ ଏତେ ମାତ୍ରାରେ ଇଥାନଲ୍ ପ୍ରସ୍ତୁତି ପାଇଁ ଆଖୁ ,ଚାଉଳ, ମକା, ଗୁଡ଼ ଏବଂ ଜୈବ ବର୍ଜ୍ୟ ବ୍ୟବହାର କରାଯାଉଛି। ଏହାଫଳରେ ପୂର୍ବରୁ ବଜାରରେ ଚିନି ଏବଂ ଚାଉଳ ମହଙ୍ଗା ହୋଇସାରିଛି। ଏବେ ଇଥାନଲ୍ର ପ୍ରଭାବ ଅଣ୍ଡା ଉପରେ ପଡ଼ିଛି। ଇଥାନଲ୍ ଉତ୍ପାଦନ ପାଇଁ ପ୍ରଚୁର ମାତ୍ରାରେ ମକା ଏବଂ ସୋୟାବିନ୍ ଲାଗୁଥିବା ଯୋଗୁ ବଜାରରେ ଅଣ୍ଡା ମହଙ୍ଗା ହୋଇଯାଇଛି। ଏଥିଯୋଗୁ କୁକୁଡ଼ା ଖାଦ୍ୟ ମହଙ୍ଗା ହୋଇଯାଇଛି। ମକା ଏବଂ ସୋୟାବିନ୍ ମୂଲ୍ୟ ବୃଦ୍ଧି ହେତୁ, ଅଣ୍ଡାର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି। ବଜାର ବିଶେଷଜ୍ଞଙ୍କ ମତରେ ଏପରି ଚାଲିଲେ ଆଗକୁ ପ୍ରତି ଅଣ୍ଡା ମୂଲ୍ୟ ୨୦ରୁ ୨୫ଟଙ୍କାରେ ପହଞ୍ଚିବା ଆଶଙ୍କା କରାଯାଉଛି।

ଦେଶରେ ଇ-୨୦ ପେଟ୍ରୋଲ ଲାଗୁ ହେବା ପରଠାରୁ ଏହାକୁ ନେଇ ସାରା ଦେଶରେ ବିରୋଧ ତୀବ୍ର ହେବାରେ ଲାଗିଛି। ପ୍ରାରମ୍ଭରେ ଏହା ଯାନବାହାନ ମାଇଲେଜ୍ ହ୍ରାସ କରୁଥିବାକୁ ହାଯାଉଥିଲା ଏବଂ ଏବେ କୁହାଯାଉଛି ଯେ ଇଥାନଲଯୁକ୍ତ ପେଟ୍ରୋଲ ଚିନି, ଚାଉଳ ଶେଷରେ ଅଣ୍ଡାର ମୂଲ୍ୟ ବୃଦ୍ଧି କରୁଛି। ଏହା ମଧ୍ୟ ଆଶଙ୍କା କରାଯାଉଛି ଯେ ଭବିଷ୍ୟତରେ ଅଣ୍ଡାର ମୂଲ୍ୟ ଦୁଇଗୁଣରୁ ଅଧିକ ହେବା ଯଥେଷ୍ଟ ସମ୍ଭାବନା ରହିଛି। ଯଦି ଏହା ହୁଏ, ତେବେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଥାଳିରୁ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଉତ୍ସକୁ ହଟିଯିବ। ଆଖୁ ସହିତ ମକା ମଧ୍ୟ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ, ଯାହା ଫଳରେ ମକା ମୂଲ୍ୟରେ ବୃଦ୍ଧି ଘଟିଛି। କୁକୁଡ଼ା ଚାଷୀମାନେ କୁକୁଡ଼ାମାନଙ୍କୁ ଖାଦ୍ୟ ଭାବରେ ମକା ଦେଇଥାନ୍ତି। ବୃଦ୍ଧି ପାଉଥିବା ମକା ମୂଲ୍ୟ କୁକୁଡ଼ା ଚାଷୀଙ୍କ ଖର୍ଚ୍ଚ ବୃଦ୍ଧିକରୁଛି। ଫଳସ୍ୱରୂପ, ଅନେକ କୁକୁଡା ଚାଷୀଙ୍କ ପାଇଁ ଏବେ ଅତିରିକ୍ତ ଖର୍ଚ୍ଚ ଚିନ୍ତାର ବିଷୟ ପାଲଟିଛି। ଏହାର ପ୍ରଭାବରେ ବଜାରରେ ଅଣ୍ଡା ମୂଲ୍ୟ ବୃଦ୍ଧି ପାଉଛି।

ମକା ବ୍ୟତୀତ କୁକୁଡ଼ା ଖାଦ୍ୟରେ ସୋୟାବିନ୍ ମଧ୍ୟ ବ୍ୟବହୃତ ହୁଏ। ଚଳିତବର୍ଷ ସୋୟାବିନ୍ ଉତ୍ପାଦନ ହ୍ରାସ ଯୋଗୁଁ, ମିଲ ରେ ସୋୟାବିନ୍ ମୂଲ୍ୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପୂର୍ବରୁ ସୋୟାବିନ୍ ମୂଲ୍ୟ ପ୍ରତି କିଲୋଗ୍ରାମ ୪୫ ଟଙ୍କା ଥିଲା, ଏବେ ଏହା କିଲୋ ପିଛା ୬୫ରୁ ୬୬ ଟଙ୍କାରେ ପହଞ୍ଚିଛି। ସୋୟାବିନ୍ ଏବଂ ମକା ▸ପୃଷ୍ଠା-୭



**ପ୍ରସ୍ତୁତିରେ ଲାଗୁଛି ମକା, ସୋୟାବିନ୍**

**କୁକୁଡ଼ା ଖାଦ୍ୟ ମୂଲ୍ୟ ବୃଦ୍ଧି**

**ପୂର୍ବରୁ ଚାଉଳ, ଚିନି ଦର ବଢ଼ିସାରିଛି**

**୧ ତାରିଖ ଯାଏଁ ବର୍ଷା ସମ୍ଭାବନା**

# ଆଜି ୩ ଜିଲ୍ଲାରେ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୨୬।୮ (ସମିସ): ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସୂଚନା ଅନୁଯାୟୀ ଗୁରବାର ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦବ୍ୟତୀତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବର୍ଷା ହୋଇପାରେ। ଶୁକ୍ରବାର ବର୍ଷାର ବିସ୍ତୃତି ବଢ଼ିବା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନୁରୂପ ଭାବରେ ୨୯ ତାରିଖରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ ଓ ଢେଙ୍କାନାଳରେ ପ୍ରବଳ ବର୍ଷା ଥିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି।

**ହୀରାକୁଦର ୧୬ ଗେଟ୍ ଖୋଲା**

## ଫୁଲିଲା ମହାନଦୀ

■ ସମ୍ବଲପୁର, ୨୬।୮ (ସମିସ): ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବାପରେ ୧୬ଟି ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସିତ ହେଉଛି। ଏବେବି ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩ ଫୁଟ୍ ଉପରେ ରହିଛି। ମୁଣ୍ଡଳୀରେ ୭ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଜଳସ୍ତର ଅଧିକ ରହିବାସହ ପ୍ରବେଶ ଜଳ ପରିମାଣ ୩ ଲକ୍ଷ କ୍ୟୁସେକ୍ରୁ ଅଧିକ ହୋଇଥିବାରୁ ଆଉ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି।

ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୭୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଏବଂ ଡାହାଣ ପାର୍ଶ୍ୱର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୬୧,୯୭୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦିଦେଇ ୨,୯୦,୧୭୭ କ୍ୟୁସେକ୍ ଜଳ ▸ପୃଷ୍ଠା-୭

**ମୁଣ୍ଡଳୀରେ ୬.୬୯ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ**

# ପୂର୍ବତନ ଡିଜିପି ଖୁରାନିଆଙ୍କୁ ହାଇକୋର୍ଟ ନୋଟିସ୍

■ କଟକ, ୨୬।୮ (ସମିସ): ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ ନ କରିବା ଓ କୋର୍ଟଙ୍କୁ ବିଭ୍ରାନ୍ତ କରିବା ଅଭିଯୋଗରେ ହାଇକୋର୍ଟ ରାଜ୍ୟର ପୂର୍ବତନ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜଣେ ମହିଳା ସବ୍ଇନ୍ସପେକ୍ଟର (ଏସଆଇ)ଙ୍କୁ ଚାକିରିରେ ପୁନଃଅବସ୍ଥାପିତ କରିବା ପାଇଁ ହୋଇଥିବା ନିର୍ଦ୍ଦେଶକୁ ପାଳନ ନକରିବା ଏବଂ ସୁପ୍ରିମକୋର୍ଟରେ ହୋଇଥିବା ଆବେଦନ ପ୍ରସଙ୍ଗରେ କୋର୍ଟଙ୍କୁ ସ୍ୱଷ୍ଟ ନ ଜଣାଇବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବତନ ଡିଜିପି ଶ୍ରୀ ଖୁରାନିଆଙ୍କ ବିରୋଧରେ ଅବମାନନା ଆଇନର ଧାରା ୧୨ ଅନୁଯାୟୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ସାଗରିକା ପରିଡାଙ୍କ ତରଫରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ▸ପୃଷ୍ଠା-୭

**ଅବସରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ବି ଚାଲିବ ଆଦେଶ ଅବମାନନା ମାମଲା**

**ଆଦେଶ ପାଳନ ନହେଲେ ହାଜର ହେବେ ବର୍ତ୍ତମାନର ଡିଜିପି ଓ ଆଇଜି**

# ପୁଲିସ୍ କବ୍ଜାରେ ପ୍ରକାଶ ପାଣ୍ଡ୍ୱାନ୍

## ବିଜେପି ଯୁବ ନେତାଙ୍କୁ ବିହାରରୁ ଉଠାଇଆଣିଲା ସ୍ପେଶାଲ୍ ସ୍କ୍ୱାଡ୍



ଖୋଲିପାରେ ବହୁ ରାଜନେତା ଓ ସରକରୀ ବାବୁଙ୍କ ଗୁମର

■ ରାଉରକେଲା, ୨୬।୮ (ସମିସ): ପାନପୋଷ ସରକାରୀ ଗେଷ୍ଟ ହାଉସ୍ରୁ ଅସ୍ତ୍ରଶସ୍ତ୍ର ଜବତ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ବିଜେପିରୁ ବହିଷ୍କୃତ ଯୁବନେତା ପ୍ରକାଶ ପାଣ୍ଡ୍ୱାନଙ୍କୁ ବିହାର ସମସ୍ତିପୁରରୁ ଗିରଫ କରିଛି ରାଉରକେଲା ପୁଲିସ। ରାଉରକେଲା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ପ୍ରକାଶଙ୍କୁ ଗିରଫ କରି ରାଉରକେଲା ଆଣୁଥିବା ସୂଚନା ମିଳିଛି। ପୁଲିସ ଏନେଇ ସ୍ୱଷ୍ଟ ସୂଚନା ଦେଇ ନଥିବାବେଳେ କୌଣସି ଏକ ଗୁପ୍ତ ସ୍ଥାନରେ ରଖି ତାଙ୍କୁ ଜେରା କରାଯିବ। ଜେରାବେଳେ ବହୁ ରାଜନେତା ଓ ସରକାରୀ ବାବୁଙ୍କ ଗୁମର ଖୋଲିପାରେ ବୋଲି ରାଉରକେଲାରେ ଚର୍ଚ୍ଚା ହେଉଛି।

ରାଉରକେଲା ସର୍କିଟ ହାଉସରେ ଦୀର୍ଘ ୨୫ ଦିନ ଧରି ଅପରାଧିକ କାର୍ଯ୍ୟକଳାପ, ଦାଦାବଟି ଆଦାୟ, ବାଲି ମାଫିଆଙ୍କ ଠାରୁ ଦାଦାବଟି ଆଦାୟ କରି ସେମାନଙ୍କୁ ରାଜନୈତିକ ସୁରକ୍ଷା ପ୍ରଦାନ ତଥା ବେଆଇନ ବନ୍ଧୁକ କାରବାର ଆଦି ସଙ୍ଗୀନ ମାମଲାରେ ଆଉ କିଏ କିଏ ସମ୍ପୃକ୍ତ, ▸ପୃଷ୍ଠା-୭

## ମନ୍ଥର ଛାଲିଛି ଭିତ୍ତିଭୂମି ପ୍ରକଳ୍ପ

# ବଢୁଛି ୧୭୭୫ ପ୍ରକଳ୍ପ ଉପରେ ଆର୍ଥିକ ବୋଝ

■ ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଦେଶରେ ଧିମା ପଡିଛି ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ। ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟୁ ନ ଥିବାରୁ ସରକାରଙ୍କୁ ସହିବାକୁ ପଡୁଛି ହଜାର ହଜାର କୋଟି ଟଙ୍କାର କ୍ଷତି। ସରକାର ଦେଶରେ ରାସ୍ତା, ରେଳ, ଶକ୍ତି ଏବଂ ଅନ୍ୟାନ୍ୟ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦ୍ରୁତ ଗତିରେ ଖର୍ଚ୍ଚ କରୁଥିବା ବେଳେ ଏହି ପ୍ରକଳ୍ପଗୁଡ଼ିକର ବୃଦ୍ଧି ପାଉଥିବା ମୂଲ୍ୟ ଏବେ ଚିନ୍ତାର କାରଣ ହୋଇଛି। ଏମିତିକି ଧାର୍ଯ୍ୟ ବ୍ୟୟ ଲକ୍ଷ୍ୟକୁ ଟପିଗଲାଣି ଅନେକ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ। ସୂଚନାନୁଯାୟୀ, ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ଯୋଗୁ ଦେଶରେ ୧୭୭୫ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ମୂଲ୍ୟ ୩.୪୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା କେନ୍ଦ୍ର ସରକାରଙ୍କ ଖର୍ଚ୍ଚ ଏବଂ ବଜେଟ୍ ଉପରେ ଚାପ ବଢ଼ାଉଛି। ସଡ଼କ, ରେଳ ଏବଂ ବିଦ୍ୟୁତ୍ ଭିତ୍ତିଭୂମି ସହିତ ଜଡିତ ଏହି ପ୍ରକଳ୍ପଗୁଡ଼ିକରେ ବିଳମ୍ବ ସାଧାରଣ ଲୋକଙ୍କ ଉପରେ ମଧ୍ୟ ପ୍ରଭାବ ପକାଉଛି।

ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବା ଯୋଗୁ କେନ୍ଦ୍ର ସରକାରଙ୍କ ତଦାରଖରେ ଥିବା ୧୭୭୫ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ମୋଟ ଆନୁମାନିକ ମୂଲ୍ୟ ୩.୪ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ୩୭.୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ତେବେ ଏହି ପ୍ରକଳ୍ପଗୁଡିକର ପ୍ରାରମ୍ଭିକ ଆନୁମାନିକ ମୂଲ୍ୟ ୩୩.୭୦ ଲକ୍ଷ କୋଟି ଟଙ୍କା ଥିଲା। କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ଜୁଲାଇ ରିପୋର୍ଟ ଅନୁଯାୟୀ, ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟ ୧୫୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ରହିଛି। ୧୭ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ କିମ୍ବା ବିଭାଗ ସ୍ତରରେ ଏହା ଉପରେ ନଜର ରଖାଯାଇଛି।

ସରକାରଙ୍କ ମୋଟ ପ୍ରକଳ୍ପର ସର୍ବାଧିକ ଅଂଶ ପରିବହନ କ୍ଷେତ୍ରର ରହିଛି। ଏଥିରେ ପ୍ରାୟ ୧୯.୮୧ ଲକ୍ଷ କୋଟି ଟଙ୍କାର ୧୨୪୬ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ। ବୃଦ୍ଧି ପାଉଥିବା ଖର୍ଚ୍ଚର ପ୍ରଭାବ କେବଳ ସରକାରୀ ବଜେଟରେ ସୀମିତ ନୁହେଁ। ସଡ଼କ, ରେଳ, ବିଦ୍ୟୁତ୍, ପାଣି ଏବଂ ସହରାଞ୍ଚଳ ପରିବହନରେ ବୃଦ୍ଧି ପାଉଥିବା ଖର୍ଚ୍ଚ ଯୋଗୁଁ ସରକାରଙ୍କୁ ସମାନ କାର୍ଯ୍ୟ ସମାପ୍ତ କରିବା ପାଇଁ ଧାର୍ଯ୍ୟ ବଜେଟ୍ଠାରୁ ଆହୁରି ଅଧିକ ଟଙ୍କା ବ୍ୟୟ କରିବାକୁ ପଡିବ।

**୩.୪୦ ଲକ୍ଷ କୋଟି ଛୁଇଁଲାଣି ପ୍ରକଳ୍ପ ଖର୍ଚ୍ଚ**




# ନେପାଳ ବନ୍ୟା ତାଣ୍ଡବ





## ବିହାର, ୟୁପିରେ ହାଇଆଲର୍ଟ

### ଗଣ୍ଡକ ନଦୀରୁ ସମସ୍ତ ୩୬ ଗେଟ୍ ଖୋଲିଲା

ପାଟନା, ୨୬।୮ (ଏଜେନ୍ସି): ନେପାଳରେ ହୋଇଥିବା ଭୟାବହ ଆକସ୍ମିକ ବନ୍ୟା (ଫ୍ଲାସ୍ ଫ୍ଲଡ୍) ପରେ ଭାରତର ପଡ଼ୋଶୀ ରାଜ୍ୟ ବିହାର ଏବଂ ଉତ୍ତର ପ୍ରଦେଶରେ ପ୍ରଶାସନ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ନେପାଳର ଭୋଟେ କୋଶୀ ଓ ତ୍ରିଶୂଳୀ ନଦୀରେ ଜଳସ୍ତର ହଠାତ୍ ବୃଦ୍ଧି ପାଇବା ହେତୁ ସୀମାବର୍ତ୍ତୀ ଗଣ୍ଡକ ଓ ନାରାୟଣୀ ନଦୀର ଜଳପ୍ରବାହ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ଏହି ବିପଦକୁ ଦୃଷ୍ଟିରେ ରଖି ବିହାର ସରକାର ଗଣ୍ଡକ ନଦୀରେ ପ୍ରାୟ ତିନି ମିଟର ଉଚ୍ଚର ବନ୍ୟା ଜଳ ପ୍ରବେଶ କରିବା ନେଇ ସତର୍କ ସୂଚନା ଜାରି କରିଛନ୍ତି। ଗଣ୍ଡକ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ପରେ ବନ୍ୟା ଜଳର ସୁରକ୍ଷିତ ନିଷ୍କାସନ ପାଇଁ ଗଣ୍ଡକ ବ୍ୟାରେଜ୍‌ର ୩୬ଟି ଯାକ ଗେଟ୍ ଖୋଲି ଦିଆଯାଇଛି। ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଉଚ୍ଚସ୍ତରୀୟ କମିଟି ଗଠନ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ପକ୍ଷରୁ ସତର୍କ ସୂଚନା ଜାରି କରାଯାଇ ନଦୀକୂଳିଆ ଏବଂ ତଳିଆ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବନ୍ୟା ପ୍ରଭାବରେ ବିହାରର ଉତ୍ତର-ପଶ୍ଚିମ ଜିଲ୍ଲା ସମେତ ପଶ୍ଚିମବଙ୍ଗର ମାଳଦା ଜିଲ୍ଲା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ଗଙ୍ଗା ନଦୀ ମଧ୍ୟ ମାଲଦାଠାରେ ବିପଦ ସଙ୍କେତ ନିକଟରେ ପ୍ରବାହିତ ହେଉଛି। ଜରୁରୀକାଳୀନ ପରିସ୍ଥିତି ପାଇଁ ଏନଡିଆର୍‌ଏଫ ଟିମ୍ ନିୟୋଜିତ କରାଯାଇଛି। ଅନ୍ୟପଟେ, ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନେପାଳ ସୀମାବର୍ତ୍ତୀ ମହାରାଜଗଞ୍ଜ ଏବଂ କୁଶୀନଗର ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତର ପ୍ରଦେଶର ପ୍ରାୟ ୧୬ଟି ଜିଲ୍ଲା ବର୍ତ୍ତମାନ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ରାଜ୍ୟ ସରକାରଙ୍କ ରିଲିଫ୍ କମିଶନରଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪, ୬୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ଏପର୍ଯ୍ୟନ୍ତ ଭାରତରେ କୌଣସି ଜୀବନହାନିର ଖବର ମିଳିନାହିଁ।

## ସହାୟତାର ହାତ ବଢ଼ାଇଲା ଭାରତ

କାଠମାଣ୍ଡୁ/ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ନେପାଳରେ ଭୟଙ୍କର ଭୂସ୍ଖଳନ ଜନିତ ଆକସ୍ମିକ ବନ୍ୟା ଯୋଗୁଁ ବ୍ୟାପକ ଧନଜୀବନ ହାନି ହୋଇଛି। ଫଳରେ ପ୍ରାୟ ୧୫୦ ଜଣ ପ୍ରାଣ ହରାଇଥିବା ବେଳେ ପ୍ରାୟ ୩୮୪ ଜଣ ପର୍ଯ୍ୟଟକ ନିଖୋଜ ଅଛନ୍ତି। ଏହି ସଙ୍କଟ ସମୟରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ସହ କଥା ହୋଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାସହ ସମସ୍ତ ପ୍ରକାର ମାନବୀୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନେପାଳ ସେନା ସହିତ ସମନ୍ୱୟ ରକ୍ଷା କରି ଭାରତ ଏହାର ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ହିଣ୍ଡନ ଏୟାରବେସରୁ ଭାରତୀୟ ବାୟୁସେନାର ସି-୧୭ ଗ୍ଲୋବମାଷ୍ଟର ଏବଂ ସି-୧୩୦ଜେ ସୁପର ହରକ୍ୟୁଲିସ ବିମାନକୁ ପ୍ରସ୍ତୁତ ରଖାଯାଇଛି। ଏଥିରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ବାୟୁସେନା ଏବଂ ଏସଏସବିର ଉଦ୍ଧାରକାରୀ ଦଳ ସାମିଲ ହୋଇଛନ୍ତି। ଏହା ସହିତ ଭାରୀ ଯନ୍ତ୍ରପାତି, ମେଡିକାଲ ସହାୟତା ଓ ରିଲିଫ ସାମଗ୍ରୀ ପଠାଯାଉଛି। ଏହା ବ୍ୟତୀତ ବିଦେଶ ମନ୍ତ୍ରଣାଳୟ ଓ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ନିଖୋଜ ପର୍ଯ୍ୟଟକଙ୍କ ସହାୟତା ପାଇଁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଏହି ଜାତୀୟ ବିପର୍ଯ୍ୟୟ ସମୟରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଓ ସେଠାକାର ଜନସାଧାରଣଙ୍କ ପ୍ରତି ସମବେଦନା ଜଣାଇବା ସହ ଭାରତ ନେପାଳ ସହ ସମ୍ପୂର୍ଣ୍ଣ ଏକତାବଦ୍ଧ ହୋଇ ଛିଡ଼ା ହୋଇଛି ବୋଲି ପ୍ରକାଶ କରିଛନ୍ତି।

## କର୍ଣ୍ଣାଟକରେ ଗାନ କରାଯିବନି ସମ୍ପୂର୍ଣ୍ଣ 'ବନ୍ଦେ ମାତରମ୍'

ବେଙ୍ଗାଲୁରୁ, ୨୬।୮ (ଏଜେନ୍ସି): କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାର ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ସରକାର କଂଗ୍ରେସର ନୀତି ଅନୁଯାୟୀ ସରକାରୀ ଏବଂ ସାଧାରଣ କାର୍ଯ୍ୟକ୍ରମଗୁଡ଼ିକରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବେ। ରାଜ୍ୟରେ ଏକ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଏହି ଗୀତର ସମସ୍ତ ଛଅଟି ପଦ ଗାନ କରାଯିବା ପ୍ରସଙ୍ଗକୁ ଶିବକୁମାର ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ତାଙ୍କୁ ନ ଜଣାଇ ନିଆଯାଇଥିଲା ଏବଂ ଭବିଷ୍ୟତରେ ରାଜ୍ୟ ସରକାର କେବଳ ପ୍ରଥମ ଦୁଇଟି ପଦ ହିଁ ଗାନ କରିବେ। ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଯୋଗଦେଇ



ଶିବକୁମାର କହିଛନ୍ତି, 'ମୁଁ ମୋ ଦଳର ବିଚାରଧାରା ଉପରେ ବିଶ୍ୱାସ କରେ। ଆମେ ଯାହା ନିଷ୍ପତ୍ତି ନେଇଛୁ, ମୁଁ ତାହା ସହିତ ଅଛି। ହୁଏତ ମୋର ଅଗୋଚରରେ କିମ୍ବା ରାଜଭବନରେ ଏହା ହୋଇଥାଇପାରେ, କିନ୍ତୁ ଭବିଷ୍ୟତରେ ଯେକୌଣସି ସରକାରୀ କାର୍ଯ୍ୟକ୍ରମରେ ଆମେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କେବଳ ଦୁଇଟି ପଦ ହିଁ ରଖିବୁ'। ଗତ ସପ୍ତାହ କଂଗ୍ରେସ କାର୍ଯ୍ୟକାରୀ କମିଟି ତାର ୧୯୩୭ ମସିହାର ପ୍ରସ୍ତାବକୁ ପୁନର୍ବାର ସମର୍ଥନ କରିଥିଲା। ସେଥିରେ ସାଧାରଣ ଓ ଜାତୀୟ ସଭା ସମିତିଗୁଡ଼ିକରେ ବନ୍ଦେ ମାତରମ୍‌ର କେବଳ ପ୍ରଥମ ଦୁଇଟି ପଦ ଗାନ କରାଯିବାର ନିୟମ ରହିଛି। ନୂତନ 'ବନ୍ଦେ ମାତରମ୍ ବିଲ୍'ରେ ସମସ୍ତ ପଦ ଗାନ କରିବାକୁ ବାଧ୍ୟତାମୂଳକ କରାଯିବା ପରେ ଏବଂ ଏହାକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବିବାଦ ଦେଖାଦେବା ପରେ କଂଗ୍ରେସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କଂଗ୍ରେସର ଯୁକ୍ତି ଅନୁଯାୟୀ, ବନ୍ଦେ ମାତରମ୍ ଗୀତର ପରବର୍ତ୍ତୀ ଭାଗରେ ହିନ୍ଦୁ ଦେବୀ ଦୁର୍ଗା, ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ଆବାହନ କରାଯାଇଛି। ଏହା ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ଆପତ୍ତିଜନକ ହୋଇପାରେ।

## ଗାୟକ-ୟୁଟ୍ୟୁବର୍ ଅଙ୍କିତ ବାଲିଆନଙ୍କୁ ଗୁଳି କରି ହତ୍ୟା

ଶାମଲୀ, ୨୬।୮ (ଏଜେନ୍ସି): ଉତ୍ତର ପ୍ରଦେଶର ଶାମଲୀ ଜିଲ୍ଲାରେ ବୁଧବାର ସନ୍ଧ୍ୟାରେ ଜଣେ ଅଜ୍ଞାତ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ପ୍ରସିଦ୍ଧ ହରିୟାଣାର ଗାୟକ ତଥା ୟୁଟ୍ୟୁବର୍ ଅଙ୍କିତ ବାଲିୟାନ (୩୫)ଙ୍କର ମୃତ୍ୟୁ ଘଟିଛି। ସେ ଏକ ଜିମ୍‌ରୁ ବାହାରକୁ ନିଜର ଗାଡ଼ିରେ ବସିବାକୁ ଯାଉଥିଲେ। ଏହି ସମୟରେ ଦୁଇଟି ମୋଟରସାଇକେଲରେ ଆସି ୩ ରୁ ୪ ସଶସ୍ତ୍ର ଅଜ୍ଞାତ ଆତତାୟୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣ ସ୍ଥଳରେ ହିଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପୁଲିସ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶାମଲୀ ଜିଲ୍ଲାର ବନ୍ତୀଖେଡ଼ା ଗ୍ରାମର ବାସିନ୍ଦା ଅଙ୍କିତ ବାଲିୟାନ ଜିଲ୍ଲା ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରସ୍ତୁତି ଚଳାଇଥିଲେ। ରାଜନୈତିକ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ ହୋଇଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଖୋଜିବାକୁ ତଦନ୍ତ ଜାରି ରହିଛି। ବାଲିୟାନ ହରିୟାଣା ସଙ୍ଗୀତ ଜଗତର ଜଣାଶୁଣା ଚେହେରା ଥିଲେ। ୟୁଟ୍ୟୁବରେ ତାଙ୍କର ୩.୬୬ ଲକ୍ଷରୁ ଅଧିକ ସବସ୍କ୍ରାଇବର ଅଛନ୍ତି। ତାଙ୍କର ଗୀତ 'ଭରି କୋର୍ଟ ମେ ଗୋଲି ମାରେଙ୍ଗେ ମେରି ଜାନ୍' ୟୁଟ୍ୟୁବରେ ସୁପରହିଟ୍ ହୋଇଥିଲା। ନିଜ ଭିଡିଓଗୁଡ଼ିକରେ ପ୍ରାୟତଃ ବନ୍ଧୁକ, ଅସ୍ତ୍ରଶସ୍ତ୍ର ବ୍ୟବହାର ଦେଖାଇ ସେ ଚର୍ଚ୍ଚାରେ ରହୁଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ସଙ୍ଗୀତ ଜଗତ ଓ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଇରାନ ସହ ଗୁପ୍ତ ତୈଳ କାରବାର

### ଭାରତୀୟ ସଂସ୍ଥା ଉପରେ କଟକଣା



ୱାସିଂଟନ/ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଇରାନ ସହିତ ପ୍ରାୟ ୧୧.୯ କୋଟି ଆମେରିକୀୟ ଡଲାର ମୂଲ୍ୟର ବେଆଇନ ତୈଳ ଓ ପେଟ୍ରୋକେମିକାଲ୍ କାରବାର ଅଭିଯୋଗରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ୪ଟି ଭାରତୀୟ କମ୍ପାନୀ ଏବଂ ୩ ଜଣ ଭାରତୀୟ ନାଗରିକଙ୍କ ଉପରେ ଆର୍ଥିକ କଟକଣା ଲଗାଇଛି। ଆମେରିକା ଟ୍ରେଜେରି ବିଭାଗ ଏହାକୁ 'ଆର୍ଥିକ ଡି-ଡେ' ଭାବେ ବର୍ଣ୍ଣନା କରିଛି। ଏହି ପରିପ୍ରେକ୍ଷିରେ ଆମେରିକା ପ୍ରଶାସନ ୪ଟି ଭାରତୀୟ ସଂସ୍ଥା ଉପରେ କଟକଣା ଲଗାଇଛି। ସେମାନଙ୍କ ମଧ୍ୟରେ ରହିଛି ସଦାଶିବ ଓଭରସିଜ୍ ଲିମିଟେଡ୍। ଏହି ସଂସ୍ଥାଟି ଫେବୃଆରୀ ୨୦୨୪ ରୁ ଜୁନ୍ ୨୦୨୫ ମଧ୍ୟରେ ପ୍ରାୟ ୬.୯ କୋଟି ଡଲାର ମୂଲ୍ୟର ଇରାନୀୟ ପେଟ୍ରୋଲିୟମ ଦ୍ରବ୍ୟ ଆମଦାନୀ କରିଥିବା ଅଭିଯୋଗ ହୋଇଛି। ପିପି ସଫ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପ୍ରକୃତିଜ୍ ଇନଫ୍ରା ଇମ୍ପେକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍। ଏହି ଦୁଇଟି କମ୍ପାନୀ ପ୍ରତ୍ୟେକ ପ୍ରାୟ ୨.୫ କୋଟି ଡଲାର ଲେଖାଁ ମୂଲ୍ୟର ଇରାନୀୟ ପେଟ୍ରୋଲିୟମ ଦ୍ରବ୍ୟ ଆମଦାନୀ କରିଥିବା ନେଇ ଆମେରିକା ଅଭିଯୋଗ କରିଛି। ସେହିପରି ଭାରତୀୟ କଷ୍ଟମ୍ସ ବ୍ରୋକର ସଂସ୍ଥା ପୋର୍ଟଇଜ୍ ପାର୍ଟନର୍ସ ଏଲ୍‌ଏଲ୍‌ପି ଇରାନରୁ ବିଭିନ୍ନ ପେଟ୍ରୋକେମିକାଲ୍ ଦ୍ରବ୍ୟ ଭାରତକୁ ଆମଦାନୀ କରିବା ପ୍ରକ୍ରିୟାକୁ ସହଜ କରିବା ଏବଂ ଏଥିରେ ସହାୟତା କରିବା ଅଭିଯୋଗରେ କଟକଣାର ସମ୍ମୁଖୀନ ହୋଇଛି। ଏହାସହିତ ଆମେରିକା ୩ ଜଣ ଭାରତୀୟ ନାଗରିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେମାନେ ହେଲେ ପିପି ସଫ୍ଟଟେକର ନିର୍ଦ୍ଦେଶକ ପ୍ରଶାନ୍ତ ଗର୍ଗ, ପୋର୍ଟଇଜ୍ ପାର୍ଟନର୍ସର ଦୁଇ ଅଂଶୀଦାର ଇଦ୍ରିସମିଆ ଆଶାରାଫମିଆ ଶେଖ ଏବଂ ହରିଶ ରାମଚନ୍ଦ୍ର ରଙ୍ଗୀ। ପୂର୍ବରୁ ଆମେରିକା ଗତ ବର୍ଷ ଜୁଲାଇ ମାସରେ ୬ଟି ଭାରତୀୟ ସଂସ୍ଥା ଏବଂ ୩ ଜଣ ଭାରତୀୟଙ୍କୁ ଏବଂ ଚଳିତ ବର୍ଷ ଫେବୃଆରୀରେ ଅନ୍ୟ ୪ଟି କମ୍ପାନୀକୁ ଇରାନ ସହ କାରବାର ପାଇଁ କଟକଣା ତାଲିକାଭୁକ୍ତ କରିଥିଲା। ବର୍ତ୍ତମାନର ଏହି ନୂତନ ତାଲିକାରେ ବିଶ୍ୱବ୍ୟାପୀ ପ୍ରାୟ ୬୦ ଜଣ ବ୍ୟକ୍ତିବିଶେଷ, ସଂସ୍ଥା ଏବଂ ଜାହାଜ ସାମିଲ ଅଛନ୍ତି। ତେବେ ଆମେରିକାର ଏହି ଚାପ ପ୍ରକ୍ରିୟାକୁ ତେହେରାନ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଛି। ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହି ନୂତନ କଟକଣାକୁ ଅନ୍ତର୍ଜାତୀୟ ଆଇନ ଏବଂ ମିଳିତ ଜାତିସଂଘର ଚାର୍ଟର ପ୍ରତି ଏକ ଖୋଲା ଧମକ ବୋଲି ଦର୍ଶାଇଛି।

## ଦିଲ୍ଲୀରେ ଧରାପଡ଼ିଲା ନକଲି କର୍କଟ ରୋଗ ଔଷଧ ରାକେଟ୍

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଦିଲ୍ଲୀ ପୁଲିସ କ୍ରାଇମ ବ୍ରାଞ୍ଚ ଏକ ବଡ଼ ଧରଣର ଆନ୍ତଃରାଜ୍ୟ ନକଲି ଓ ଅପମିଶ୍ରିତ କର୍କଟ ରୋଗ (କ୍ୟାନ୍‌ସର) ଔଷଧ କାରବାର କରୁଥିବା ରାକେଟ୍ ପର୍ଦ୍ଦାଫାଶ କରିଛି। ଏହି ନକଲି ଔଷଧଗୁଡ଼ିକ ରାଜସ୍ଥାନ ସରକାରଙ୍କ ଏକ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ସରକାରୀ ଡାକ୍ତରଖାନାକୁ ଯୋଗାଇ ଦିଆଯାଉଥିବା ଔଷଧ ମଧ୍ୟରୁ ଜବତ କରାଯାଇଛି। ଏହି ଘଟଣା ପରେ ରାଜସ୍ଥାନର ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦ୍ର ସିଂହ ଖିମସର ତୁରନ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ରାକେଟ୍ ପ୍ରଥମେ ପ୍ରକୃତ କର୍କଟ ରୋଗ ଔଷଧର ଶିଶି ଗୁଡ଼ିକୁ ଚୋରି କରୁଥିଲେ। ଏହାପରେ ସେଥିରୁ ଅସଲି ଔଷଧ ବାହାର କରି ସେଥିରେ ଅନ୍ୟ ଏକ ତରଳ ପଦାର୍ଥ (ପ୍ରାୟତଃ ପାଣି) ଭର୍ତ୍ତି କରି କଳାବଜାରରେ ବିକ୍ରି କରୁଥିଲେ। ଏହି କାରବାରରେ 'ଆଭେଲୁମାବ' ନାମକ ଏକ ଅତ୍ୟନ୍ତ ମୂଲ୍ୟବାନ କର୍କଟ ରୋଗ ଔଷଧ ସନ୍ଦେହ ଘେରରେ ରହିଛି। ଏହି ଔଷଧର ଗୋଟିଏ ଶିଶିର ମୂଲ୍ୟ ଦିଲ୍ଲୀରେ ପ୍ରାୟ ୧ ଲକ୍ଷ ଟଙ୍କା ଥିଲା। ଦିଲ୍ଲୀ ପୁଲିସର କ୍ରାଇମ ବ୍ରାଞ୍ଚ ଜବତ ହୋଇଥିବା ଏହି ସନ୍ଦେହଜନକ ଔଷଧଗୁଡ଼ିକୁ ସମ୍ପୃକ୍ତ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଜରିଆରେ ଜର୍ମାନୀର 'ମର୍କ' ଲାବୋରେଟୋରୀରେ ପରୀକ୍ଷା କରାଇଥିଲେ। ପରୀକ୍ଷଣ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, ଶିଶିଗୁଡ଼ିକରେ କର୍କଟ ରୋଗ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା କୌଣସି ପ୍ରକାର ସକ୍ରିୟ ଉପାଦାନ ଆଦୌ ନଥିଲା।

**ଔଷଧ ବଦଳରେ ଶିଶିରେ ଭର୍ତ୍ତି ହେଉଥିଲା ପାଣି**

ଏଥିମଧ୍ୟରୁ ୪ଟି ଶିଶି ବିକାନେରର ଏକ ସରକାରୀ ଡାକ୍ତରଖାନାକୁ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ ଗୁରୁତର ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଜୀବନରକ୍ଷାକାରୀ ଔଷଧଗୁଡ଼ିକରେ ଏଭଳି ଅପମିଶ୍ରଣ ହୋଇଥିବାରୁ, ରୋଗୀମାନେ ପ୍ରଚୁର ଅର୍ଥ ବ୍ୟୟ କରିବା ସତ୍ତ୍ୱେ ସେମାନଙ୍କ ଜୀବନ ପ୍ରତି ଗମ୍ଭୀର ସ୍ୱାସ୍ଥ୍ୟଗତ ବିପଦ ସୃଷ୍ଟି ହୋଇଛି। ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଗଜେନ୍ଦ୍ର ସିଂହ କହିଛନ୍ତି।

## ପାକିସ୍ତାନ ହସ୍ପିଟାଲରେ ନିଆଁ

### ଜଳିଗଲେ ୧୫ ନବଜାତ ଶିଶୁ

ଇସଲାମାବାଦ, ୨୬।୮ (ଏଜେନ୍ସି): ପାକିସ୍ତାନର ରାଜଧାନୀ ଇସଲାମାବାଦସ୍ଥିତ 'ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍' (ପିଆଏମ୍‌ଏସ୍) ହସ୍ପିଟାଲର ପ୍ରସୂତି ବିଭାଗରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୫ ଜଣ ନବଜାତ ଶିଶୁଙ୍କ ପ୍ରାଣହାନି ଘଟିଛି। ସୂଚନା ଅନୁଯାୟୀ, ୱାର୍ଡର ତୃତୀୟ ମହଲାରେ ଥିବା ନର୍ସରୀରେ ଏସିର କମ୍ପ୍ରେସର ବିସ୍ଫୋରଣ ହେବା ଯୋଗୁଁ ସକାଳ ପ୍ରାୟ



୬ଟାରେ ଏହି ନିଆଁ ଲାଗିଥିଲା। ଅଗ୍ନିକାଣ୍ଡ ସମୟରେ ଉକ୍ତ ନର୍ସରୀରେ ମୋଟ ୧୬ ଜଣ ନବଜାତ ଶିଶୁ ଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ଜଣେ ଶିଶୁକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପାରିଥିବା ବେଳେ ଅନ୍ୟ ୧୫ ଜଣ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଜିଲ୍ଲା ପ୍ରଶାସନର ସୂଚନା ମୁତାବକ, ମୃତ୍ୟୁବରଣ କରିଥିବା ୧୫ ଜଣଙ୍କ ମଧ୍ୟରୁ ୧୪ ଜଣ ଶିଶୁ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଛନ୍ତି। ଖବର ପାଇ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପିତାମାତାଙ୍କୁ ସମବେଦନା ଜଣାଇଛନ୍ତି।

## ରୁଷ୍‌ର ଗୁପ୍ତ ଗସ୍ତରେ ସିଆଇଏ ମୁଖ୍ୟ

ମସ୍କୋ/ୱାସିଂଟନ, ୨୬।୮ (ଏଜେନ୍ସି): ଆମେରିକାର ପ୍ରମୁଖ ଗୁପ୍ତଚର ସଂସ୍ଥା ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍‌ଙ୍କ ଗୋପନୀୟ ରୁଷିଆ ଗସ୍ତ ସାରା ବିଶ୍ୱରେ ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ମଙ୍ଗଳବାର ସେ ମସ୍କୋ ଗସ୍ତ କରି ରୁଷିଆର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ସୁରକ୍ଷା ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ରାଟକ୍ଲିଫ୍‌ଙ୍କ ଗସ୍ତ ସମୟରେ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳରେ ସାମରିକ ଆକ୍ରମଣ ସାମୟିକ ଭାବେ ବନ୍ଦ ରଖିବାକୁ ଆମେରିକା ପକ୍ଷରୁ ୟୁକ୍ରେନକୁ ଅନୁରୋଧ କରାଯାଇଥିଲା।

**■ ପରମାଣୁ ଆକ୍ରମଣର ଆଶଙ୍କା ନା ଇରାନ ସଙ୍କଟକୁ ନେଇ ରଣନୀତି?**

ତେବେ ଏହି ରହସ୍ୟମୟ ଗସ୍ତ ପଛରେ ସାମରିକ କାରଣ ଥିବା ବିଶେଷଜ୍ଞମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଆମେରିକାର ଜାତୀୟ ଗୁପ୍ତଚର ସଂସ୍ଥାର ପୂର୍ବତନ ଉପ-ନିର୍ଦ୍ଦେଶକ ବେଥ୍ ସାନରଙ୍କ ଅନୁସାରେ, ରୁଷର କୌଣସି ଗୁରୁତର ପଦକ୍ଷେପ ବିରୋଧରେ ପୁଟିନ ପ୍ରଶାସନକୁ ଚେତାବନୀ ଦେବା ପାଇଁ ରାଟକ୍ଲିଫ୍ ଏହି ଗସ୍ତ କରିଥାଇପାରନ୍ତି। ଏଥିସହିତ, ରୁଷିଆ ପକ୍ଷରୁ ୟୁକ୍ରେନ ଉପରେ ପରମାଣୁ ଆକ୍ରମଣର ଯୋଜନା ରହିଥିବା ଆମେରିକାର ବିଶିଷ୍ଟ ରାଜନୈତିକ ବିଶେଷଜ୍ଞ ଗର୍ଡ଼ନ୍ ଜି. ଚାଙ୍ଗ ଆଶଙ୍କା ପ୍ରକଟ କରିଛନ୍ତି। ଅନ୍ୟ ଏକ ପ୍ରମୁଖ ତଥ୍ୟ ଅନୁସାରେ, ଏହି ଗସ୍ତର ଉଦ୍ଦେଶ୍ୟ ୟୁକ୍ରେନ ନୁହେଁ ବରଂ ଇରାନ ସଙ୍କଟ ସହ ଜଡ଼ିତ।

## ୨୦ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ନୋଟିସ୍



ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି)ର ୨୦ ଜଣ ବିଦ୍ରୋହୀ ସାଂସଦଙ୍କ ବିରୋଧରେ ଲୋକସଭା ସଚିବାଳୟ ନୋଟିସ ଜାରି କରିଛି। ୭ ଦିନ ମଧ୍ୟରେ ସେମାନଙ୍କ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛି। ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ ହୋଇଥିବା ସାଂସଦ ପଦ ରଦ୍ଦ ଆବେଦନ ଆଧାରରେ ଏହି ନୋଟିସ ପଠାଯାଇଛି। ଏହି ସାଂସଦମାନେ ଟିଏମସି ଛାଡ଼ି ତ୍ରିପୁରା ଭିତ୍ତିକ 'ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ' (ଏନ୍‌ସିପିଆଇ) ରେ ସାମିଲ ହୋଇଥିଲେ। ଟିଏମସି ପକ୍ଷରୁ ଦାବି କରାଯାଇଛି ଯେ ସାଂସଦମାନେ ସ୍ୱେଚ୍ଛାକୃତ ଭାବେ ଦଳୀୟ ସଦସ୍ୟତା ପ୍ରତ୍ୟାହାର କରିଛନ୍ତି। ଏହା ଦଳବଦଳ ଆଇନର ଉଲ୍ଲଂଘନ ଅଟେ। ଅନ୍ୟପଟେ ବିଦ୍ରୋହୀ ସାଂସଦମାନେ ଏହାକୁ ଏକ ବୈଧ ମିଶ୍ରଣ ବୋଲି ଦର୍ଶାଇଛନ୍ତି। ଏହି ବିଦ୍ରୋହୀ ସାଂସଦମାନଙ୍କ ମଧ୍ୟରେ ସୁଦୀପ ବନ୍ଦୋପାଧ୍ୟାୟ, କାକୋଲି ଘୋଷ ଦସ୍ତିଦାର, ଶତାବ୍ଦୀ ରାୟ ଏବଂ ୟୁସୁଫ ପଠାନଙ୍କ ଭଳି ପ୍ରମୁଖ ନେତାମାନେ ସାମିଲ ଅଛନ୍ତି।



# ରୋଡ୍‌ମ୍ୟାପ୍ ବିନା ୨୦୩୬ ଲକ୍ଷ୍ୟ ଅସମ୍ଭବ

- ସରକାରଙ୍କ ସ୍ୱପ୍ନ ଧୂଆଁବାଣ, ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ: ଭକ୍ତ ଦାସ
- ୧୪ରୁ ୧୬ ପ୍ରତିଶତ ଅଭିବୃଦ୍ଧି ହାରର ଆବଶ୍ୟକତା ରହିଛି: ଦେବୀ ମିଶ୍ର
- ବ୍ୟକ୍ତିଗତ ବିକାଶରେ ସାମୂହିକ ବିକାଶ ହୁଏନାହିଁ: କୁମରବର ଦାସ



ଭୁବନେଶ୍ୱର,୨୬।୮(ସମିସ): ଆଗାମୀ ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୁରଣ ହେବାକୁ ଯାଉଛି। ରାଜ୍ୟ ସରକାର ଓଡ଼ିଶାକୁ ଏକ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବାକୁ ସ୍ୱପ୍ନ ଦେଖୁଛନ୍ତି। ୨୦୩୬ରେ ମସିହା ସୁଦ୍ଧା ରାଜ୍ୟର ଅର୍ଥନୀତି ୫୦୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଏକ ଭିଜନ୍ ଡକ୍ୟୁମେଣ୍ଟ ମଧ୍ୟ ସର୍ବଜନୀନ କରାଯାଇଛି। ଏହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାକୁ ଏକ ସୁଚିନ୍ତିତ ରୋଡ୍‌ମ୍ୟାପ୍‌ର ଆବଶ୍ୟକତା ରହିଛି ବୋଲି ସକାଳ ଖବରକାଗଜ ଏବଂ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ଓଡ଼ିଶା ଅଭ୍ୟୁଦୟ କନ୍‌କ୍ଲେଭରେ ବିଭିନ୍ନ ରାଜନୈତିକ ଦଳର ନେତା ଓ ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି।

'୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଓ ସଙ୍କଳ୍ପ' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ରାଜ୍ୟରେ ଏବେ ଅରାଜକତା ଚାଲିଛି । ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ସ୍କୁଲ ଶିକ୍ଷକ ଧାରଣାରେ, ଚାଷୀ ଅଭାବୀ ବିକ୍ରିର ଶିକାର, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ରାଜ୍ୟରେ ନିବେଶ ପାଇଁ ରାଜି ହୋଇଥିବା ନିବେଶକ ଓହରି ଗଲେଣି। ପୂର୍ବ ସରକାର ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲାରେ ଭଲ କାମ କରିଥିଲେ ଏବେ ବିପର୍ଯ୍ୟୟ ପରିଚାଳନା ବେଳେ ମୃତ୍ୟୁ ସଂଖ୍ୟା ବଢୁଛି। ମାତ୍ର ସରକାର ୨୦୨୭ ପରିବର୍ତ୍ତେ ୨୦୩୬ କଥା ଚିନ୍ତା କରୁଛନ୍ତି। ଏପରିକି ଭିଜନ ଡକ୍ୟୁମେଣ୍ଟରେ ଦେଖାଯାଇଥିବ ସ୍ୱପ୍ନରେ କେବଳ ପୁଞ୍ଜିପତିଙ୍କୁ ଫାଇଦା ପହଞ୍ଚାଇବା ଜଳଜଳ ଦିଶୁଛି ଓଡ଼ିଶାବାସୀଙ୍କ ସାମଗ୍ରିକ କିମ୍ବା ମାନବ ସମ୍ବଳର ବିକାଶ ହୋଇ ପାରୁନାହିଁ। ଶହ ଶହ ଖଣିକୁ ସରକାର ପୁଞ୍ଜିପତିଙ୍କୁ ବାଣ୍ଟି ଚାଲିଛନ୍ତି। ରାଜ୍ୟ ସରକାରଙ୍କ ୨୦୩୬ ବିକାଶ ସ୍ୱପ୍ନ କେବଳ ଧୂଆଁବାଣ ଓ ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି କହିଛନ୍ତି ଶ୍ରୀ ଦାସ। ବିଜେଡି ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ରାଜ୍ୟ ସରକାର ଧାର୍ଯ୍ୟ କରିଥିବ ବିକାଶ ଲକ୍ଷ୍ୟକୁ ହାସଲ କରିବାକୁ ହେଲେ ୧୪ରୁ ୧୬ ପ୍ରତିଶତ ଅଭିବୃଦ୍ଧି ହାରର ଆବଶ୍ୟକତା ରହିଛି। ନ ହେଲେ ୨୦୩୬ ସ୍ୱପ୍ନକୁ ସାକାର କରି ହେବ ନାହିଁ। ଶିଳ୍ପର ଅଭିବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ପୂର୍ବ ସରକାରଙ୍କ ଦ୍ୱାରା ହୋଇଥିବା ଦୃଷ୍ଟାନ୍ତମୂଳକ କାର୍ଯ୍ୟ ଯଥା ଲୋକଙ୍କ ମୁଣ୍ଡପିଛା ଆୟରେ ଅଭିବୃଦ୍ଧି, ରୋଜଗାର ଦେବା, ମହିଳା ସଶକ୍ତୀକରଣ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ହେଇଥିବା ଉଲ୍ଲେଖନୀୟ ସଫଳତା ପରେ ବି ଗତ ୨ବର୍ଷ ହେବ ଓଡ଼ିଶା ପୁଣି ଏସବୁ କ୍ଷେତ୍ରରେ ରାଜ୍ୟ ପଛାଇବା ଆରମ୍ଭ କଲାଣି। ନବୀନ ବାବୁଙ୍କ ୨୪ ବର୍ଷର ସରକାରରେ ଲୋକଙ୍କ ସାମଗ୍ରିକ ବିକାଶ ହୋଇଛି। ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ ରହିଛି ଓ କେବଳ ଗଣମାଧ୍ୟମରେ ନ୍ୟୁଜ ପାଇଁ ସରକାର ହେଡ୍‌ଲିଂ ଦେଉଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଅନ୍ୟତମ ଅତିଥି ଭାବେ ଆଲୋଚନାରେ ଅଂଶ ଗ୍ରହଣ କରି ଅର୍ଥନୀତିଜ୍ଞ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ କହିଛନ୍ତି ଯେ ବିକାଶ ଏକ ପରିମାଣ ନୁହେଁ ଏହା ଏକ ପ୍ରକ୍ରିୟା। ଏହାକୁ ହାସଲ କରିବାକୁ ହେଲେ ସୁଚିନ୍ତିତ ରୋଡ୍‌ମ୍ୟାପର ଆବଶ୍ୟକତା ରହିଛି। ଏହା ସହ ବିକାଶ ସବୁବେଳେ ସାମଗ୍ରିକ ଏବଂ ଦୀର୍ଘସ୍ଥାୟୀ ହେବା ଆବଶ୍ୟକ। ବ୍ୟକ୍ତିଗତ ବିକାଶରେ ସାମୂହିକ ବିକାଶ ହୁଏ ନାହିଁ। ତେଣୁ ୫୦୦ ବିଲିୟନ୍ ଅର୍ଥନୀତିରେ ଲୋକଙ୍କ ବିକାଶ ରହିବା ଆବଶ୍ୟକ। ଅର୍ଥନୀତିର ମେରୁଦଣ୍ଡ ହେଉଛି କୃଷି, ଶିକ୍ଷା, ଶିଳ୍ପ ଭଳି ଉପାଦାନ। ତେଣୁ ମେରୁଦଣ୍ଡକୁ ପ୍ରଥମେ ସଜାଡିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ସକାଳ ଓ ନନ୍ଦିଘୋଷର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସକାଳ ଓ ନନ୍ଦିଘୋଷର ମୁଖ୍ୟ ସମ୍ପାଦକ ସମରେନ୍ଦୁ ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ବିଶ୍ୱର ରୋଲ୍ ମଡେଲ

ଭୁବନେଶ୍ୱର, ୨୬।୮(ସମିସ): ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ସମଗ୍ର ବିଶ୍ୱର ରୋଲ୍‌ମଡେଲ୍। ୧୯୯୯ କରାଳ ମହାବାତ୍ୟା ପରଠାରୁ ନିଜର ବିପର୍ଯ୍ୟୟ ମୁକାବିଲା ନୀତିରେ ପରିବର୍ତ୍ତନ କରି ଶୂନ୍ୟ ମୃତ୍ୟୁହାର (ଜିରୋ କାଜୁଆଲିଟି) ସଫଳତା ହାସଲ କରିପାରିଛି। ପ୍ରଥମ ରାଜ୍ୟ ଭାବେ 'ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ' (ଓସଡ଼ମା) , ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ 'ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ' (ଓଡ୍ରାଫ୍) ଗଠନ, ସହସ୍ରାଧିକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ, ପାଣିପାଗ ବିଭାଗର ସଠିକ୍ ପୂର୍ବାନୁମାନ ଓ ବୈଷୟିକ ଜ୍ଞାନ ଏବଂ ବ୍ୟାପକ ସଚେତନତା ବଳରେ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ବିପର୍ଯ୍ୟୟ ଯୋଦ୍ଧା ପାଲଟିଛି। ଗତ ୨୫ବର୍ଷରେ ଓଡ଼ିଶା ପ୍ରସ୍ତୁତ କରିଥିବା ଢ଼ାଞ୍ଚା ଓ ଏସ୍‌ଓପି ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜୀବନହାନିକୁ ରୋଧିବାକୁ ସମର୍ଥ ହୋଇଛି ଓ କ୍ଷୟକ୍ଷତିକୁ ସୀମିତ ରଖିବାକୁ ସକ୍ଷମ ହୋଇଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ସକାଳ ଓ ନନ୍ଦିଘୋଷ ପକ୍ଷରୁ ଅନୁଷ୍ଠିତ 'ଓଡ଼ିଶା ଅଭ୍ୟୁଦୟ' କାର୍ଯ୍ୟକ୍ରମର 'ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରୋଲ୍‌ମଡେଲ୍'ଶୀର୍ଷକ ଆଲୋଚନାରେ ଭାଗ ନେଇ ଆଇଏମ୍‌ଡ଼ିର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପୂର୍ବାନୁମାନ, ଉପଯୁକ୍ତ ସୂଚନା, ପ୍ରସ୍ତୁତି ଓ ନିରାକରଣ ପ୍ରକ୍ରିୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆବଶ୍ୟକ ଭିତ୍ତିଭୂମି, ଗ୍ରାଉଣ୍ଡ ରିଆଲିଟି ସମ୍ପର୍କରେ ଅବଗତ ହେବା ସହ ସମସ୍ତେ ସଚେତନ ଓ ଜାଗ୍ରତ ରହି ପଦକ୍ଷେପ ନେଲେ ବାତ୍ୟା ମୁକାବିଲା କରାଯାଇ ପାରିବ। ଯାହା ଓଡ଼ିଶା ପ୍ରମାଣିତ କରିବା ସହିତ ଅନ୍ୟ ରାଜ୍ୟ, ଦେଶ ଓ ବିଶ୍ୱ ପାଇଁ ଉଦାହରଣ ପାଲଟିଛି। ପୂର୍ବରୁ ବୈଷୟିକ ଜ୍ଞାନକୌଶଳର ଅଭାବ କାରଣରୁ ଏସବୁ ବିଶ୍ଳେଷଣ ବିଳମ୍ବ ହେଉଥିଲା । କେବଳ ତଥ୍ୟ ସଂଗ୍ରହ ପାଇଁ ୩ ରୁ ୬ ଘଣ୍ଟା ଲାଗୁଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଏହି ପ୍ରକ୍ରିୟା ଦ୍ରୁତ ହୋଇଛି ଓ କ୍ଷଣକ ମଧ୍ୟରେ ସବୁ ପୂର୍ବାନୁମାନର ସଠିକ୍ ଆକଳନ କରାଯାଇପାରୁଛି। ଏକ ସମୟରେ ଆଇଏମ୍‌ଡି ସେତେବେଳେ ଯେଉଁ ବିବରଣୀ ଦେଉଥିଲା, ଲୋକମାନେ ତାକୁ ବିଶ୍ୱାସ କରୁନଥିଲେ। ସୂଚନା ପହଞ୍ଚିବା ବେଳକୁ ବାତ୍ୟାଟି ପ୍ରାୟ ୧୫୦ କିଲୋମିଟର ଆଗକୁ ଚାଲି ଯାଉଥିଲା। ଏବେ ବହୁ ପୂର୍ବରୁ ଲୋକଙ୍କ ପାଖରେ ନିରନ୍ତର ଭାବେ ସଠିକ୍ ତଥ୍ୟ ପହଞ୍ଚି ପାରୁଥିବାରୁ ଆଇଏମ୍‌ଡି ବିଶ୍ୱାସ ଭାଜନ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଅଗ୍ରଣୀ ଭୂମିକା ନିଭାଇ ପାରୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିସନର୍ (ଏସ୍‌ଆର୍‌ସି) ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ ୧୯୯୯ ମହାବାତ୍ୟା ଓଡ଼ିଶାକୁ ଦୋହଲାଇ ଦେଇଥିଲା। ମହାବାତ୍ୟା ସମୟରେ ପବନର ବେଗ କେତେ ଥିଲା, ତାହା ମଧ୍ୟ ସଠିକ୍ ଭାବେ ଆକଳନ କରାଯାଇନଥିଲା। ପାରାଦୀପ ପୋର୍ଟରେ ଥିବା ଯନ୍ତ୍ରର କଣ୍ଟାଟି ଶେଷ ଜାଗାରେ ଅଟକି ଯାଇଥିଲା। ସରକାରୀ ତଥ୍ୟ ଅନୁଯାୟୀ ୧୨,୬୪୨ ଲୋକ ପ୍ରାଣ ହରାଇଥିଲେ। ଦୁର୍ଦ୍ଦିନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ଓଡ଼ିଶାରେ ଭିତ୍ତିଭୂମିର ଅଭାବ ଥିଲା। ଏହି ବିପତ୍ତିକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଓଡ଼ିଶା ସରକାର ସ୍ଥାୟୀ ମୁକାବିଲା କରିବାକୁ ଯୋଜନା ପ୍ରସ୍ତୁତ କଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟ ଆରମ୍ଭ କଲେ। ପ୍ରଥମ କରି ଓସଡ଼ମା ପ୍ରତିଷ୍ଠା କରିବା ସହ




- ସଙ୍କଟ ଦେଖାଇଥିଲା ବିପର୍ଯ୍ୟୟ ମୁକାବିଲାର ବାଟ: ପ୍ରଦୀପ୍ତ ମହାପାତ୍ର
- ଲୋକଙ୍କ ବିଶ୍ୱାସଭାଜନ ହୋଇଛି ଆଇଏମ୍‌ଡି: ମୃତ୍ୟୁଞ୍ଜୟ ମହାପାତ୍ର
- ବିଶ୍ୱରେ 'ଗ୍ଲୋବାଲ୍ ମୋଡେଲ୍' ଓଡ଼ିଶା: ବିଭୂତି ଭୂଷଣ ଗଡ଼ନାୟକ


ଓଡ୍ରାଫ୍ ଗଠନ, ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରି ରାଜ୍ୟକୁ ପ୍ରସ୍ତୁତ କରିଥିଲେ। ମହାବାତ୍ୟାର ପ୍ରାୟ ୧୨-୧୩ ବର୍ଷ ପରେ ବାତ୍ୟା ଫାଇଲିନ୍ ଆସିଲା। ଏହା ପରବର୍ଷ ବାତ୍ୟା ହୁଦ୍‌ହୁଦ୍ ଆସିଲା। ଏସବୁ ବାତ୍ୟା ବ୍ୟାପକ କ୍ଷୟକ୍ଷତି କରିଥିଲେ ମଧ୍ୟ କୌଣସି ଜୀବନହାନି ହୋଇ ନଥିଲା। ନବୀନ ପଟ୍ଟନାୟକଙ୍କ 'ଜିରୋ କାଜୁଆଲିଟି' ମିଶନ ପ୍ରାୟତଃ ସଫଳ ହୋଇଥିଲା। ବାତ୍ୟା ପରବର୍ତ୍ତୀ ପୁନଃନିର୍ମାଣ କାର୍ଯ୍ୟ ଅନ୍ୟ ଏକ ଆହ୍ୱାନ ହୋଇଥିଲେ ମଧ୍ୟ ଏହାକୁ ତ୍ୱରିତ ବେଗରେ କରିଥିବାରୁ ଓଡ଼ିଶା ଦେଶ ସମେତ ବିଶ୍ୱରେ ପ୍ରଶଂସିତ ହୋଇଥିଲା, ଜାତିସଂଘ ଓଡ଼ିଶାକୁ ସମ୍ମାନିତ କରିଥିଲା। ଏପରିକି ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଏ କ୍ଷେତ୍ରରେ ଉଦାହରଣ ପାଲଟିଥିଲା ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ ତଥା ଜାତିସଂଘ ପରାମର୍ଶଦାତା ବିଭୂତି ଭୂଷଣ ଗଡ଼ନାୟକ କହିଛନ୍ତି ଯେ ଅନ୍ତର୍ଜାତୀୟ ସ୍ତରରେ ଡିଜାଷ୍ଟର ରିସ୍କ ରିଡକସନ୍ (ଡିଆର୍‌ଆର୍) କଥା ଉଠିଲେ ଓଡ଼ିଶାର ତିନୋଟି ମୁଖ୍ୟ ପଦକ୍ଷେପକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଏ। ସମୁଦାୟ ସଚେତନତା, ସଠିକ୍ ସୂଚନାର ତୁରନ୍ତ ରୂପାୟନ ଏବଂ ସଂସ୍ଥାଗତ ସୁଦୃଢ଼ୀକରଣ (ଇନ୍‌ଷ୍ଟିଚ୍ୟୁସନାଲ୍ ମେକାନିଜିମ୍) ମାଧ୍ୟମରେ କିପରି ବିପର୍ଯ୍ୟୟ ପରିଚାଳନା କରାଯାଏ, ସେ ସମ୍ପର୍କରେ ଆଲୋଚନା ହୁଏ। ୧୯୯୯ ମହାବାତ୍ୟା ପରେ କେବଳ ସରକାରୀ ସ୍ତରରେ ନୁହେଁ, ଓଡ଼ିଶାର ଗ୍ରାମାଞ୍ଚଳରେ ମଧ୍ୟ 'ସାଇକ୍ଲୋନ୍ ସେଲ୍ଟର ମ୍ୟାନେଜମେଣ୍ଟ କମିଟି' ଗଠନ କରାଗଲା। ନିଜେ ନିଜର ସୁରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ପାଇଁ ଲୋକଙ୍କୁ ଶିଖାଗଲା। ଏହା ସବୁଠାରୁ ଅଧିକ ଫଳପ୍ରଦ ହୋଇପାରିଛି। ଓଡ଼ିଶାର ଓସଡ଼ମା ପରି ପରବର୍ତ୍ତୀ ସମୟରେ ଭାରତ ସରକାର ମଧ୍ୟ ଏନ୍‌ଡିଆର୍‌ଏଫ୍ ପ୍ରତିଷ୍ଠା କରିବା ସହ ଜାତୀୟ ବିପର୍ଯ୍ୟୟ ପରିଚାଳନା ନିୟମ କରିଥିଲେ। ଯାହାର ମୂଳ ପ୍ରେରଣା ଓଡ଼ିଶାରୁ ହିଁ ମିଳିଥିଲା। ଅନୁରୂପ ଭାବେ ଆଇଏମ୍‌ଡିର ସଠିକ୍ ଓ ଆଗୁଆ ସୂଚନାକୁ ପ୍ରଶାସନ ତୁରନ୍ତ ଗ୍ରହଣ କରି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାରୁ ଶୂନ୍ୟ ମୃତ୍ୟୁହାର ହାସଲ ହୋଇପାରିଛି। ଫାଇଲିନ୍ ସମୟରେ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରିବା ବିଶ୍ୱ ଇତିହାସରେ ଏକ ନୂଆ କୀର୍ତ୍ତିମାନ ଥିଲା। ଯେଉଁଥିପାଇଁ ଜାତିସଂଘ ଓଡ଼ିଶାକୁ ପ୍ରଶଂସା କରିବା ସହ ଅନ୍ୟ ବିକାଶଶୀଳ ଦେଶମାନଙ୍କ ପାଇଁ ଓଡ଼ିଶାକୁ ଗୋଟିଏ 'ଗ୍ଲୋବାଲ୍ ମୋଡେଲ୍' ଭାବରେ ଉପସ୍ଥାପନ କରିଛି ବୋଲି ସେ କହିଛନ୍ତି ।

# ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ଦେଶରେ ସର୍ବୋତ୍ତମ

ଭୁବନେଶ୍ୱର, ୨୬।୮(ସମିସ): ଓଡ଼ିଶାରେ ଆଜି କ୍ରୀଡ଼ା ଭିତ୍ତିଭୂମିର ଅଭାବ ନାହିଁ। ଅତ୍ୟାଧୁନିକ ଷ୍ଟାଡିୟମ, ଏକାଡେମୀ, ପ୍ରଶିକ୍ଷଣ କେନ୍ଦ୍ର ରାଜ୍ୟର ଏକାଧିକ ଜିଲ୍ଲାରେ ଗଢ଼ି ଉଠିଛି। ଆମ ପାଖରେ ଭିତ୍ତିଭୂମି ରହିଛି, ସୁଯୋଗ ଅଛି। ତେଣୁ ଆଗାମୀ ଦିନରେ ଏହି ଭିତ୍ତିଭୂମିକୁ ସଦୁପଯୋଗ କରି ପ୍ରତିଭା ବାହାର କରିବା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଏହି ଭିତ୍ତିଭୂମିରୁ ଖେଳାଳି ବାହାରୁଛନ୍ତି କି ନାହିଁ, ତାହାର ନିୟମିତ ମୂଲ୍ୟାୟନ ଆବଶ୍ୟକ। ସେହିଭଳି ଅଭିଭାବକମାନେ ସେମାନଙ୍କ ପିଲା ପ୍ରତି କ୍ରୀଡ଼ାକୁ ନେଇ ସଚେତନ ହେବାର ସମୟ ଆସିଛି। କେବଳ ପାଠପଢ଼ାକୁ ଗୁରୁତ୍ୱ ଦେଇ କ୍ରୀଡ଼ାକୁ ଅବହେଳା କଲେ ଅନେକ ପ୍ରତିଭା ପ୍ରସ୍ଫୁଟିତ ହେବା ପୂର୍ବରୁ ହିଁ ହଜିଯାଇଥାନ୍ତି। ଅଭିଭାବକ ଯେମିତି ସେମାନଙ୍କ ପିଲା ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖିଥାନ୍ତି; ସେହିଭଳି ଭବିଷ୍ୟତରେ ପିଲାମାନଙ୍କୁ ବଡ଼ ଆଥଲେଟ କରି ଗଢ଼ିତୋଳିବାର ସ୍ୱପ୍ନ ମଧ୍ୟ ଦେଖିବା ଦରକାର ବୋଲି ବିଶିଷ୍ଟ କ୍ରୀଡ଼ାବିତ୍ ଓ ପ୍ରଶାସକମାନେ ମତବ୍ୟକ୍ତ କରିଛନ୍ତି ।

'ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିଛି ନୂଆ ସୁଯୋଗ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ଭାରତୀୟ କ୍ରିକେଟ ଦଳର ପୂର୍ବତନ ମ୍ୟାନେଜର ତଥା ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ କହିଛନ୍ତି ଯେ ୧୯୫୮ରେ ଭୈରବ ମହାନ୍ତି ବାରବାଟୀ ଷ୍ଟାଡିୟମ ପ୍ରତିଷ୍ଠା କରି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ଏକପ୍ରକାର ଭୂମିପୂଜନ କରିଥିଲେ। ଗତ ୪୦ ବର୍ଷରେ ରାଜ୍ୟରେ ଅନେକ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା କରାଯାଇଛି। ନବୀନ ପଟ୍ଟନାୟକ ସରକାର ଅବଦାନ ମଧ୍ୟ ଏ କ୍ଷେତ୍ରରେ ପ୍ରଶଂସନୀୟ। ୨ ହଜାର କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ହକି ସମେତ ଏକାଧିକ କ୍ରୀଡ଼ାର ଷ୍ଟାଡିୟମ ଓ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରି ନବୀନ ପଟ୍ଟନାୟକ ବିଶେଷ ଧନ୍ୟବାଦର ପାତ୍ର ହୋଇଛନ୍ତି। ମାତ୍ର ଏବେ ରାଜ୍ୟରେ କ୍ରୀଡ଼ା କ୍ଷେତ୍ର ଅବହେଳିତ । ଓଡ଼ିଶା କ୍ରିକେଟ ପ୍ରଶାସନରେ ଖେଳାଳି ବା ଖେଳାଳି ସୃଷ୍ଟି କରୁଥିବା ପ୍ରତିଷ୍ଠାନଙ୍କ ପ୍ରତିନିଧିତ୍ୱ ନାହିଁ। କ୍ରୀଡ଼ା ଭିତ୍ତିଭୂମିରୁ ଅଧିକ ପ୍ରତିଭା ବାହାର



କରିବା ଉପରେ ସରକାର ଓ କ୍ରୀଡ଼ା ସଂଗଠକ ଗୁରୁତ୍ୱ ଦେବା ଆବଶ୍ୟକ। ସେଠାରୁ ଖେଳାଳି ବାହାରୁଛନ୍ତି କି ନାହିଁ ତାହାର ମୂଲ୍ୟାଙ୍କନ ହେବା ଦରକାର। ସ୍କୁଲମାନଙ୍କରେ ନିଯୁକ୍ତି ପାଇଥିବା କ୍ରୀଡ଼ା ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଭାବରେ ଏନଆଇଏସ ଟ୍ରେନିଂ ଦିଆଯାଇ ବ୍ୟବସ୍ଥିତ କରାଯିବା ଉଚିତ। ସେହିଭଳି ରାଜ୍ୟର ବରିଷ୍ଠ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରଶାସକଙ୍କ ମତ ନେଇ ଏକ କ୍ରୀଡ଼ା ନିୟମ ପ୍ରସ୍ତୁତିର ଆବଶ୍ୟକତା ରହିଛି ବୋଲି ରଞ୍ଜୀବ କହିଛନ୍ତି ।

ଅର୍ଜ୍ଜୁନ ପୁରସ୍କାର ବିଜେତା କ୍ରୀଡ଼ାବିତ୍ ମିନତି ମହାପାତ୍ର କହିଛନ୍ତି ଯେ ବିଶାଳ ଭିତ୍ତିଭୂମି ଥିବା ସତ୍ତ୍ୱେ ରାଜ୍ୟରୁ ଆବଶ୍ୟକ ସଂଖ୍ୟାରେ ଖେଳାଳି ସୃଷ୍ଟି ହୋଇନପାରିବା ଚିନ୍ତାଜନକ। ଶୈଶବରୁ ପିଲାଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହ କରାଇବା ଓ କ୍ରୀଡ଼ା ପ୍ରତି ଅଭିଭାବକଙ୍କ ମନୋଭାବ ନ ବଦଳିଲେ ରାଜ୍ୟରେ କ୍ରୀଡ଼ାବିକାଶ ଅସମ୍ଭବ। ଅଭିଭାବକମାନେ ଛୁଆ ଜନ୍ମହେବା ପରେ ସେମାନଙ୍କ ପିଲା ଭବିଷ୍ୟତରେ ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖି ଚତୁର୍ଥ-ପଞ୍ଚମ ଶ୍ରେଣୀରୁ ସେହିଭଳି ସ୍ୱତନ୍ତ୍ର ଶିକ୍ଷା ପଢ଼ାଇଥାନ୍ତି। ବର୍ତ୍ତମାନ ପିଲାମାନଙ୍କୁ ବଡ଼ ଆଥଲେଟ୍ ଭାବେ ତିଆରି କରିବା ଅଭିଭାବକଙ୍କ ସ୍ୱପ୍ନ ହେବା ଉଚିତ। ବର୍ତ୍ତମାନର ପିଲାମାନେ ମୋବାଇଲ ଧରି ଏକପ୍ରକାର 'କୂପ ମଣ୍ଡୁକ' ହୋଇଗଲେଣି। ଆଉଟ-ଡୋର ଗେମକୁ ଆଉ ପସନ୍ଦ କରୁନାହାନ୍ତି ବୋଲି ମିନତୀ କ୍ଷୋଭର ସହ କହିଛନ୍ତି।

ଅପରପକ୍ଷରେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ର କହିଛନ୍ତି ଯେ ପୂର୍ବ ସରକାର ସମୟରେ କ୍ରୀଡ଼ା ଭିତ୍ତିଭୂମିରେ ଅଭୂତପୂର୍ବ ବିକାଶ ହୋଇଛି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ

- କ୍ରୀଡ଼ା ବିକାଶ କ୍ଷେତ୍ରରେ ନବୀନ ସରକାରଙ୍କ ଅବଦାନ ପ୍ରଶଂସନୀୟ: ରଞ୍ଜୀବ ବିଶ୍ୱାଳ
- ପିଲାଙ୍କୁ କ୍ରୀଡ଼ାବିତ୍ କରିବା ଅଭିଭାବକଙ୍କ ସ୍ୱପ୍ନ ହେବା ଆବଶ୍ୟକ: ମିନତି ମହାପାତ୍ର
- ସହାୟତା ଦେଇ ଭାରତୀୟ ହକିରେ ପ୍ରାଣ ସଞ୍ଚାର କରିଥିଲେ ନବୀନ: ସମ୍ବିତ୍ ମହାପାତ୍ର
- କ୍ରୀଡ଼ା ବିକାଶ ପାଇଁ ସରକାରଙ୍କୁ ତୃଣମୂଳରୁ ଯୋଜନା ଆରମ୍ଭ ଆବଶ୍ୟକ: ଅନୁରାଧା ବିଶ୍ୱାଳ

ପଟ୍ଟନାୟକଙ୍କ ସହଯୋଗ ଭାରତୀୟ ହକି ଦଳରେ ପ୍ରାଣସଞ୍ଚାର ହୋଇଛି। ବିକଶିତ ଭିତ୍ତିଭୂମି ଯୋଗୁଁ ରାଜ୍ୟରେ ଅନେକ ଆନ୍ତର୍ଜାତୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୨୦୩୬ ଅଲିମ୍ପିକ୍ ହକି ମ୍ୟାଚ୍ ଓଡ଼ିଶାରେ ହୋଇପାରେ ବୋଲି ଆକଳନ କରାଯାଉଛି । ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଭାଗ ନେଇଥିବା କ୍ରୀଡ଼ାବିତ୍‌ଙ୍କୁ ସରକାରୀ ନିଯୁକ୍ତି ଦେବା ବ୍ୟବସ୍ଥା ନବୀନ ପଟ୍ଟନାୟଙ୍କ ସରକାର ସମୟରେ ଆରମ୍ଭ ହୋଇଛି। ଏହା ସତ୍ତ୍ୱେ ରାଜ୍ୟରେ ଦକ୍ଷ କ୍ରୀଡ଼ା ପ୍ରତିଭାର ବିକାଶ ହୋଇ ପାରୁନାହିଁ। ଏଥିପାଇଁ ପ୍ରଶାସନ କ୍ରୀଡ଼ାମନସ୍କ ହେବା ଆବଶ୍ୟକ। ଏକ ସମୟରେ ଭାରତୀୟ ହକି ଦଳରେ ଓଡ଼ିଶାରୁ ୫ ଜଣ ଖେଳାଳି ସ୍ଥାନ ପାଉଥିଲେ, ଏବେ ଏହି ସଂଖ୍ୟା ୨ରେ ସୀମିତ ରହିଛି। ଓଡ଼ିଶାର ନିଜସ୍ୱ ପ୍ରଶିକ୍ଷକମାନେ ଦକ୍ଷ ଓ ଅଭିଜ୍ଞ। ତେଣୁ ସେମାନଙ୍କୁ ଅବହେଳା କରିବା ଉଚିତ ନୁହେଁ। ଓଡ଼ିଆ କୋଚ୍‌ମାନଙ୍କ ଦକ୍ଷତାକୁ ବ୍ୟବହାର କରି ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ଓ ବିକଶିତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ଅଲିମ୍ପିଆନ ଅନୁରାଧା ବିଶ୍ୱାଳ କହିଛନ୍ତି ଯେ ରାଜ୍ୟରେ ଭିତ୍ତିଭୂମି ଓ ସୁଯୋଗ ରହିଥିଲେ ମଧ୍ୟ ତୃଣମୂଳସ୍ତରରୁ ନିୟମିତ ଭାବେ ଉଚ୍ଚମାନର ଖେଳାଳି ସୃଷ୍ଟି କରିବା ଦିଗରେ ଆହୁରି ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି। କ୍ରୀଡ଼ାର ବିକାଶ ପାଇଁ ସରକାରଙ୍କୁ ତୃଣମୂଳସ୍ତରରୁ ଯୋଜନା ଆରମ୍ଭ କରିବାକୁ ପଡ଼ିବ। ଗୋଟିଏ କିମ୍ବା ଦୁଇ ବର୍ଷର ଯୋଜନା ବଦଳରେ ଅତି କମରେ ୧୫ ବର୍ଷକୁ ନଜରରେ ରଖି ଏକ ଦୀର୍ଘମିଆଦୀ କ୍ରୀଡ଼ା ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ଶିଶୁମାନଙ୍କ ପାଇଁ ସୁସଂଗଠିତ କ୍ରୀଡ଼ା ଯୋଜନା ପ୍ରସ୍ତୁତ କରି ପ୍ରାରମ୍ଭିକସ୍ତରରୁ ସେମାନଙ୍କୁ ପ୍ରଶିକ୍ଷଣ ଓ ପ୍ରତିଯୋଗିତାର ସୁଯୋଗ ଦିଆଯିବା ଆବଶ୍ୟକ। ଅନୁରାଧାଙ୍କ ମତରେ, କେବଳ ପ୍ରତିଭା ଚିହ୍ନଟ କଲେ ହେବ ନାହିଁ। ଦକ୍ଷ ପ୍ରଶିକ୍ଷକ, ନିୟମିତ ପ୍ରଶିକ୍ଷଣ, ଆଧୁନିକ କୋଚିଂ ଏବଂ ଆବଶ୍ୟକ କ୍ରୀଡ଼ା ସୁବିଧା ଯୋଗାଇ ଦେବା ଆବଶ୍ୟକ। ପ୍ରତିଭାକୁ ଚାମ୍ପିଅନ୍‌ରେ ପରିଣତ କରିବା ପାଇଁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଦରକାର ବୋଲି ସେ ମତ ଦେଇଛନ୍ତି ।

# ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ଦାବି

କିଶୋରନଗର,୨୬ ।୮ (ସମିସ): ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କଟକଣା ଯୋଗୁଁ ଚାଷୀମାନେ ପଞ୍ଜୀକରଣ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲଗାଣ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବିଳମ୍ବ ହେବାରୁ ଚାଷୀମାନେ ପଞ୍ଜୀକରଣ କରିବା ସମ୍ଭବ ହୋଇନାହିଁ। ପଞ୍ଜୀକରଣ ଶେଷ ତାରିଖ ଅଗଷ୍ଟ ୩୧ ହୋଇଥିବାରୁ ପଞ୍ଜୀକରଣ କରିପାରି ନ ଥିବା ବହୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ନେଇ ଆଶଙ୍କା ଦେଖାଦେଇଛି। ସମସ୍ତ ଚାଷୀ ଓ ଭାଗଚାଷୀଙ୍କୁ ନିଃସର୍ତ୍ତ ପଞ୍ଜୀକରଣ କରିବା ସହ ପଞ୍ଜୀକରଣ ଅବଧି ବୃଦ୍ଧି ଦାବିରେ ବୁଧବାର ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟିର ଏକ ବୈଠକ ଜୈରଟଠାରେ ଅନୁଷ୍ଠିତ ହୋଇଛି । କମିଟି ଉପସଭାପତି ପୀତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ଲକ୍ଷ୍ମଣ ବେହେରା, ରମେଶ ଲୁହା, ରବିନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ରହି ଚାଷୀ ପଞ୍ଜୀକରଣ କ୍ଷେତ୍ରରେ ଅବ୍ୟବସ୍ଥା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କମ୍ପାନୀମାନଙ୍କ ପାଇଁ ଇଜ୍ ଅଫ ଡୁଇଂ ବିଜନେସ ନାଁରେ ବ୍ୟବସ୍ଥା ସରଳୀକରଣ କରାଯାଉଥିବାବେଳେ ଚାଷୀମାନେ ନିଜ କଷ୍ଟାର୍ଜିତ ଫସଲ ବିକ୍ରି ପାଇଁ ବିଭିନ୍ନ କଟକଣା ଲାଗୁ କରିବା ସରକାରଙ୍କ ଚାଷୀମାରଣ ନୀତି ବୋଲି ପ୍ରକାଶ କରିଥିଲେ। ସମସ୍ତ ଚାଷୀ ଓ ଭାଗଚାଷୀଙ୍କୁ ନିଃସର୍ତ୍ତ ପଞ୍ଜୀକରଣ କରିବା ସହ ପଞ୍ଜୀକରଣ ଅବଧି ବୃଦ୍ଧି କରା ନ ଗଲେ ଆନ୍ଦୋଳନ କରାଯିବାକୁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।



# ହିମିତିରା-ସଞ୍ଜାମୁରା ରାସ୍ତା ଅବସ୍ଥା ଶୋଚନୀୟ

ଅନୁଗୋଳ,୨୬ ।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ହିମିତିରା ଠାରୁ ସଞ୍ଜାମୁରା ରାସ୍ତା ଶୋଚନୀୟ ହୋଇପଡ଼ିଛି । ରାସ୍ତାରେ ସାଇକଲ ଯିବା ତ ଦୂର କଥା ପାଦରେ ଚାଲି ବି ଯାଇହେଉ ନାହିଁ। ବିଶେଷ କରି ଏହି ରାସ୍ତା ପିଚୁ ହୋଇଥିବା ବେଳେ ହିମିତିରା ବରଛକରୁ ବ୍ରିଜ ପର୍ଯ୍ୟନ୍ତ ୧ କିମି ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଆର୍‌ଡି ବିଭାଗ ଅଧୀନରେ ଥିବା ଏହି ରାସ୍ତା ମରାମତି କରାଯାଉ ନାହିଁ କି କଂକ୍ରିଟକରଣ କରାଯାଉ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଗ୍ରାମବାସୀ କରିଛନ୍ତି ଯେ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ମୁଖ୍ୟ ରାସ୍ତା ନିର୍ମାଣ ହୋଇପାରି ନାହିଁ । ରାସ୍ତାକୁ କଂକ୍ରିଟକରଣ କରିବା ପାଇଁ ବହୁବାର ଦାବି ହୋଇଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏହି ରାସ୍ତା ଦେଇ କିଶୋରନଗର



## କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଦାବି

ଓ ଆଠମଲ୍ଲିକ ବ୍ଲକର ବହୁ ପଞ୍ଚାୟତବାସୀ ଯାତାୟାତ କରୁଛନ୍ତି। ୧ କିମି ମାଟି ରାସ୍ତା ଥିବାବେଳେ ବର୍ଷା ଆସିଲେ ସମ୍ପୂର୍ଣ୍ଣ କାଦୁଅ ପୂର୍ଣ୍ଣ ହୋଇଯାଉଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି । ତୁରନ୍ତ ରାସ୍ତାକୁ କଂକ୍ରିଟ ନଚେତ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସାଇବର ସଚେତନତା ଓ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ

କିଶୋରନଗର,୨୬ ।୮ (ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ଓ ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତିର ଭୂମିକା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କିଶୋରନଗର ଥାନା ଆମ ପୁଲିସ ସମିତି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଏହା ବର୍ତ୍ତମାନ ଯୁବଗୋଷ୍ଠୀ ପାଇଁ କିପରି ଆବଶ୍ୟକ ତା' ଉପରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ରୂପେ ଥାନାଧିକାରୀ ହରିକୃଷ୍ଣ ପ୍ରଧାନ ଯୋଗଦେଇ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଓ ଡିଜିଟାଲ ଆରେଷ୍ଟ ଉପରେ ବିଶ୍ଳେଷଣ କରିଥିଲେ । ନକଲି ଆଇଡି ଖୋଲି କିପରି ଲୋକଙ୍କୁ ବୋକା ବନାଯାଉଛି, ଅନଲାଇନ ଠକେଇ ହେଉଛି, ଡିପ୍ ଫେକ ଛବି ଓ ସ୍ୱର କରାଯାଉଛି ସେ ସବୁଠାରୁ ଯୁବ ଗୋଷ୍ଠୀ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ନିଶାସେବନ ସ୍ୱାସ୍ଥ୍ୟ ପ୍ରତି ହାନିକାରକ, ଆଗକୁ ଏହା ବିପଦ ସୃଷ୍ଟି କରିପାରେ । ତେଣୁ ନିଶାଠାରୁ ଦୂରେଇ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅଧ୍ୟାପକ ତରଣୀସେନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷବର୍ଷ ଛାତ୍ର ବାଦଲ କୁମାର ସାହୁ, ବିଭୂତି ରଣା, ଭଗବତୀ ନାୟକ, ଦୀପକ ପ୍ରଧାନ ସହଯୋଗ କରିଥିଲେ । ରାଜେଶ ତାଣ୍ଡିଆ ଭଜନ ପରିବେଷଣ କରିଥିଲେ । ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଅତ୍ୟାଧୁନିକ ଡେଣ୍ଟାଲ ଓ ଫେସିଆଲ କ୍ଲିନିକ୍ ଉଦଘାଟିତ

ଅନୁଗୋଳ,୨୬ ।୮ (ସମିସ): ଅନୁଗୋଳ ହରିମହୁରି ଛକରେ ଅତ୍ୟାଧୁନିକ ଡେଣ୍ଟାଲ ଓ ଫେସିଆଲ ସର୍ଜରୀ କ୍ଲିନିକ୍ 'ପୁଷ୍ପା ଗ୍ଲୋଡେଣ୍ଟ' ଉଦଘାଟିତ ହୋଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏହାକୁ ଉଦଘାଟନ କରି କ୍ଲିନିକ୍ ସହରବାସୀଙ୍କୁ ଉପଯୁକ୍ତ ସେବା ଯୋଗାଇଦେବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ହାଇଟେକ୍ ଡେଣ୍ଟାଲ କଲେଜ ମୁଖ୍ୟ ସଂଗ୍ରାମ ପାତ୍ର ଏବଂ ଡା. ଶୁଭ୍ରଜିତ ରାଉତ ଯୋଗଦେଇ ଏହି କ୍ଲିନିକରେ ହେବାକୁ ଥିବା ବିଭିନ୍ନ ଅତ୍ୟାଧୁନିକ ସର୍ଜରୀ ସମ୍ପର୍କରେ କହିଥିଲେ। ଅନୁଗୋଳ ମେଡିକାଲର ଏଡିଏମଓ ଡା. ଦିଲୀପ ପଟ୍ଟନାୟକ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କ୍ଲିନିକ୍‌ର ପରିଚାଳକ ଶକ୍ତିପ୍ରସାଦ ସାହୁ କ୍ଲିନିକ୍‌ର ଚିକିତ୍ସା ପଦ୍ଧତି ଓ ସେବା ଉପରେ ଆଲୋକପାତ କରିଥିଲେ । ଡା. ଶକ୍ତିଙ୍କ ପିତା ଡା. ନୀଳକଣ୍ଠ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି କ୍ଲିନିକ୍‌ରେ ଅତ୍ୟାଧୁନିକ ଡେଣ୍ଟାଲ ସର୍ଜରୀ, ରୁଟ୍ କେନାଲ ଚିକିତ୍ସା, ଓରାଲ କ୍ୟାନ୍ସର ଚିହ୍ନଟ, ଟୁଥ ଇମ୍ପ୍ଲାଣ୍ଟ, ଫେସିଆଲ୍ ସର୍ଜରୀ, କଳାଦାଗ, ଭାତୁଡ଼ି, ମୋଲ ଆଦି ସମସ୍ୟାର ସମାଧାନ କରାଯିବ। ସେହିଭଳି ମହିଳାମାନଙ୍କ ବିଭିନ୍ନ ପ୍ରକାର ଆସ୍ଥେଟିକ ସର୍ଜରୀ ତଥା ପ୍ଲାଷ୍ଟିକ ସର୍ଜରୀ ଦ୍ୱାରା ଫେସିଆଲ୍ ସିମେଟ୍ରିରେ ପରିବର୍ତ୍ତନ ଆଦି କରାଯିବ। ମୁଖମଣ୍ଡଳର ସୌନ୍ଦର୍ଯ୍ୟ ପାଇଁ ବିଭିନ୍ନ ସର୍ଜିକାଲ ପ୍ରକ୍ରିୟା ଅବଲମ୍ବନ କରି ଅଧିକ ସୁନ୍ଦରପଣ କରାଯାଇଥାଏ। ମୁମ୍ବଇର ବିଶିଷ୍ଟ ଡା. ଡ଼ା ଅରୁଣ ପଣ୍ଡା ଏହି ଚିକିତ୍ସାର ଅନଲାଇନ୍ ପରାମର୍ଶ ଦେବେ ବୋଲି କ୍ଲିନିକ୍ ତରଫରୁ ସୂଚନା ଦିଆଯାଇଛି। କ୍ଲିନିକ୍‌ରେ ଅତ୍ୟାଧୁନିକ ଅସ୍ତ୍ରୋପଚାର ପାଇଁ ବିଭିନ୍ନ ଉପକରଣ ଓ ମେସିନ୍ ବ୍ୟବସ୍ଥା ରହିଛି। ସେହିଭଳି ଚନ୍ଦା ମୁଣ୍ଡରେ କେଶ ରୋପଣ ବ୍ୟବସ୍ଥା ମଧ୍ୟ ରହିଛି। ଅନୁଗୋଳ ଜିଲ୍ଲାବାସୀ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ ପାଇଁ ସୁଲଭ ଦରରେ ଉପରୋକ୍ତ ଚିକିତ୍ସା ସୁବିଧା ପାଇପାରିବେ ବୋଲି କୁହାଯାଇଛି।



# ସୁନା ସଫା କରିବା ବାହାନାରେ ୧୦ଲକ୍ଷର ଅଳଙ୍କାର ଲୁଟ୍

ଛେଣ୍ଡିପଦା,୨୬ ।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା କୋଶଳା ଓ ଛେଣ୍ଡିପଦାରୁ ସୁନା ସଫା କରିବା ବାହାନାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ମଧ୍ୟାହ୍ନରେ ସୁନା ଚୋରି ଗ୍ୟାଙ୍ଗ କୋଶଳା ଗଙ୍ଗାସାହିରେ ପଶି ସରସ୍ୱତୀ ନାଥଙ୍କ ପରିବାର ଲୋକ କେହି ନ ଥିବା ବେଳେ ତାଙ୍କ ମା'ଙ୍କୁ ସୁନା ସଫା କରିବା ପାଇଁ ପାଉଡ଼ର ବିକ୍ରି କରିବାକୁ ଆସିଛୁ ବୋଲି କହିଥିଲେ। ଆପଣଙ୍କ ସୁନା ଦିଅନ୍ତୁ, କେମିତି ସଫା ହେଉଛି ଦେଖିବେ କହି ପ୍ରଥମେ ହାତରେ ପନ୍ଧିଥିବା ମୁଦିକୁ ସଫା କରିଥିଲେ। ମୁଦି ସଫା ହୋଇଯିବା ପରେ ବେକରେ ପିନ୍ଧିଥିବା ଚେନ ମାଗି ପାଉଡ଼ର ମଧ୍ୟରେ ପକାଇବା ସହ ୧୦ ମିନିଟ ପରେ ଚେନ କାଢ଼ିବାକୁ କହି ପଳାଇ ଯାଇଥିଲେ । ୧୦ ମିନିଟ ପରେ ଦେଖିବା ବେଳକୁ ସୁନା ଚେନ୍ ନ ଥିଲା । ଏହି ଚେନ୍‌ର ମୂଲ୍ୟ ପ୍ରାୟ ୫ଲକ୍ଷ ହେବ ବୋଲି କୁହାଯାଇଛି। ସେହିପରି ସମାନ ଢଙ୍ଗରେ ଛେଣ୍ଡିପଦା ଥାନା ପଛ ପାଖ ବେହେରା ସାହିରେ ବୃଦ୍ଧା ପ୍ରତିମା ପ୍ରଧାନଙ୍କଠାରୁ ଦୁର୍ବୃତ୍ତମାନେ ଅଳଙ୍କାର ଲୁଟିନେଇ ଫେରାର ହୋଇଯାଇଛନ୍ତି। ଏନେଇ ପରିବାର ଲୋକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ନେଇ ଛାନଭିନ ଚଳାଇଛି ।



# ଅଳିଆ ସଂଗ୍ରହ ଗାଡ଼ିର ଶୁଭାରମ୍ଭ



କିଶୋରନଗର,୨୬ ।୮ (ସମିସ): କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ଖଣିଜ ପାଣ୍ଠିରୁ ଯୋଗାଇ ଦିଆଯାଇଥିବା ଅଳିଆ ସଂଗ୍ରହ ପାଇଁ ଉଦ୍ଦିଷ୍ଟ ୬ଟି ଗାଡ଼ି ସୋମବାର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ଅବଦଲ ଏମ୍ ଅଖତର ଏହାର ଶୁଭାରମ୍ଭ କରିଛନ୍ତି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବିଡିଓ ଶୁଭକାନ୍ତ ନାଏକ ଉପସ୍ଥିତ ଥିଲେ ।

# କାନ୍ଥ ପଡ଼ି ମହିଳା ଗୁରୁତର, ସ୍ୱାମୀ-ପୁଅ ଆହତ

ଛେଣ୍ଡିପଦା,୨୬ ।୮ (ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଡଙ୍ଗାପାଳ ଗାଁରେ ମାଟି କାନ୍ଥ ଭୁଶୁଡ଼ି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଏଥିରେ ତାଙ୍କ ସ୍ୱାମୀ ଓ ପୁଅ ମଧ୍ୟ ଆହତ ହୋଇଛନ୍ତି । ଗୁରୁତର ମହିଳା ହେଲେ ଆର୍ତ୍ତତ୍ରାଣ ସାହୁଙ୍କ ସ୍ତ୍ରୀ ବାସନ୍ତୀ ସାହୁ। ମଙ୍ଗଳବାର ରାତିରେ ଆର୍ତ୍ତତ୍ରାଣ, ବାସନ୍ତୀ ଓ ତାଙ୍କ ପୁଅ ଘରେ ଶୋଇଥିବା ବେଳେ ହଠାତ୍ ଘର ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଫଳରେ ବାସନ୍ତୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଆର୍ତ୍ତତ୍ରାଣ ଓ ପୁଅ ସାମାନ୍ୟ ଆହତ ହୋଇଛନ୍ତି। ପରିବାର ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ । ବର୍ଷା ଯୋଗୁଁ ମାଟି କାନ୍ଥ ଦୁର୍ବଳ ହୋଇ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।



# ସମାଜସେବୀଙ୍କ ଜନ୍ମଦିନ ପାଳିତ

କିଶୋରନଗର,୨୬ ।୮ (ସମିସ): କିଶୋରନଗର ବ୍ଲକ ବଡ଼ରୋହିଲା ରାମକୃଷ୍ଣ ଆଶ୍ରମ ସ୍କୁଲରେ ବିଶିଷ୍ଟ ସମାଜସେବୀ ପ୍ରଶାନ୍ତ ବେହେରାଙ୍କ ଜନ୍ମଦିନ ପାଳିତ ହୋଇଛି । ସ୍କୁଲ ସମ୍ପାଦକ ଶେଷଦେବ ଶାସିନୀ, ଅଧ୍ୟକ୍ଷା ମିନୀ ଦେଓଗନ୍ ଓ ସ୍କୁଲ ଅନ୍ତେବାସିନୀମାନେ ଏକତ୍ରିତ ହୋଇ କେକ୍ କାଟି ତାଙ୍କ ଦୀର୍ଘାୟୁ କାମନା କରିଥିଲେ ।



# କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା ଉକମିଟିର ପ୍ରଥମ ବୈଠକ



କିଶୋରନଗର,୨୬ ।୮ (ସମିସ): ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ ସଭାଗୃହରେ ସୋମବାର ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଅନୁଗୋଳ ଜିଲାପାଳ ଅବଦୁଲ ଏମ୍ ଅଖତର ବୈଠକରେ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଦୀପେଶ ବାରିକ ସ୍ୱାଗତ ଭାଷଣ ସହ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ ଅଭି ଜୈନ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟସ୍ ମହାନନ୍ଦିଆ, ପୂର୍ତ୍ତ ସହକାରୀ ନିର୍ବିହୀ ଯନ୍ତ୍ରୀ ସହରାଇ ସିଂ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଅଶୋକ ମଲ୍ଲିକ୍, ଶିକ୍ଷାବିତ୍ ଦେବରାଜ ନାୟକ, ନନ୍ଦକିଶୋର ମହାକୁଡ଼, କମିଟି ସଦସ୍ୟ ମନୋଜ କୁମାର ପ୍ରଧାନ, ବିଶ୍ୱବନ୍ଦିନୀ କମ୍ପ, ଶିକ୍ଷକ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ । ବୈଠକରେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ, ନିୟମିତ ଶିକ୍ଷକ ନିଯୁକ୍ତି ଏବଂ ଅନ୍ୟ ଭିତ୍ତିଭୂମି ଉପରେ ଆଲୋଚନା କରାଯାଇଥିଲା । ପୂର୍ବରୁ ୟୁକୋ ବ୍ୟାଙ୍କ୍ ତରଫରୁ ଦିଆଯାଇଥିବା ପ୍ରାୟ ୧୭ ଲକ୍ଷ ଟଙ୍କାର ବିଭିନ୍ନ ଶିକ୍ଷା ଉପକରଣ, ନୂତନ କମ୍ପ୍ୟୁଟର ଲ୍ୟାବ, ସ୍ମାର୍ଟ ବୋର୍ଡ ଇତ୍ୟାଦିକୁ ଉପଜିଲ୍ଲାପାଳ ଉଦଘାଟନ କରିଥିଲେ। ଶିକ୍ଷକ ଅମରଜିତ୍ ପଣ୍ଡା ସମସ୍ତ କାର୍ଯ୍ୟ ତଦାରଖ କରିଥିବା ବେଳେ ଶିକ୍ଷକ ସରୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଡ଼ା ସମାଜ ସଭାପତିଙ୍କ ପରଲୋକ

କିଶୋରନଗର,୨୬ ।୮ (ସମିସ): କୋଡ଼ା ଆଦିବାସୀ ସମାଜର ସ୍ଥାୟୀ ସଭାପତି କିଶୋରନଗର ବ୍ଲକ ସୋଲଣ୍ଡା ଗାଁର ସତ୍ୟାନନ୍ଦ ପଧାନଙ୍କ ପରଲୋକ ଘଟିଛି । ସେ ଜଣେ ମେଳାପୀ, ଅମାୟିକ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ । ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମଙ୍ଗଳବାର ସକାଳେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



# ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ପାଲଲହଡ଼ା,୨୬ ।୮ (ସମିସ): ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ସଶକ୍ତ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ "ଶକ୍ତିଶ୍ରୀ ସଶକ୍ତୀକରଣ ପ୍ରକୋଷ୍ଠ' ଗଠନ କରାଯାଇଛି । ଏଥିରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ୍ ଦେବା ସହ ସେମାନଙ୍କ ଉନ୍ନତି ପାଇଁ ୧୦ଟି ପ୍ରମୁଖ ଦିଗପ୍ରତି ଧ୍ୟାନ ଦିଆଯାଉଛି । ଏହି ଅବସରରେ ପାଲଲହଡ଼ା ଉପଖଣ୍ଡ ମାଲ୍ୟଗିରି ମହାବିଦ୍ୟାଳୟରେ ଗତ ୧୮ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଶକ୍ତିଶ୍ରୀ ସଂଯୋଜିକା ସୁସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ଦୀପ୍ତିରେଖା ସାମଲ ୪୦ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ୍ ପ୍ରଦାନ କରିଥିଲେ । ଏଥିସହ ୨୫ ତାରିଖ ସାଇବର୍ ସୁରକ୍ଷା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାଇବର୍ ଠକେଇ ଓ ସାଇବର୍ ଅପରାଧଠାରୁ କିପରି ନିଜକୁ ସୁରକ୍ଷା ଦେଇପାରିବେ ସେ ଉପରେ ଆଲୋକପାତ କରିଥିଲେ। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ବିଦ୍ୟାଧର ମହାନନ୍ଦ, ଅରୁଣ କୁମାର ପ୍ରଧାନ, ଡ. ବିଷ୍ଣୁପ୍ରସାଦ ମହାପାତ୍ର, ତ୍ରିନାଥ ଦଳେଇ, କରନ ମହାଲିଙ୍ଗ ଓ ବାଗ୍ମୀମଞ୍ଜରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



# ଆବେଦନ ପରେ ମିଳୁନି ବିଦ୍ୟୁତ ସଂଯୋଗ

ବଇଣ୍ଡା,୨୬ ।୮ (ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଡା ବିଦ୍ୟୁତ କାର୍ଯ୍ୟାଳୟରେ ନୂତନ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କଲେ ମଧ୍ୟ ଅନେକ ହିତାଧିକାରୀଙ୍କୁ ମିଳୁ ନ ଥିବା ଅଭିଯୋଗ ହୋଇଛି । ନୁନୁକାପସି ପଞ୍ଚାୟତ ବୈଷ୍ଣବସାହିର ସବିତା ବେହେରା ତାଙ୍କ ଘରକୁ ନୂତନ ବିଦ୍ୟୁତ ସଂଯୋଗ କରିବା ପାଇଁ ୨୦୨୬ ଜୁଲାଇ ୧୭ରେ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ । ହେଲେ ଇତିମଧ୍ୟରେ ୪୦ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କୁ ସଂଯୋଗ ଦିଆଯାଉ ନାହିଁ । ଏପରିକି ସେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ତାଙ୍କ ନାମରେ ବିଦ୍ୟୁତ ବିଲ୍ ବାକି ଥିବା ମିଥ୍ୟାରେ ଦର୍ଶାଇ ସଂଯୋଗ ଯୋଗାଇ ଦେବାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି । କିଛି କର୍ମଚାରୀ ତାଙ୍କୁ ହାତଗୁଞ୍ଜା ମାଗିବା ସହ ହାତଗୁଞ୍ଜା ନ ଦେଲେ ସଂଯୋଗ ଦିଆଯିବ ନାହିଁ ବୋଲି କହୁଥିବା ଅଭିଯୋଗ କରିଛନ୍ତି । ବଇଣ୍ଡା ବିଦ୍ୟୁତ କାର୍ଯ୍ୟାଳୟରେ ଅଧିକାରୀମାନେ ଉପସ୍ଥିତ ରାହୁ ନ ଥିବାରୁ ଲୋକଙ୍କୁ ଉପଯୁକ୍ତ ସେବା ମିଳୁ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି । ତୁରନ୍ତ ଏ ଦିଗରେ ପଦକ୍ଷେପ ନେବବାକୁ ଦାବି ହୋଇଛି । ଏ ନେଇ ବଇଣ୍ଡା ବିଦ୍ୟୁତ ବିଭାଗ ଏସଡିଓ ଶୁଭକାନ୍ତ ପ୍ରଧାନଙ୍କୁ ପଚାରିବାରୁ କହିଲେ, ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ । ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ଜିଲ୍ଲା ପରିଷଦର ୬୨ତମ ସାଧାରଣ ବୈଠକ

ଅନୁଗୋଳ,୨୬ ।୮ (ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ବବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦର ୬୨ତମ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଜିଲ୍ଲାପାଳ ଅବଦାଲ୍ ମହମ୍ମଦ୍ ଅଖତର ଯୋଗଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟସେବା, ଶିକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ନିରନ୍ତର ବିଦ୍ୟୁତ୍ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ବର୍ଷାଦିନରେ ଅଘୋଷିତ ବିଦ୍ୟୁତ କାଟ ଉପରେ ନିୟନ୍ତ୍ରଣ ରଖିବା ସହ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ଯୋଗାଇ ଦିଆଯାଇଥିବା ଟ୍ରାନ୍ସଫର୍ମରଗୁଡ଼ିକର ସଠିକ୍ ଉପଯୋଗ କରିବାକୁ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ଆଣିବା ପାଇଁ ଜିଲ୍ଲାରେ ଖାଲି ପଡ଼ିଥିବା ଡାକ୍ତର ପଦବୀଗୁଡ଼ିକ ଶୀଘ୍ର ପୂରଣ କରିବା ନିମନ୍ତେ ଆଲୋଚନା ହୋଇଥିଲା। ସେହିଭଳି ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ନିର୍ମାଣାଧୀନ ରାସ୍ତା, ବ୍ରିଜ୍, କେନାଲଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖାଲିଥିବା ଶିକ୍ଷକ ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ସହ ସ୍କୁଲ ଭିତ୍ତିଭୂମି ତଦାରଖ ଓ ମରାମତି କରିବାକୁ ଆଲୋଚନା ହୋଇଥିଲା। ଖଣି ଅଞ୍ଚଳ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ କରିବାକୁ ପ୍ରଦୂଷଣ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ୍ ପ୍ରୋବେସନର ଅଭି ଜୈନ୍‌ଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ପୁଣି ବଢୁଛି ବ୍ରାହ୍ମଣୀ ଜଳସ୍ତର; ଦୁର୍ବଳ ବନ୍ଧରେ ଘାଇ ଆଶଙ୍କା





ପଟ୍ଟାମୁଣ୍ଡାଇ,୨୬।୮ (ସମିସ): ବ୍ରାହ୍ମଣୀ ଓ କାଣ୍ଡୀ ନଦୀରେ ୩ୟ ବନ୍ୟା ସାମାନ୍ୟ ହ୍ରାସ ପାଇବା ପରେ ବିପନ୍ନମାନେ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ। ମାତ୍ର ଏବେ ପୁଣି ବନ୍ୟାଜଳ ସ୍ତର ଦିନକୁ ଦିନ ବଢୁଥିବାରୁ ଦୁର୍ବଳ ନଦୀ ବନ୍ଧରେ ଘାଇ ସୃଷ୍ଟି ହେବା ଆଶଙ୍କା ପ୍ରକାଶ ସୃଷ୍ଟି ହୋଇଛି। ଫଳରେ ଲୋକେ ଆତଙ୍କିତ ହୋଇଛନ୍ତି। କୁମ୍ଭୀର ଆତଙ୍କ ସାଙ୍ଗକୁ ଘାଇ ହେବା ଆତଙ୍କ ଲୋକମାନଙ୍କ ଚିନ୍ତା ବଢ଼ାଇଦେଇଛି। ଅଳଆଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଯାହାଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବନ୍ୟା ସ୍ଥିତି ସଙ୍ଗୀନ ହୋଇପଡ଼ିଛି। ବାରମ୍ବାର ବନ୍ୟା ଆସିବା ଫଳରେ ବହୁ ନଦୀ ବନ୍ଧ ଦୁର୍ବଳ ହୋଇ ଘାଇଆ ପଡ଼ିବା ଆଶଙ୍କା ରହିଛି। ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡ଼ିଛନ୍ତି। ବନ୍ୟା ଯୋଗୁଁ ବ୍ଲକ ଓ ପୌରାଞ୍ଚଳର ୬୫ ହଜାର ଲୋକ ବିପନ୍ନ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବାବେଳେ ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଞ୍ଚଳ ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅଳପୁଆ ପଞ୍ଚାୟତ ଗୋଳିଆକଣ, ବିଲକଳିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତସିଂହସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଷ୍ଣାଳ ସାହି, ନାଥସାହି, ମଲିକସାହି ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୁଳସାହି, କୋଳମ୍ବା, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର,

**ଏବେ ବି ସିଂହଗାଁ, ଶ୍ରୀରାମପୁର, ଡାମରପୁର ବାଛରା ବାଲିପାଟଣା ତନ୍ତୁପୁର ବାହ୍ୟଜଗତରୁ ବିଚ୍ଛିନ୍ନ**


ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁଡିଆ ପଞ୍ଚାୟତର ଫୁଲପାଟଣା ଆଦି ବହୁ ଗ୍ରାମ ଓ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ବନ୍ୟା ପାଣି ସୁଅ ଛୁଟିବା ଫଳରେ ଧୋୟାଞ୍ଚଳର ବହୁ ପଞ୍ଚାୟତ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତବର୍ଷ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇଜଣ ଓ ଚଳିତବର୍ଷ ଜଣକ ମୃତ୍ୟୁ ଘଟିଥିବାରୁ ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡ଼ିଛି। ଫଳରେ ଲୋକମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଛି। ଲୋକମାନେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ସେହିପରି ବନ୍ୟାଞ୍ଚଳର ଚାରିଆଡ଼େ ସାପ ବୁଲୁଥିବାରୁ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ସୁବଳପୁର -ଗୋଳିଆକଣ ରାସ୍ତାରେ ବନ୍ୟାଜଳ ସୁଅ ଛୁଟୁଛି। ତରଡ଼ିପାଳ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବନ୍ୟାଜଳରେ ବୁଡ଼ିରହିଛି ଓ ଗୋପାଳସାହିରେ ସ୍ଥିତି ଅଧିକ ଗମ୍ଭୀର ହୋଇଛି। ଧୋୟାଞ୍ଚଳର ଏକମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଅଣ୍ଡରା ଅଳପୁଆ ଓ ତୁଳସୀଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ୟା ଘେରରେ ଥିବାରୁ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ବିଦ୍ୟୁତ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ଅନେକ ସ୍ଥାନରେ ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇଛି। କିରାସିନିର ଉତ୍କଟ ଅଭାବ ଦେଖାଦେଇଛି। ଧୋୟାଞ୍ଚଳର ବହୁ ସ୍କୁଲ କଲେଜରେ ବନ୍ୟା ପାଣି ପଶି ଶିକ୍ଷାଦାନ ଠପ ହୋଇଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନାଳକଣ୍ଟପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ହଜାର ହଜାର ଏକର ଚାଷ ଜମି ବନ୍ୟାଜଳରେ ବୁଡ଼ି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି। ବନ୍ୟା ବିପନ୍ନଲୋକମାନେ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଂଚିତ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ନୂଆଗାଁ, କାଳୁଡ଼ିପଙ୍କା, ଚନ୍ଦ୍ରପୁର, ନନ୍ଦିନୀନଗର, ଖଣ୍ଡପଙ୍କା, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡିବା ସହିତ ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି ଓବନ୍ୟା ପାଣିରେ ବୁଡ଼ି ରହି ପନିପରିବା ସମେତ ବିଭିନ୍ନ ଫସଲ ନଷ୍ଟ ହୋଇଛି। ବ୍ରାହ୍ମଣୀ ବନ୍ୟା ପାଣି ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ପ୍ରବେଶ କରିଛି। ପଟ୍ଟାମୁଣ୍ଡାଇ ସହରର ମହାବୀର ବଜାରର ବହୁ ଦୋକାନ ଘରେ ବନ୍ୟା ପାଣି ପଶି ଦୋକାନ ସାମଗ୍ରୀ ନଷ୍ଟ ହେବା ସହିତ ଯାତାୟାତ ବାଧା ପ୍ରାପ୍ତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବହୁ ସ୍କୁଲ ପାଣି ଘେରରେ ଥିବାରୁ ଶିକ୍ଷା ଦାନ ଠପ ହୋଇଯାଇଛି। ବନ୍ୟା ସ୍ଥିତି ଗମ୍ଭୀର ହୋଇ ଥିବାରୁ ଦୁର୍ବଳ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇ ଘାଇ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକମାନେ ଦିବାରାତ୍ର ସଜାଗ ହୋଇ ରହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ପୌରାଞ୍ଚଳର ୧୧ଟି ୱାର୍ଡର ୧୧ହଜାର ଲୋକ ବନ୍ୟା ଜଳ ଘେରରେ ରହିଛନ୍ତି। ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଗୃହପାଳିତ ପଶୁ ଗୋଖାଦ୍ୟ ପାଇଁ ହେଲବିକଳ ହେଉଛନ୍ତି। ଗୋଚରଘାଟ ବୁଡି ଯାଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ପରିଲକ୍ଷିତ ହେଉଛି। ସମ୍ପ୍ରତି ବନ୍ୟା ସ୍ଥିତି ଗମ୍ଭୀର ହେବାକୁ ଯାଇଥିବାରୁ ଲୋକମାନେ ଭୟଭୀତ ଅଛନ୍ତି। ବନ୍ୟା ଯୋଗୁଁ ପରିବେଶ ଦୂଷିତ ହୋଇ ଚାରିଆଡ଼େ ଝାଡ଼ାବାନ୍ତି, ଥଣ୍ଡା, ଜ୍ୱର ଲାଗି ରହିଛି। ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ଘାଇ ଆଶଙ୍କାରେ ଲୋକମାନେ ଦିନରାତି ସଜାଗ ଅଛନ୍ତି।

## ଓଲଢ଼ି ମଠରେ ଝୁଲଣଯାତ୍ରା



ଡେରାବିଶ,୨୬।୮ (ସମିସ): ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଓଲଢ଼ି ମଠରେ ସୋମବାର ଠାରୁ ଆରମ୍ଭ ହୋଇଥିବା ଶ୍ରୀଗୋପୀନାଥଜିଉଙ୍କ ଝୁଲଣ ଯାତ୍ରାର ଆଜି ଥିଲା ତୃତୀୟ ସନ୍ଧ୍ୟା। ବ୍ଲକ ଅଞ୍ଚଳର ବହୁ ପ୍ରାଚୀନ ଏହି ମଠର ଝୁଲଣ ଯାତ୍ରା ପ୍ରସିଦ୍ଧି ଲାଭ କରିଥିବା ବେଳେ ୫ ଦିନ ଧରି ଶ୍ରୀଜିଉଙ୍କ ଏହି ଯାତ୍ରା ଆସନ୍ତା ଶୁକ୍ରବାର ଗହ୍ମା ପୂର୍ଣ୍ଣମୀରେ ଶେଷ ହେବ। ପ୍ରତ୍ୟହ ସନ୍ଧ୍ୟାରେ ପରମ୍ପରା ଅନୁଯାୟୀ ଘଣ୍ଟ ସଂକୀର୍ତ୍ତନ ଓ ଶୋଭାଯାତ୍ରା ମଧ୍ୟରେ ସନ୍ଧ୍ୟା ଆଳତି ପରେ ଶ୍ରୀଜିଉଙ୍କୁ ପହଣ୍ଡି କରାଯାଇ ଝୁଲଣ ମଣ୍ଡପକୁ ନିଆଯାଏ। ସେଠାରେ ଝୁଲଣ ଗୀତ, ଭଜନ ସଂକୀର୍ତ୍ତନ ସାଙ୍ଗକୁ ଭାଗବତ ପାରାୟଣ ପରିବେଶକୁ ଭକ୍ତିମୟ କରିଛି। ଆଜି ଚତୁର୍ଥ ସନ୍ଧ୍ୟାରେ ଝୁଲଣରେ ଶ୍ରୀଜିଉଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଏହି କାର୍ଯ୍ୟକ୍ରମକୁ ମଠ ପରିଚାଳନା କମିଟିର ଟ୍ରଷ୍ଟି ହଳଧର ଦାଶଙ୍କ ତତ୍ତ୍ୱାବଧାନରେ ଓଲଢି ଓ ପକିରାବାଦ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ହେଉଛି।

## ଶ୍ରୀଗୋପାଳଜିଉଙ୍କ ଝୁଲଣଯାତ୍ରା



କେନ୍ଦ୍ରାପଡ଼ା,୨୬।୮ (ସମିସ): କେନ୍ଦ୍ରାପଡ଼ା ବ୍ଲକ୍‌ର ଲାହାଖଣ୍ଡ ଭରତପୁର ଗ୍ରାମର ମକ୍କଦମ ପରିବାରର କୁଳଦେବତା ପ୍ରଭୁ ଶ୍ରୀଗୋପାଳଜିଉଙ୍କ ଝୁଲଣ ଯାତ୍ରା ପାଳିତ ହେଉଛି। ଶ୍ରୀଜିଉଙ୍କ ମନ୍ଦିରରୁ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ପୂଜକ ସରୋଜକାନ୍ତ ପତିଙ୍କ ଦ୍ୱାରା ଅଳଙ୍କାର ଆଭୂଷଣରେ ସଜ୍ଜିତ କରାଯାଇ ଝୁଲଣ ମଣ୍ଡପକୁ ବିଜେ କରାଯାଇଥିଲା। ଶ୍ରୀଜିଉଙ୍କୁ ଝୁଲଣ ମଣ୍ଡପକୁ ବିଜେ କରାଯିବା ପରେ ପୂଜାର୍ଚ୍ଚନା କରାଯାଇ ଆଳତୀ ଓ ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶ୍ରୀଜିଉଙ୍କ ଏହି ଝୁଲଣଯାତ୍ରା ସାତ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଭଜନ, ଜଣାଣ ଓ କୀର୍ତ୍ତନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ଶ୍ରୀଜିଉଙ୍କ ଦାୟିତ୍ୱରେ ଥିବା ଅବସରପ୍ରାପ୍ତ ଆଇନ ଅଧିକାରୀ ପ୍ରବୋଧ କୁମାର ଦାସ ସୂଚନା ଦେଇଛନ୍ତି।

## ନିଟ୍ ପରୀକ୍ଷାରେ ଚମକିଲେ ସୌମ୍ୟରଞ୍ଜନ

■ ସର୍ବଭାରତୀୟ ସ୍ତରରେ ରଖିଲେ ୫୭୪ ସ୍ଥାନ



ମହାକାଳପଡ଼ା,୨୬।୮ (ସମିସ): ଚଳିତବର୍ଷ ପ୍ରକାଶ ପାଇଛି ସର୍ବଭାରତୀୟ ନିଟ୍ ପରୀକ୍ଷା ଫଳ। ଏଥିରେ ଜଣେ ସାଧାରଣ ଘରର ମେଧାବୀ ଛାତ୍ର ୫୭୪ ସ୍ଥାନ ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ସାହାବାଜପୁର ଗ୍ରାମର କୈଳାସ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁ ଚଳିତବର୍ଷ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ୫୭୪ ସ୍ଥାନ ପାଇ ସମଗ୍ର ମହାକାଳପଡ଼ା ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ବାପା ପାରାଦୀପରେ ଏକ ହୋଟେଲରେ ରହି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ୍ୟ ସୌମ୍ୟରଞ୍ଜନ ନିଜ କଠିନ ପରିଶ୍ରମ ଜାରି ରଖିଥିଲେ। ତାଙ୍କର ସଫଳତା ପାଇଁ ସେ ବାପା ମାଆଙ୍କ ଆଶୀର୍ବାଦ, ଭଉଣୀଙ୍କ ସହଯୋଗ ଓ ଭଗବାନଙ୍କ ଆଶିଷକୁ ଉତ୍ସର୍ଗ କରିଛନ୍ତି। କଟକର ଏସ୍‌ସିବି ମେଡିକାଲ୍ କଲେଜରେ ପରବର୍ତ୍ତୀ ଅଧ୍ୟବସାୟ ପାଇଁ ତାଙ୍କୁ ସୂଚନା ଆସିଛି। ଜଣେ ଡାକ୍ତର ହେବାର ଲକ୍ଷ୍ୟ ରଖିଛନ୍ତି ସୌମ୍ୟରଞ୍ଜନ। ସୌମ୍ୟଙ୍କ ସଫଳତା ପରେ ପରିବାର ସମେତ ଗ୍ରାମବାସୀ ଓ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ମିଳୁଛି। କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ରାମନଗର ଶାଖା ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।

## ପଟ୍ଟାମୁଣ୍ଡାଇରେ ଇଦ୍-ମିଲାଦୁନ ନବି

ପଟ୍ଟାମୁଣ୍ଡାଇ,୨୬।୮ (ସମିସ): ଇସଲାମ ଧର୍ମ ଗୁରୁ ପ୍ରଫେଟ ମହମ୍ମଦଙ୍କ ୧୫୦୧ତମ ଜନ୍ମ ଦିବସକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ମୁସଲମାନମାନେ ଇଦ ମିଲାଦୁନ ନବି ଭାବେ ପାଳନ କରିଛନ୍ତି। ଇମାମ ଇସ୍ରା ଫିଲ ଅହମଦ, ମୌଲାନା ୱାସୀମ କାଦିର, ହାପିଜ ସଲ୍ଲାଉଦିନ ପ୍ରମୁଖ ଇସଲାମ ଧର୍ମ ଉପରେ ଆଲୋଚନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ମୁସଲମାନବସ୍ତି ସର୍ଦାର ସେକ ଅବଦୁଲ ବାରୀ, ସେକ ମୋଇଉଦ୍ଦିନ, ସେକ ସରାତୁଲ୍ଲା, ସେକ ଇସ୍ମାଇଲ, ସେକ ମୁସ୍ତାର ଅଲ୍ଲୀ, ସେକ ଜାକିର ହୁସେନ, ମିର୍ଜା ହେଦାଦ ବେଗ, ଅଧ୍ୟାପକ ସେକ ଇମଦାଦ ଅଲ୍ଲୀ, ସେକ ସୁଜାତ ଅଲ୍ଲୀ, ବରକତ ଅଲ୍ଲୀଖାଁ,




ଅଫସର ଅଲ୍ଲୀ ଖାଁ, ସେକ ମଦାନୀ, ସମସେର ଖାଁ, ସେକ ଅମରୁଲ, ଜମାଲ ଖାଁ, ସେକ ଜୈନୁଲ ହକ ପ୍ରମୁଖ ଯୋଗ ଦେଇ ଇସଲାମ ଧର୍ମ ଉପରେ ଆଲୋଚନା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, କାଉନସିଲର ସାନିଆ ପରମିନ ସାହେବା, ଜିଲ୍ଲା ବିଜେଡି ଉପସଭାପତି ଅମୂଲ୍ୟ ପ୍ରଧାନ ନଗର ବିଜେଡି ସଭାପତି ବୁଢା ଲେଙ୍କା ବିଜେଡି ସଂଖ୍ୟାଲଘୁ ସଂଗଠକ ଏମ୍‌ଡି ପପୁ ପ୍ରମୁଖ ମୁସଲମାନ ଭାଇ ଭଉଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଏସ୍‌ଡିପିଓ ସୁକାନ୍ତ ପାତ୍ର ଆଦର୍ଶ ଥାନା ଆଇଆଇସି ମାନସ ରଞ୍ଜନ ମଲ୍ଲିକ ପୁଲିସ ଫୋର୍ସ ସହିତ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଏହି ଶୋଭାଯାତ୍ରାକୁ ଅମୀର ଖାଁ, ସେକ ଇବ୍ରାହିମ, ମିର୍ଜା ଇବ୍ରାର ବେଗ, କେ କେ ବାବୁ ପ୍ରମୁଖ ପରିଚାଳନା କରିଥିଲେ।

## କୁମ୍ଭୀର ଝାମ୍ପିନେବାର ୩୬ ଘଣ୍ଟା ପରେ ବି ନିଖୋଜ ପାରେଶ୍ୱରଙ୍କ ପତ୍ତା ମିଳୁନି

ରାଜକନିକା,୨୬।୮ (ସମିସ): ପାରେଶ୍ୱରଙ୍କୁ କୁମ୍ଭୀର ଝାମ୍ପି ନେବାର ୩୬ ଘଣ୍ଟା ପରେ ବି ତାଙ୍କର ପତ୍ତା ମିଳିନି। ଗତକାଲି ସକାଳେ ଗଙ୍ଗାଧର ପ୍ରସାଦ ଡିଆ ନଦୀଘାଟରେ ଡଙ୍ଗାକୁ ଚଢ଼ିବାକୁ ଯିବାବେଳେ କୁମ୍ଭୀର ଝାମ୍ପି ନେବା ଘଟଣା ସବୁ ନଦୀକୂଳିଆ ଗାଁରେ ଆତଙ୍କ ଖେଳାଇଦେଇଛି। ଗତକାଲିଠୁ ନଦୀରେ ଓଡ୍ରାଫ୍, ଘରୋଇ ଭୁଟୁଭୁଟି ସହ ସରକାରଙ୍କ ବୋଟ ଖୋଜୁଥିଲେ ହେଁ ପାରେଶ୍ୱରଙ୍କର କୌଣସି ପତ୍ତା ନ ମିଳିବା ନାନା ସନ୍ଦେହ ସୃଷ୍ଟି କରିଛି। ନଦୀରେ ବନ୍ୟାସ୍ଥିତି ଥିବା ବେଳେ ପ୍ରଖର ସୁଅ ଯୋଗୁଁ ପାରେଶ୍ୱର ଅଧିକ ବାଟ ଭାସିଯାଇଥିବା ଅନୁମାନ କରାଯାଉଛି। ୩୬ ଘଣ୍ଟା ପରେ ବି କିଛି ବି ସୁରାକ ନ ମିଳିବା ଯୋଗୁଁ ସାରା ଗାଁରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତର ଦ୍ୱୀପଗ୍ରାମ ଗଙ୍ଗାଧର ପ୍ରସାଦ ଡିଆ ଗାଁର ପାରେଶ୍ୱର ବେହେରା (୫୫) ଓରଫ ହଡ଼ାଙ୍କୁ ଗତକାଲି ସକାଳେ କୁମ୍ଭୀର ଝାମ୍ପି ନେଇଥିଲା। ସବୁଦିନ ଭଳି ସକାଳ ୮ଟା ସମୟରେ ଛାଡୁଥିବା ଘାଟରେ ନଦୀ ପାର ହୋଇ ଆସିବାକୁ ଘାଟ ଡ଼ଙ୍ଗା ନିକଟକୁ ପାଣିରେ ପଶି ଆସିବା ମାତ୍ରେ ସେହି ସ୍ଥାନରେ ଛକି ରହିଥିବା ଏକ କୁମ୍ଭୀର ପାରେଶ୍ୱରଙ୍କୁ ଝାମ୍ପି ନେଇ ନଦୀ ଭିତରକୁ ପଳାଇଥିଲା। ଗତ କାଲିଠୁ ନଦୀରେ ପାରେଶ୍ୱରଙ୍କୁ ଖୋଜାଖୋଜି ଜାରି ରହିଥିବା ବେଳେ ଆଜି ରାଜକନିକା ବିଡିଓ, ଥାନାଧିକାରୀ ନଦୀରେ ଏହି ସର୍ଚ୍ଚ ଅପରେସନରେ ସାମିଲ ହୋଇଥିଲେ।


## ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର, ବିପଦ ଆଶଙ୍କା



ରାଜକନିକା,୨୬।୮ (ସମିସ): ରାଜକନିକା ବ୍ଲକ୍ ଓଳାଭର ପଞ୍ଚାୟତ ନରସିଂହପୁର ଗାଁର ସ୍କୁଲ ନିକଟ ରାସ୍ତା ପାଖରେ ରହିଛି ମୁକୁଳା ଟ୍ରାନ୍ସଫର୍ମର। ଉଚ୍ଚ କ୍ଷମତା ସମ୍ପନ୍ନ ଏହି ଟ୍ରାନ୍ସଫର୍ମର ନିକଟରେ ସ୍କୁଲ ରହିଥିବାବେଳେ ରାସ୍ତାରେ ଲୋକେ ଯାତାୟତ କରୁଛନ୍ତି। ବୁଲା ଗୋରୁଗାଈଙ୍କ ସହ ଷଣ୍ଢଙ୍କ ଉତ୍ପାତ ବଢ଼ିଥିବା ବେଳେ ଏହି ଟ୍ରାନ୍ସଫର୍ମର ବିପଦସଂକୁଳ ଭାବେ ରହିଛି। ଚାରିପାଖରେ କୌଣସି ଆବଦ୍ଧ ନ ଥିବା ଏହି ଟ୍ରାନ୍ସଫର୍ମର ସୁରକ୍ଷା ଦୃଷ୍ଟିରୁ ଅତି ସମ୍ବେଦନ ହୋଇଛି।

## ଧର୍ମପ୍ରାଣ ଶୁକଦେବଙ୍କ ପରଲୋକ

ରାଜନଗର,୨୬।୮ (ସମିସ): ରାଜନଗର ବ୍ଲକ ବେଲପାଳ ଗ୍ରାମର ବିଶିଷ୍ଟ ଧର୍ମପ୍ରାଣ ବ୍ୟକ୍ତି ଶୁକଦେବ ସ୍ୱାଇଁଙ୍କର ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସ୍ୱାଇଁ ଏ



ଅଞ୍ଚଳର ଶହେରୁ ଉର୍ଦ୍ଧ୍ୱ ସଦସ୍ୟ ବିଶିଷ୍ଟ ଏକାନ୍ନ ପରିବାରର ମୁଖିଆ ତଥା ସରଳ ବ୍ୟକ୍ତିତ୍ୱ ଦିବଂଗତ ସନେଇଁ ସ୍ୱାଇଁଙ୍କର କନିଷ୍ଠ ପୁତ୍ର। ସେ ଏକାଧାରରେ ଜଣେ ଈଶ୍ୱରବିଶ୍ୱାସୀ, ଧର୍ମପ୍ରାଣ, ମିଷ୍ଟଭାଷୀ, ପରୋପକାରୀ, ସହୃଦୟ ବ୍ୟକ୍ତି ଭାବେ ପରିଚିତ ଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ବିୟୋଗରେ ଗାଁ ପୁଅ ତଥା ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବିଜେପି ନେତା ଲଳିତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ପ୍ରତିଭା ପାତ୍ର, ବରିଷ୍ଠ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ, ପୂର୍ବତନ ସରପଞ୍ଚ ପତିତପାବନ ପଣ୍ଡା, ପ୍ରେସ କ୍ଲବ ସଭାପତି ଭାସ୍କର ରାଉତରାୟ, ବରିଷ୍ଠ ସାମ୍ବାଦିକ ବ୍ରଜ କିଶୋର ମିଶ୍ର, ସୂର୍ଯ୍ୟ ନାରାୟଣ ଲେଙ୍କା, ବିଜୟ ଗୁପ୍ତା, ରଞ୍ଜନ ପ୍ରଧାନ, ଜଗବନ୍ଧୁ ଖଟୁଆ, ଶିକ୍ଷାବିତ୍ ବାଇଧର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ନୃସିଂହ ସ୍ୱାଇଁ, ଆଦିକନ୍ଦ ରାଉତ, ପୂର୍ବତନ ବିଇଓ ନଳିନୀ ରଞ୍ଜନ ରାଉତରାୟ, ସମାଜସେବୀ କୃପାସିନ୍ଧୁ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଇଦ୍-ମିଲାଦୁନ୍-ନବି ଉତ୍ସବ

ଡେରାବିଶ,୨୬।୮ (ସମିସ): ମହାପୁରୁଷ ହଜରତ ମହମ୍ମଦ(ସ)ଙ୍କ ପବିତ୍ର ଜନ୍ମଜୟନ୍ତୀ ଇଦ-ମିଲାଦୁନ-ନବୀ ଆଜି ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ମୁସଲମାନ ସାହିମାନଙ୍କରେ ଉତ୍ସାହ ଉଦ୍ଦିପନା ମଧ୍ୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଂଚାୟତର ଛଂଚିଣା, ଗୋଲରାହାଟ ପଞ୍ଚାୟତ ଗୋଲରାହାଟ ଓ ଚଷାଖଣ୍ଡ, କୁଶିଆପାଳ ପଂଚାୟତର ହଳଦିଆ, ଚାଟରାଚକଡା ପଞ୍ଚାୟତର ଓଲଢି ଓ ପଲେଇ ପଞ୍ଚାୟତ କଣିପଡ଼ା ଗ୍ରାମର ମୁସଲମାନ ସାହି ଉତ୍ସବ ମୁଖର ହୋଇ ଉଠିଯାଇଛି। ମସଜିଦରେ ପ୍ରାତଃ ନମାଜ ପାଠ ପରେ କୋରାନ ପାଠ କରାଯାଇ ବିଶ୍ୱଶାନ୍ତି ଓ କଲ୍ୟାଣ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ପୂର୍ବାହ୍ନରେ ବିଭିନ୍ନ ଗ୍ରାମରେ ମୁସଲମାନ ଭାଇମାନେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ।

## କେରେଡ଼ାଗଡ଼ରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ

ରାଜନଗର,୨୬।୮ (ସମିସ): ରାଜନଗର ବ୍ଲକ୍ କେରେଡ଼ାଗଡ଼ ମୁସଲିମ ବସ୍ତିରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବସ୍ତିରେ ଥିବା ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ଏହି ପର୍ବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବରିଷ୍ଠ ବିଜେଡି ନେତା ତଥା ଆମ୍ବାର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପରିଡ଼ା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବରିଷ୍ଠ ନେତା ଦିଲ୍ଲୀପ କୁମାର ପାତ୍ର, ନବକିଶୋର ପାତ୍ର, ମନମୋହନ ବେହେରା, ଘନଶ୍ୟାମ ରାଉତ, ବସ୍ତିର



ମୁରବି ସେକ ମହମ୍ମଦ, ସେକ ଉସମାନ, ସେକ କାଲୁ, ସେକ୍ ମୁଦିଆ, ସେକ୍ ରାଜୁ, ସେକ୍ କାଲା, ଯୁବନେତା ସର୍ବେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା କେରେଡ଼ାଗଡ଼ ଗାଁ ଓ ବଜାର ପରିକ୍ରମା କରିଥିଲା।

## ଖରିଫ୍ ଧାନ ପଞ୍ଜୀକରଣ ପାଇଁ ଚାଷୀ ହନ୍ତସନ୍ତ

ଡେରାବିଶ,୨୬।୮ (ସମିସ): ମଣ୍ଡିରେ ଖରିଫ୍ ଧାନ ବିକ୍ରୟ କରିବା ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଚାଲିଛି। ହେଲେ ଅନ୍‌ଲାଇନ୍ ପଞ୍ଜୀକରଣରେ ନାନାଦି ସମସ୍ୟା ଦେଖାଦେବା ଯୋଗୁଁ ଚାଷୀମାନେ ଏବେ ରୁଆ ବେଉଷଣ କାମ ଛାଡ଼ି ପ୍ରାଥମିକ କୃଷି ସମବାୟ ସମିତି ଆଗରେ ଦିନଦିନ ଧରି ଧାଡ଼ିରେ ଛିଡ଼ା ହେଉଛନ୍ତି। ସରକାରଙ୍କ ପକ୍ଷରୁ ଅଗଷ୍ଟ ମାସ ୩୧ ତାରିଖ ମଧ୍ୟରେ ପଞ୍ଜୀକରଣ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ହେଲେ ଅନ୍‌ଲାଇନ୍‌ରେ ୱେବ୍‌ସାଇଟ୍ ସଠିକ ଢଙ୍ଗରେ ଚାଲୁନଥିବାରୁ କେତେକ ସୋସାଇଟ୍‌ରେ ଗୋଟିଏ ଦିନରେ ମାତ୍ର ହାତଗଣତି ୮ ରୁ ୧୦ ଜଣ ଚାଷୀଙ୍କ ପଞ୍ଜୀକରଣ ହୋଇପାରୁଛି। ସମବାୟ ସମିତି କର୍ମଚାରୀଙ୍କ କହିବା କଥା ପୂର୍ବ ବର୍ଷମାନଙ୍କରେ ଚାଷୀମାନେ ପଞ୍ଜୀକରଣ ନିମନ୍ତେ ସେମାନଙ୍କର ଆବଶ୍ୟକୀୟ କାଗଜପତ୍ର ସମବାୟ ସମିତିରେ ଦାଖଲ କରି ପଳାଇ ଯାଉଥିଲେ। ସେଗୁଡ଼ିକ ସମବାୟ ସିମିତର କର୍ମଚାରୀମାନେ ଅନଲାଇନ୍‌ରେ ଭରୁଥିଲେ। ହେଲେ ଚଳିତ ବର୍ଷ ଅନ୍‌ଲାଇନ୍‌ରେ ଚାଷୀ ପଞ୍ଜୀକରଣ କରିବା ପାଇଁ ପ୍ରଥମେ ଚାଷୀମାନଙ୍କ ଆଖି ସ୍କାନ୍ କରିବା ବାଧ୍ୟତାମୂଳକ। ତେଣୁ ୱେବ୍‌ସାଇଟ୍ ଖରାପ ରହୁଥିବାରୁ ବାଧ୍ୟ ହୋଇ ଚାଷୀମାନେ ପଞ୍ଜୀକରଣ କରିବା ପାଇଁ ସମବାୟ ସମିତି ପରିସରରେ ଦିନଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଯଦି ୱେବ୍‌ସାଇଟ୍‌ର ଏପରି ଅବସ୍ଥା ଲାଗିରହେ ତେବେ ସରକାରଙ୍କ ଧାର୍ଯ୍ୟ ତାରିଖ ସୁଦ୍ଧା ବହୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ପଡ଼ିଯିବାର ସମ୍ଭାବନା ଦେଖାଦେଇଛି।

## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ

ପଞ୍ଚୁପାଣ୍ଡବ,୨୬।୮ (ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମରେ ମହାପୁରୁଷ ମହମ୍ମଦଙ୍କ ୧୫୦୧ ତମ ଜୟନ୍ତୀ ପାଳନ ଅନୁଷ୍ଠିତ ହୋଇଯାଇଛି। ଆଲ୍ଲା ହଜରତ



କମିଟି ପକ୍ଷରୁ ମହମ୍ମଦଙ୍କ ଉତ୍ସବରେ ମୁସଲିମ ସାହିର ପିଲାଠୁ ବୟସ୍କ ଲୋକମାନେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ସାମିଲ ହୋଇଥିବା ମହମ୍ମଦ ପ୍ରେମୀଙ୍କୁ ଥଣ୍ଡା ପାନୀୟ, ଜଳ, ବିସ୍କୁଟ, ଚକୋଲେଟ୍ ସହ ସରବତ୍ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମନ୍ତ୍ରୀପଡ଼ା, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ନୂଆ ହାଟ, ଗୋଲରହାଟ ପଞ୍ଚାୟତର ଡେରାବିଶ ଏବଂ ହଳଦିଆ ଗ୍ରାମରେ ପ୍ରତିବର୍ଷ ପରି ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରତି ଗ୍ରାମରେ ଆଲୋକ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ସାଜସଜ୍ଜା ଦେଖିବାକୁ ମିଳିଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ମହମ୍ମଦଙ୍କ ଭକ୍ତ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଡେରାବିଶ ଓ ନିକିରାଇ ଥାନା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କଲେ ଜିଲ୍ଲାପାଳ

ପଟ୍ଟାମୁଣ୍ଡାଇ,୨୬।୮ (ସମିସ):

ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ୭ଟି ପଞ୍ଚାୟତ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାଞ୍ଚଳରେ ପରିବେଶ ଦୂଷିତ ହୋଇ ଝାଡ଼ାବାନ୍ତି ଜ୍ୱର ଥଣ୍ଡା କାଶ ଆଦି ବିଭିନ୍ନ ପ୍ରକାର ରୋଗ ବ୍ୟାପିବାରେ ଲାଗିଛି। ବନ୍ୟା ବିପନ୍ନ ଲୋକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟଚିକିତ୍ସାଧିକାରୀ ଡା. ନିରାକାର ପରିଡ଼ାଙ୍କ ନେତୃତ୍ୱରେ ଧୋୟାଞ୍ଚଳର ପେଣ୍ଠପାଳ ପଞ୍ଚାୟତ କାର୍ଯ୍ୟାଳୟ ତୁଳସୀଡ଼ିଆ ଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବା ସହିତ



ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଉପପରିଚାଳକ ଡା ସୁକାନ୍ତ ପ୍ରଧାନ, ସହକାରୀ ପରିଚାଳକ ନୃସିଂହ ଭୂୟାଁ, ପରାମର୍ଶଦାତା ପ୍ରକାଶ ମଥାନ, ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଡା ଅଭିଲିପ୍ସା ସାହୁ, ଡା ଜ୍ୟୋତି ନାରାୟଣ ଦାସ, ଡା ଲକ୍ଷ୍ମୀପ୍ରିୟା ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନର୍ସିଂ ଅଫିସର ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଶିବିର ଓ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ କାର୍ଯ୍ୟକ୍ରମ କରିଥିଲେ। ଆଜି ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ଚାନ୍ଦ, ନୃସିଂହ ଦାସ, ମଧୁଛନ୍ଦା ମହାପାତ୍ର ଓ ସଞ୍ଜୟ ଦାସ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର।
- ନେଲ୍‌ସନ୍ ମାଣ୍ଡେଲା

## ମହିଳା ସଶକ୍ତୀକରଣର ନୂଆ ଅଧ୍ୟାୟ

ମିଶନ୍ ଶକ୍ତି, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୫୦% ଆସନ ମହିଳାଙ୍କ ପାଇଁ ସଂରକ୍ଷଣ କରି ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶା ବୈଷୟିକ ଓ ପେସାଦାର କ୍ଷେତ୍ରରେ ମହିଳା ସଶକ୍ତୀକରଣରେ ପୁଣି ଏକ ନୂଆ ଅଧ୍ୟାୟ ଲେଖିଛି। କଟକ ଏସ୍‌ସିବି ମେଡିକାଲ୍ କଲେଜର ମୋଟ ୨୭ଟି ବିଭାଗରୁ ୨୦ଟିରେ ମହିଳା ବିଶେଷଜ୍ଞ ବିଭାଗୀୟ ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିବା ବେଳେ ଆସନ୍ତା ମାସରେ ଆଉ ଜଣେ ମହିଳା ବିଭାଗୀୟ ମୁଖ୍ୟ ଦାୟିତ୍ୱ ନେବେ। ଏହାକୁ ମିଶାଇ ୨୧ଟି ବିଭାଗରେ ମହିଳମାନେ ବିଭାଗୀୟ ମୁଖ୍ୟ ପଦ ମଣ୍ଡନ କରିବେ। ରକ୍ଷଣଶୀଳ ଓ ପୁରୁଷକୈନ୍ଦ୍ରିକ ସମାଜରେ ମହିଳା ସଶକ୍ତୀକରଣର ଏହି ଉପଲବ୍ଧି ଅବିସ୍ମରଣୀୟ। କିନ୍ତୁ ଏହା ଏକ ଆତ୍ମସନ୍ତୋଷର ମୁହୂର୍ତ୍ତ ହୋଇଥିଲେ ହେଁ ବିଶ୍ରାମ ନେବାର ସମୟ ଆସିନାହିଁ। ଆଗକୁ ଆହୁରି ଅନେକ ପଥ ଯିବାକୁ ରହିଛି।

ଭାରତରେ ମହିଳା ସଶକ୍ତୀକରଣର କାହାଣୀ ବେଶ୍ ଲମ୍ବା ଓ ସଂଘର୍ଷପୂର୍ଣ୍ଣ। ପରିବାର, ସମାଜ ଓ ସର୍ବୋପରି ରାଷ୍ଟ୍ରଗଠନରେ ମହିଳାଙ୍କ ଭୂମିକା ଓ ଅବଦାନ ଅନସ୍ୱୀକାର୍ଯ୍ୟ। କିନ୍ତୁ ବିଡ଼ମ୍ବନା ହେଉଛି 'ମହିଳା ସଶକ୍ତୀକରଣ' ବଦଳରେ 'ମହିଳାଙ୍କୁ ଉପେକ୍ଷା ମାନସିକତାର ସଶକ୍ତୀକରଣ' ରାଜତନ୍ତ୍ରର ରୁଢ଼ିବାଦୀ ପ୍ରଥାରୁ ଆଜିର ସଭ୍ୟ, ଉନ୍ନତ ଓ ଉଦାରବାଦୀ ଗଣତନ୍ତ୍ର ପର୍ଯ୍ୟନ୍ତ ପ୍ରଚଳିତ ଓ ପରିବ୍ୟାପ୍ତ, ଯେଉଁଥିରୁ ଭାରତୀୟ ଗଣତନ୍ତ୍ର ମଧ୍ୟ ମୁକ୍ତ ନୁହେଁ। ଭାରତ ସମେତ କେତେକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଷ୍ଟ୍ର ଓ ଶାସନ ଦାୟିତ୍ୱ କ୍ୱଚିତ ମହିଳାଙ୍କ ହାତକୁ ଯାଇଥିଲେ ହେଁ ରାଜନୀତିରେ ପୁରୁଷ-ମହିଳା ଲିଙ୍ଗଗତ ବୈଷମ୍ୟ ଏବେ ମଧ୍ୟ ଉତ୍କଟ। ୨୦୨୫ ସେପ୍ଟେମ୍ବର ସୁଦ୍ଧା ପ୍ରାପ୍ତ ତଥ୍ୟାନୁଯାୟୀ ମହିଳାମାନଙ୍କୁ ରାଷ୍ଟ୍ରମୁଖ୍ୟ ଓ ଶାସନ ମୁଖ୍ୟ ଦେଇଥିବା ରାଷ୍ଟ୍ର ସଂଖ୍ୟା ଯଥାକ୍ରମେ ୧୯ ଓ ୨୨। ସାମଗ୍ରିକ ଭାବେ ମନ୍ତ୍ରିପରିଷଦରେ ମହିଳାଙ୍କ ପ୍ରତିନିଧିତ୍ୱ ବିଶ୍ୱରେ ମାତ୍ର ୨୨.୯%। ମନ୍ତ୍ରିମଣ୍ଡଳରେ ମହିଳାଙ୍କ ପ୍ରତିନିଧିତ୍ୱ ୫୦% ଥିବା ଦେଶ ସଂଖ୍ୟା ୫୦ରେ ସୀମିତ। ମାତ୍ର ୬ଟି ଦେଶର ସଂସଦରେ ମହିଳା ଜନପ୍ରତିନିଧି ହାର ୫୦%ରୁ ଊର୍ଦ୍ଧ୍ୱ; ୨୧ଟି ଦେଶରେ ୧୦%ରୁ ମଧ୍ୟ କମ୍; ତିନିଟି ଦେଶର ସଂସଦରେ ଆଦୌ ମହିଳା ପ୍ରତିନିଧି ନାହାନ୍ତି। ଏହି ଧାରା ଜାରି ରହିଲେ ରାଜନୀତିରେ ପୁରୁଷ-ମହିଳା ସମଭାଗିତା ଲକ୍ଷ୍ୟ ହାସଲ କରିବାକୁ ୧୩୦ ବର୍ଷ ଲାଗିଯିବ।



ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ନିର୍ବାଚନୀ ରାଜନୀତିର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଘଟିଛି, ଯେଉଁଥିରେ ମହିଳାମାନଙ୍କୁ 'ଭୋଟିଂ ମେସିନ୍' ଭାବେ ବିବେଚନା କରାଯାଇ ନିର୍ଦ୍ଦିଷ୍ଟ ଭାବେ ସେହି ବର୍ଗ ପାଇଁ ବିଭିନ୍ନ କଲ୍ୟାଣମୂଳକ ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନା ଘୋଷଣା କରାଯାଉଛି। ସେଥିରେ ସଫଳତା ମଧ୍ୟ ମିଳୁଛି। ଅଥଚ ପ୍ରତ୍ୟକ୍ଷ ରାଜନୀତିରେ ସେମାନଙ୍କ ପାଇଁ ଥିବା ସୁଯୋଗଟିକୁ ସମ୍ପ୍ରସାରିତ କରିବାରେ ଉଦ୍ଦେଶ୍ୟମୂଳକ ଅବହେଳା କରାଯାଉଛି। କେବଳ ତାମିଲ୍‌ନାଡୁର ଏନ୍‌ଟିକେ(୫୦%), ବିହାରର ଏଲ୍‌ଜେପି ଓ କଂଗ୍ରେସ(୪୦%), ବିହାରର ଆରଜେଡି (୨୯%), ଝାଡ଼ଖଣ୍ଡର ଜେଏମଏମ୍ ଓ ଓଡ଼ିଶାର ବିଜେଡି(୩୩%) ଲେଖାଏଁ ମହିଳା ପ୍ରାର୍ଥୀଙ୍କୁ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ଦେଇଛନ୍ତି।

ଭାରତୀୟ ବିଧାନପାଳିକାରେ ମହିଳାଙ୍କ ସଶକ୍ତୀକରଣ ପଥରେ ଥିବା ପ୍ରମୁଖ ବାଧକଗୁଡ଼ିକ ମଧ୍ୟରେ ପାରିବାରିକ ଦାୟିତ୍ୱ ବୋଝ, ପରିବାର ସଦସ୍ୟଙ୍କ ସମର୍ଥନ କୁଣ୍ଠା, ଶିକ୍ଷାରେ ଲିଙ୍ଗଗତ ଓ ଆର୍ଥିକ ବୈଷମ୍ୟ, ସର୍ବୋପରି ରାଜନୈତିକ ଦଳମାନଙ୍କ ଇଚ୍ଛାଶକ୍ତିର ଅଭାବ ଆଦି ରହିଛି। ଏହାଛଡ଼ା ଭାରତରେ ସାମ୍ପ୍ରତିକ ଅର୍ଥବଳ ଓ ବାହୁବଳ କବଳିତ ନିର୍ବାଚନ ରଣାଙ୍ଗନ ମହିଳାମାନଙ୍କ ପାଇଁ ଏକ ନିଷିଦ୍ଧ ଓ ଆତଙ୍କିତ ଇଲାକାରେ ପରିଣତ ହୋଇଛି। ତେଣୁ ରାଜନୈତିକ ଦଳମାନେ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେଇ ବିପଦ ଓ ଅନିଶ୍ଚିତତା ବରଣ କରିବାକୁ କିମ୍ବା ସାମ୍ବିଧାନିକ ବ୍ୟବସ୍ଥା କରିବାକୁ ଆଗ୍ରହୀ ହେଉନାହାନ୍ତି।

ଏଭଳି ସ୍ୱାର୍ଥସର୍ବସ୍ୱ ଓ ଅନ୍ଧବିଶ୍ୱାସର ପରିବେଶରେ କଟକ ଏସ୍‌ସିବି ଆଶା, ଆଶ୍ୱାସନା ଓ ପ୍ରେରଣାର କ୍ଷୀଣ କିରଣଟିଏ ଦେଖାଇଛି। ଏଥିସହିତ ମହିଳାମାନେ ସ୍ମରଣ କରିବା ଆବଶ୍ୟକ ଯେ ଭାରତର କୃଷି କ୍ଷେତ୍ରରେ ନିୟୋଜିତ ମାନବ ସମ୍ବଳରେ ମହିଳାଙ୍କ ଅବଦାନ ୬୦%। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆଶା କର୍ମୀ ଆଜି ଦେଶର ଜନସ୍ୱାସ୍ଥ୍ୟର ମେରୁଦଣ୍ଡ ଏବଂ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି ଦିଦି ଶିକ୍ଷା ବ୍ୟବସ୍ଥାର ଭିତ୍ତିଶିଳା। ଭାରତୀୟ ଭେଷଜ ଗବେଷଣା ପରିଷଦ, ଜାତୀୟ ଭୂତାଣୁ ଗବେଷଣା ଅନୁଷ୍ଠାନ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଆଦିରେ କାର୍ଯ୍ୟରତ ମହିଳା ବିଶେଷଜ୍ଞ ଓ ବୈଜ୍ଞାନିକମାନେ ସାର୍ସ ଓ କୋଭିଡ୍-୧୯ର ଟିକା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଇସ୍ରୋର ଗୁରୁତ୍ୱପୂର୍ଣ୍ଣ ଏକାଧିକ ମିଶନ୍‌ରେ 'ମିଶନ୍ ଡାଇରେକ୍ଟର' ଭାବେ ମହିଳାମାନେ ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି। ଏହି ଧାରା ଜାରି ରହିଲେ ସ୍ୱାଧୀନତାର ଅମୃତକାଳରେ ମହିଳାମାନେ ହେବେ ମୁଖ୍ୟ ଚାଳକ। ●

## ଡାକ୍ତର-ରୋଗୀ ବିବାଦ: ଦାୟୀ କିଏ?

**ଡକ୍ଟର ଅବଶ ପରିଡ଼ା**

ଭାରତରେ ଡାକ୍ତର-ରୋଗୀ ସମ୍ପର୍କ କେବଳ ଏକ ଚିକିତ୍ସାଗତ ପାରସ୍ପରିକ କ୍ରିୟା ନୁହେଁ; ବରଂ ଏହା ବିଶ୍ୱାସ, ଯୋଗାଯୋଗ, ସହାନୁଭୂତି, ବୃତ୍ତିଗତ ଦକ୍ଷତା ଏବଂ ଆଶା ଉପରେ ନିର୍ମିତ ଏକ ସାମାଜିକ ସମ୍ପର୍କ। ପାରମ୍ପରିକ ଭାବରେ, ରୋଗୀମାନେ ପ୍ରାୟତଃ ଡାକ୍ତରମାନଙ୍କୁ ମାର୍ଗଦର୍ଶକ ଭାବରେ ମାନନ୍ତି। ବିଗତ କିଛିବର୍ଷ ହେଲାଣି ଘରୋଇ ସ୍ୱାସ୍ଥ୍ୟସେବାର ପ୍ରସାର, ବର୍ଦ୍ଧିତ ଚିକିତ୍ସା ଖର୍ଚ୍ଚ, ଇଣ୍ଟରନେଟ୍-ଆଧାରିତ ସ୍ୱାସ୍ଥ୍ୟ ସୂଚନା, ରୋଗୀ ଅଧିକାର, ସାମାଜିକ ଗଣମାଧ୍ୟମ ଏବଂ ଚିକିତ୍ସା ଅବହେଳା ପ୍ରତି ଅଧିକ ସଚେତନତା ଭଳି ଉପାଦାନର ବୃଦ୍ଧି ଘଟିଛି। ଫଳସ୍ୱରୂପ ଡାକ୍ତର ଓ ରୋଗୀ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ରୋଗୀମାନେ ଡାକ୍ତରଙ୍କ ଠାରୁ ସ୍ୱଚ୍ଛତା, ତୁରନ୍ତ ଫଳାଫଳ ଏବଂ ବିସ୍ତୃତ ବ୍ୟାଖ୍ୟାକୁ ଆଶା କରୁଛନ୍ତି। ସେହିପରି ଡାକ୍ତରମାନେ ଭିଡ଼ ପରିପୂର୍ଣ୍ଣ ହସ୍ପିଟାଲ, ସୀମିତ ସମ୍ବଳ, ପ୍ରଶାସନିକ ଦାୟିତ୍ୱ ଏବଂ ଭାବପ୍ରବଣ ଭାବରେ କଷ୍ଟକର ମାମଲା ସହିତ ସାଂଘାତିକ କାର୍ଯ୍ୟଚାପରେ କାମ କରୁଛନ୍ତି।
ଛଅଶହ ଡାକ୍ତରଙ୍କୁ ନେଇ ହୋଇଥିବା ଦେଶବ୍ୟାପୀ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୭୭% ଡାକ୍ତର କାର୍ଯ୍ୟକ୍ଷେତ୍ରରେ ହିଂସାର ସମ୍ମୁଖୀନ ହୋଇଛନ୍ତି। ଏହାର ଦୁଇଟି ପ୍ରମୁଖ କାରଣ ଥିଲା - ରୋଗୀଙ୍କ ଅବସ୍ଥାର ଉନ୍ନତି ନ ହେବା ଏବଂ ଭୁଲ ଚିକିତ୍ସାର ସନ୍ଦେହ। ଏଠି ସୂଚେଇ ଦେବାକୁ ଚାହେଁ ଯେ ଡାକ୍ତରଙ୍କ ବିରୋଧରେ ହୋଇଥିବା ସମସ୍ତ ମାମଲାର ଅଶି ପ୍ରତିଶତରୁ ଅଧିକ କ୍ଷେତ୍ରରେ ମୁଖ୍ୟ ଅପରାଧୀ ସମ୍ପର୍କୀୟମାନେ ହିଁ ଥିଲେ। ଏହାର ଦୁଇଟି ବିଚାରଧାରା ଅଛି। ପ୍ରଥମ, ଡାକ୍ତର ମହଲ ଅନୁଯାୟୀ ଏହି ଯୋଗାଯୋଗ ବ୍ୟବଧାନ ପାଇଁ ପ୍ରଥମେ କାର୍ଯ୍ୟଚାପ ଏବଂ ଦ୍ୱିତୀୟରେ ରୋଗୀର ବୁଝିବା ଶକ୍ତି ହିଁ ଦାୟୀ। ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ ଏବଂ ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ୍ ଆସୋସିଏସନ୍‌ର ୨୦୨୬ ସର୍ବେକ୍ଷଣ ଦର୍ଶାଉଛି ଯେ ଭାରତରେ ପ୍ରାୟ ୮୮% ରେସିଡେଣ୍ଟ ଡାକ୍ତର ଗୁରୁତର ନିଦ୍ରା ଅଭାବ ଓ ଚାପର ଶିକାର ହେଉଛନ୍ତି। ସପ୍ତାହରେ ୮୦ ଘଣ୍ଟାରୁ ଅଧିକ ସମୟ ଏବଂ ଅନେକ ସମୟରେ ୨୪ ରୁ ୩୬ ଘଣ୍ଟା ନିରନ୍ତର ସିଫ୍ଟରେ କାମ କରିବାକୁ ବାଧ କରାଯାଉଛି। ଡାକ୍ତରୀ ସଂଗଠନଗୁଡ଼ିକ ବାରମ୍ବାର କାର୍ଯ୍ୟ ଘଣ୍ଟା ସୀମା, କର୍ମକ୍ଷେତ୍ରରେ ହିଂସା ବିରୁଦ୍ଧରେ ବର୍ଦ୍ଧିତ ସୁରକ୍ଷା ଏବଂ ଅତ୍ୟଧିକ ଅଣ-ଡାକ୍ତରୀ କାଗଜପତ୍ରରୁ ପ୍ରଶାସନିକ ମୁକ୍ତି ପାଇଁ ଅନୁରୋଧ କରିଛନ୍ତି।

ଏଥର ରୋଗୀଙ୍କ କଥା ଆଲୋଚନା କରିବା। ଏଠାରେ ଡାକ୍ତରଖାନାରେ ହେଉଥିବା ଦୁଇଟି ବିବାଦ ଓ ସ୍ଥାନ ବିଷୟରେ ଜାଣିବା। ଜରୁରୀକାଳୀନ ବିଭାଗ ଓ ଆଇସିୟୁରେ ପ୍ରଥମେ ସବୁଠାରୁ ଗୁରୁତର ରୋଗୀଙ୍କ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦିଆଯାଏ। ଯେହେତୁ କର୍ମଚାରୀମାନଙ୍କ ପାଖରେ ଅପେକ୍ଷା କରିଥିବା ପରିବାରକୁ ଏହି ପ୍ରାଥମିକତା ବୁଝାଇବା ପାଇଁ ସମୟ ବହୁତ କମ୍ ଥାଏ, ତେଣୁ ପାଖରେ ଥିବା ଲୋକମାନେ ଏହି ଅପେକ୍ଷାକୁ ଜାଣିଶୁଣି ପ୍ରଶାସନିକ ଅବହେଳା ଭାବରେ ବ୍ୟାଖ୍ୟା କରନ୍ତି। କଲିକତାରେ ହୋଇଥିବା ଏକ ସର୍ବେକ୍ଷଣରେ ଡାକ୍ତରମାନେ ଅଭିଯୋଗ କରିଥିଲେ ଯେ ରୋଗୀମାନେ ଏବେ ଡାକ୍ତରୀ ଶବ୍ଦର ବ୍ୟବହାର ବହୁଳ ଭାବେ କରୁଛନ୍ତି। ଇଂରାଜୀରେ ଶୂନ୍ୟଜ୍ଞାନ କିମ୍ବା ଆନୁଷ୍ଠାନିକ ଶିକ୍ଷା ଥିବା ରୋଗୀମାନେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଇଂରାଜୀ ଡାକ୍ତରୀ ଶବ୍ଦ ବହୁଳ ଭାବରେ ବ୍ୟବହାର କରନ୍ତି। ଏହାର କାରଣ ହେଉଛି ଯେ ଏସବୁର କୌଣସି ବ୍ୟବହୃତ କଥନୀୟ ସମାନ ଶବ୍ଦ ନାହିଁ। କିଛି ବହୁଳ ବ୍ୟବହାର ଶବ୍ଦ ହେଉଛି ବିପି, ସୁଗାର, ଡାଇବେଟିସ, ଗ୍ୟାସ, ଏସିଡିଟି, ଟେନସନ, ଡିପ୍ରେସନ, ସାଲାଇନ ଇତ୍ୟାଦି। ଏହାବ୍ୟତୀତ ରୋଗୀମାନେ ସମ୍ପୂର୍ଣ୍ଣ ଭୁଲ ପରିଭାଷା ସହିତ ବୈଷୟିକ ଶବ୍ଦ ବ୍ୟବହାର କରିବା ଦ୍ୱାରା ସାଂଗଠନିକ ଦ୍ୱନ୍ଦ୍ୱ ସହିତ ଯୋଗାଯୋଗ ବ୍ୟବଧାନ ବଢୁଛି ବୋଲି କିଛି ଗବେଷଣା ଉଲ୍ଲେଖ କରିଛନ୍ତି। ଉଦାହରଣ ସ୍ୱରୂପ ବ୍ଲକେଜ୍, ସଂକ୍ରମଣ ବା ଇନଫେକ୍ସନ, ଟ୍ୟୁମର, ରିଆକସନ ଆଦି ଶବ୍ଦର ବ୍ୟବହାର ରୋଗୀମାନେ ଯିଏ ଯେମିତି ପାରିଲା ନିଜ ଭାଷାରେ ବ୍ୟବହାର କରୁଛନ୍ତି।

ଏପରି ବି ଅଭିଯୋଗ ହୁଏ ଯେ ନିର୍ଦ୍ଦିଷ୍ଟ ଜଟିଳ ଚିକିତ୍ସା ପଛର ଡାକ୍ତରଙ୍କ ଯୁକ୍ତି ବୁଝିବାକୁ କିଛିକ୍ଷେତ୍ରରେ ରୋଗୀ ଅସମର୍ଥ। ତେଣୁ ସେମାନଙ୍କର ଚିକିତ୍ସା ପ୍ରକ୍ରିୟାକୁ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ କଥା। ସେହିପରି ରୋଗର ଲକ୍ଷଣ ଓ ରୋଗ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ସଠିକ୍ ଭାବରେ ବର୍ଣ୍ଣନା କରିବାରେ ମଧ୍ୟ ରୋଗୀମାନେ କିଛି ଯାଗାରେ ବିଫଳ ହୁଅନ୍ତି। ଏହାର ମୁଖ୍ୟକାରଣ ହେଉଛି ସ୍ୱାସ୍ଥ୍ୟ ସାକ୍ଷରତା। ଭାରତରେ ସ୍ୱାସ୍ଥ୍ୟ ସାକ୍ଷରତା ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଆହ୍ୱାନ। ଏହାଦ୍ୱାରା ସଠିକ ଚିକିତ୍ସା ସୂଚନା ପାଇବାରେ ବ୍ୟାପକ ବ୍ୟବଧାନ ହେଉଛି। ତାହା ସହିତ ଅନଲାଇନ୍‌ରୁ ଭୁଲ ସୂଚନା ମଧ୍ୟ ମିଳୁଛି। ଅଭିଯୋଗ ଏହା ବି ହେଉଛି ଯେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତର ସାମାଜିକ-ଆର୍ଥିକ ଅସମାନତା ପାଇଁ ସ୍ୱାସ୍ଥ୍ୟ ସାକ୍ଷରତା ଦାୟୀ। ସଂକ୍ଷେପରେ ବୁଝିବାକୁ ହେଲେ କମ୍ ସ୍ୱାସ୍ଥ୍ୟ ସାକ୍ଷରତା ଯୋଗୁଁ ରୋଗୀ ବା ସମ୍ପର୍କୀୟ ବିଳମ୍ବରେ ଡାକ୍ତରଖାନା ପରିଦର୍ଶନ କରନ୍ତି। ଏହାଦ୍ୱାରା ରୋଗ ଚିହ୍ନଟରେ ଡେରି ହୁଏ ଏବଂ ଖର୍ଚ୍ଚ ତିନି ଗୁଣ ହୁଏ। ଯାହାଦ୍ୱାରା ବ୍ୟକ୍ତିଟି ଋଣ ଫାଶରେ ପଡ଼ିଯାଏ। ଏକ ଆକଳନରୁ ଜଣାପଡ଼ିଛି ଯେ ଭାରତରେ ୬୦% ରୋଗୀ ନିଜ ରୋଗ ଓ ଚିକିତ୍ସାକୁ ବୁଝିବା ପାଇଁ ସଂଘର୍ଷ କରୁଛନ୍ତି। ସାମାନ୍ୟ ଲାଗୁଥିଲେ ବି ଏହା ଯୋଗୁଁ ରୋଗ ନିବାରଣ, ଦୀର୍ଘକାଳୀନ ଯତ୍ନ ପରିଚାଳନା ଏବଂ ସ୍ୱାସ୍ଥ୍ୟ ଫଳାଫଳ ଅତ୍ୟନ୍ତ ପ୍ରଭାବିତ ହେଉଛି। ଅପରପକ୍ଷରେ ଯୋଗାଯୋଗରେ ଫାଟ ପାଇଁ ଡାକ୍ତର ଓ ସେବା ବ୍ୟବସ୍ଥାକୁ ଉତ୍ତରଦାୟୀ କରିଛନ୍ତି ରୋଗୀ ଓ ସମ୍ପର୍କୀୟ ମହଲ। ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ) ଅନୁଯାୟୀ ୬୧% ରୋଗୀ ଡାକ୍ତର ପରାମର୍ଶ ସମୟରେ ହେଉଥିବା ବାର୍ତ୍ତାଳାପ ପର୍ଯ୍ୟାପ୍ତ ନୁହେଁ ଏବଂ ସେଥିରେ ସେମାନେ ସନ୍ତୁଷ୍ଟ ନୁହନ୍ତି ବୋଲି ଉଲ୍ଲେଖ କରିଛନ୍ତି। ସମୟ ଅଭାବ ହେଉ ବା ଅଧିକ ରୋଗୀ ଦେଖିବା ଆଳରେ ଡାକ୍ତରଙ୍କ ତରବରିଆ ପରାମର୍ଶ ହିଁ ରୋଗୀ ଅସହମତିର ମୂଳକାରଣ।

ରୋଗୀଙ୍କ ପରିଚାରକମାନେ ପୂର୍ବ ସତର୍କତା ବିନା ଦୁଇଟି କଥାର ସମ୍ମୁଖୀନ ହୋଇଥା'ନ୍ତି। ଯଥା ଅପ୍ରତ୍ୟାଶିତ ଚିକିତ୍ସା ବିଲ୍ କିମ୍ବା ହଠାତ୍ ରୋଗୀଙ୍କ ସ୍ୱାସ୍ଥ୍ୟ ଅବନତି। ଅନେକ ସମୟରେ ଦେଖାଯାଇଛି ଯେ ଡାକ୍ତରମାନେ ଆର୍ଥିକ ଦାୟିତ୍ୱ କିମ୍ବା ସ୍ୱାସ୍ଥ୍ୟ ଖରାପର ପୂର୍ବାନୁମାନ ବିଷୟରେ ପ୍ରାରମ୍ଭିକ ସୂଚନା ଦିଅନ୍ତି ନାହିଁ। ଫଳସ୍ୱରୂପ ଭାବପ୍ରବଣ ଏବଂ ଆର୍ଥିକ ଆଘାତ ଯୋଗୁଁ ରୋଗୀ ଓ ଡାକ୍ତର ମଧ୍ୟରେ ହିଂସାତ୍ମକ ଉତ୍ତେଜନା ସୃଷ୍ଟି ହୁଏ। ଅବଶ୍ୟ କେବଳ ବାର୍ତ୍ତାଳାପ ବିନିମୟର ବ୍ୟବଧାନ ନୁହେଁ ବରଂ ଅନେକ ସମୟରେ ସହାନୁଭୂତି, ଅନୁକମ୍ପା ଓ ସକରାତ୍ମକ ପରିବେଶର ଅଭାବ ଦ୍ୱାରା ରୋଗୀମାନେ ନିଜକୁ ଅଣଦେଖା, ଅଶୁଣା ଓ ଅବହେଳିତ ଅନୁଭବ କରିବା ସହ ଡାକ୍ତରମାନଙ୍କୁ ଅବ୍ୟକ୍ତିଗତ ଭାବରେ ମଧ୍ୟ ବିବେଚନା କରନ୍ତି।

ଏମ୍ବର ଏକ ଅଧ୍ୟୟନ ଅନୁଯାୟୀ କେବଳ ସ୍ୱଷ୍ଟ ଓ ସହାନୁଭୂତିପୂର୍ଣ୍ଣ ପରିବେଶ ଦ୍ୱାରା ରୋଗୀମାନଙ୍କର ଚିକିତ୍ସା ସମ୍ବନ୍ଧୀୟ ନିୟମ ପାଳନ କରିବାର ସମ୍ଭାବନା ୨.୫ ଗୁଣ ଅଧିକ ହୋଇଯାଏ। କିନ୍ତୁ ଏହାର ବିପରୀତ ମାମଲାରେ ରୋଗୀମାନେ ଦ୍ୱିତୀୟ ଡାକ୍ତରଙ୍କ ମତାମତ ଲୋଡ଼ିଥା'ନ୍ତି କିମ୍ବା ଚିକିତ୍ସା ସମ୍ପୂର୍ଣ୍ଣ ବନ୍ଦ କରିଦିଅନ୍ତି। ତେଣୁ ଚିକିତ୍ସା ସହିତ ପରାମର୍ଶରେ ମଧ୍ୟ ଏକ ମାନବିକ ସ୍ପର୍ଶର ଆବଶ୍ୟକତା ଅଛି। ଦୁଇ ବିଚାରଧାରାକୁ ଆଧାର କରି ସମାଜବିଜ୍ଞାନୀ ମାନେ କିଛି ଯୁକ୍ତି ଦିଅନ୍ତି। ସେମାନଙ୍କ ମତରେ ଡାକ୍ତରୀ ଶିକ୍ଷାରେ ଆନ୍ତଃବ୍ୟକ୍ତିଗତ ଯୋଗାଯୋଗକୁ କମ୍ ଏବଂ ନିଦାନ ଓ ଚିକିତ୍ସା ଦକ୍ଷତାକୁ ଅଧିକ ପ୍ରାଥମିକତା ଦିଆଯାଏ। ପ୍ରକାଶିତ କିଛି ରିପୋର୍ଟ କୁହେ ଯେ ଯୁବ, କମ୍ ଅଭିଜ୍ଞ, ଡାକ୍ତରମାନେ ହିଂସାର ସବୁଠାରୁ ଅଧିକ ସମ୍ମୁଖୀନ ହୁଅନ୍ତି। ଦ୍ୱନ୍ଦ୍ୱ ସମାଧାନ କିମ୍ବା ଖରାପ ଖବର ପ୍ରଦାନ କରିବାରେ ଆନୁଷ୍ଠାନିକ ତାଲିମର ଅଭାବ ହେଉଛି ଅନ୍ୟତମ କାରଣ। ସେହିପରି ରୋଗୀ ଏବଂ ସେମାନଙ୍କ ପରିବାର ସ୍ୱାସ୍ଥ୍ୟ ସାକ୍ଷର ହେବା ଅତ୍ୟନ୍ତ ଜରୁରୀ। ଦୁଃଖର ବିଷୟ ହେଉଛି ଯେ ଡାକ୍ତର - ରୋଗୀ ସମ୍ପର୍କର ବ୍ୟବଧାନ ଡାକ୍ତରଙ୍କ ବିରୋଧରେ ହିଂସାରେ ପରିପ୍ରକାଶ ହେଉଛି। ତେଣୁ ଯୋଗାଯୋଗ ପାଇଁ କିଛି ମାନକ ଢାଞ୍ଚା ବିକଶିତ କରିବାର ଆବଶ୍ୟକତା ଅଛି, ଯାହାଦ୍ୱାରା ରୋଗ ନିର୍ଣ୍ଣୟ ଓ ଚିକିତ୍ସା ବିକଳ୍ପର ସ୍ପଷ୍ଟୀକରଣ ସୁନିଶ୍ଚିତ ହୋଇପାରିବ। ଏହାଦ୍ୱାରା କେବଳ ରୋଗୀଙ୍କ ସନ୍ତୋଷ ନୁହେଁ, ବରଂ ଡାକ୍ତରୀ ବୃତ୍ତିର ବିଶ୍ୱାସ ଓ ମର୍ଯ୍ୟାଦା ମଧ୍ୟ ପୁନରୁଦ୍ଧାର ହେବ ବୋଲି ଆଶା। ●

ଭୁବନେଶ୍ୱର,
ମୋ: ୮୪୫୬୮୭୯୫୨୨

## ରାଜନୀତିରେ ନୈତିକ ଶୃଙ୍ଖଳା

**ସରୋଜ କାନ୍ତ ଚୌଧୁରୀ**

ଆଜିର ସମୟରେ ମନେହେଉଛି ଯେପରିକି ରାଜନୀତି ତା'ର ଆତ୍ମିକ ସତ୍ତା ହରାଇବସିଛି। କୌଣସି ସଠିକ ଆଦର୍ଶ ବିହୀନ ନେତୃତ୍ୱ, ନିର୍ବାଚନକୁ ଆଖିରେ ରଖି ଦଳଗଠନ ବା ବିଭକ୍ତ, କ୍ଷମତାକୈନ୍ଦ୍ରିକ ମୂଳଚାଲ ଶାସନ ବ୍ୟବସ୍ଥାକୁ ସେବା ନୁହେଁ ମନୋମୁଗ୍ଧକର ଦୃଶ୍ୟରେ ପରିଣତ କରିଦେଇଛି। ଯେତେବେଳେ ମାନସିକ ମୂଲ୍ୟବୋଧକୁ ବଳି ପକାଯାଏ, ନୀତି ନୈତିକତା ସୁବିଧାବାଦ ମଧ୍ୟରେ ବିଲୀନ ହୋଇପଡ଼େ ସେତେବେଳେ ସାମାଜିକତାର ବିଘଟନ ଘଟିଥାଏ। ଏହିଭଳି ସମୟରେ ଆରିଷ୍ଟୋଟଲ ବା ଚାଣକ୍ୟଙ୍କ ଦର୍ଶନ ସବୁକୁ ଅଧ୍ୟୟନ ଓ ବିଶ୍ଳେଷଣ କରାଯିବା ଆବଶ୍ୟକ। କାରଣ ଏହିଭଳି ଦର୍ଶନ ଶାସନ ବ୍ୟବସ୍ଥାକୁ ନୈତିକ ତଥା ଆଧ୍ୟାତ୍ମିକ ଚେତନାତ୍ମକ ଭାବନା ସମ୍ବଳିତ ପବିତ୍ର ଦାୟିତ୍ୱ ମଧ୍ୟରେ ପରିଗଣନା କରିଥାଏ।

ଆରିଷ୍ଟୋଟଲଙ୍କ ମତରେ ପ୍ରାଚୀନ ଗ୍ରୀକ୍ ସଭ୍ୟତାରେ ପୁଲିସ୍ ବା ନଗର ରାଜ୍ୟ ଏକ ଏକ ରାଜନୈତିକ ଅନୁଷ୍ଠାନ କେବଳ ମାତ୍ର ନଥିଲେ ବରଂ ଏହା ସବୁ ନୈତିକତାର କେନ୍ଦ୍ର ଭାବେ ଅଧିଷ୍ଠିତ ଥିଲେ। ତାଙ୍କ ରଚିତ ପ୍ରସିଦ୍ଧ ଗ୍ରୀକ୍ ଗ୍ରନ୍ଥରେ ସେ ଲେଖିଛନ୍ତି 'ମଣିଷ ତା' ଜନ୍ମ ପ୍ରକୃତିରୁ ଏକ ରାଜନୈତିକ ପ୍ରାଣୀ।' ସେ ଗୁରୁତ୍ୱାରୋପ କରିଥିଲେ ଯେ ସଂପ୍ରଦାୟ ମଧ୍ୟରେ ମାନବୀୟ ଉତ୍କର୍ଷ ପ୍ରାପ୍ତି ହୋଇପାରିବ କେବଳ ମାତ୍ର ସଦ୍‌ଗୁଣ ଦ୍ୱାରା ଏବଂ ତା'ର ସଠିକ୍ ପଥ ପ୍ରଦର୍ଶନ ଦ୍ୱାରା। ରାଜନୀତି ତାଙ୍କ ମତରେ ନୈତିକ ନିୟମାବଳୀର ସଂପ୍ରସାରଣ ଅଥବା ସମ୍ମିଳିତ ଜ୍ଞାନ ଦ୍ୱାରା ଉତ୍ତମ ଜୀବନନିର୍ବାହର ମାର୍ଗ। ଅନ୍ୟତମ ମହାନ୍ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ତାଙ୍କ ଦର୍ଶନଶାସ୍ତ୍ରରେ ଆଦର୍ଶ ନରପତିଙ୍କର ଯେଉଁ ବର୍ଣ୍ଣନା ଦେଇଛନ୍ତି ସେଥିରୁ ଜଣାଯାଏ ଯେ ସଠିକ୍ ନେତୃତ୍ୱ କ୍ଷମତାର ଅନୁଧାବନ ଦ୍ୱାରା ନୁହେଁ, ବରଂ ଅନ୍ତଃଜ୍ଞାନ ଓ ନୈତିକ ଉତ୍ତରଣରୁ ହିଁ ଆସିଥାଏ। ଶକ୍ତି ଯେ ଦୁର୍ନୀତିର କାରଣ ହୋଇପାରେ, ଏହାକୁ ଅନୁଭବ କରି ଆରିଷ୍ଟୋଟଲ 'ପଲିଟି' ନାମକ ଏକ ସନ୍ତୁଳିତ ଶାସନ ବ୍ୟବସ୍ଥାର ପ୍ରସ୍ତାବ ଦେଇଥିଲେ, ଯାହା ଜନସାଧାରଣଙ୍କ ସହଭାଗିତା ମାଧ୍ୟମରେ ବିବେକ, ସଂଯମ ଓ ନ୍ୟାୟକୁ ପ୍ରତିଷ୍ଠିତ କରେ। ସେ ସତର୍କ କରିଥିଲେ ଯେ, ଯେତେବେଳେ ଶାସକମାନେ ସଦ୍‌ଗୁଣ ବିନା କେବଳ କ୍ଷମତା ପଛରେ ଧାଉଁଛନ୍ତି, ସେତେବେଳେ ଶାସନ ବ୍ୟବସ୍ଥା ଅତ୍ୟାଚାରରେ ପରିଣତ ହୁଏ। ଆରିଷ୍ଟୋଟଲଙ୍କ ମତରେ, ଏକ ରାଜ୍ୟ ତାହାର ଲୋକମାନଙ୍କର ଆତ୍ମାର ପ୍ରତିବିମ୍ବ। ଯେତେବେଳେ ବିବେକ ଇଚ୍ଛାକୁ ନିୟନ୍ତ୍ରଣ କରେ, ସେତେବେଳେ ଶୃଙ୍ଖଳା ବଜାୟ ରହେ। କିନ୍ତୁ ଯେତେବେଳେ ଇଚ୍ଛା ବିବେକକୁ ପରାସ୍ତ କରେ, ସେତେବେଳେ ବିଶୃଙ୍ଖଳା ସୃଷ୍ଟି ହୁଏ। ନୈତିକ ଦିଗ୍‌ଦର୍ଶନ ବିହୀନ ଶାସନ ଏକ ଅନିୟନ୍ତ୍ରିତ ମନର ଅଶାନ୍ତ, ବିଭକ୍ତ ଓ ଆତ୍ମବିନାଶୀ ଅବସ୍ଥାକୁ ପ୍ରତିଫଳିତ କରେ।

ଚାଣକ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ସମାନ ଭାବରେ ଗଭୀର; କିନ୍ତୁ ଅଧିକ ବ୍ୟାବହାରିକ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି। ଆରିଷ୍ଟୋଟଲ ଯେଉଁଠାରେ ସଦ୍‌ଗୁଣକୁ ଆଧାର କରିଛନ୍ତି, ସେଠାରେ ଚାଣକ୍ୟ ମାନବ ସ୍ୱଭାବର ବାସ୍ତବତାକୁ ଆଧାର କରିଛନ୍ତି। ସେ ବୁଝିଥିଲେ ଯେ କ୍ଷମତା, ସମ୍ପଦ ଓ ଆଇନ ଧର୍ମର ସେବା କରିବା ଉଚିତ୍। କାରଣ ଧର୍ମ ହିଁ ବ୍ରହ୍ମାଣ୍ଡର ନୈତିକ ବ୍ୟବସ୍ଥାକୁ ଧାରଣ କରେ। ତାଙ୍କ ମତରେ ଶାସନରେ ଉଦ୍ଦେଶ୍ୟ ହେଉଛି ଯୋଗକ୍ଷେମ - ଅର୍ଥାତ ପ୍ରଜାଙ୍କ କଲ୍ୟାଣ ଓ ସୁରକ୍ଷା। ସେ କହିଛନ୍ତି ଯେ ଜଣେ ଶାସକ ଧର୍ମର ସେବକ, ମାଲିକ ନୁହେଁ। ଏହା ପ୍ରତିପାଦନ କରେ ଯେ ସତ୍ୟ ନେତୃତ୍ୱ ଆନ୍ତରିକ ଶୃଙ୍ଖଳା ଓ ନୈତିକ ସଚେତନତାରୁ ଜନ୍ମ ନିଏ। ନିରଙ୍କୁଶ କ୍ଷମତାର ଦୁର୍ନୀତିଗ୍ରସ୍ତ ପ୍ରଭାବ ବିଷୟରେ ସଚେତନ ଥିବା ଚାଣକ୍ୟ, ରାଜ୍ୟରେ ସୁଦୃଢ଼ ଅନୁଷ୍ଠାନ ଓ ଭାଗିଦାରୀ ମୂଳକ ଦାୟିତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ସପ୍ତାଙ୍ଗ ରାଜ୍ୟସିଦ୍ଧାନ୍ତ - ରାଜା, ମନ୍ତ୍ରୀ ଜନପଦ (ଭୂଭାଗ), ଦୁର୍ଗ, କୋଷାଗାର, ସେନା ଓ ମିତ୍ର - ପରସ୍ପର ନିର୍ଭରଶୀଳତାକୁ ସୁଶାସନର ମୂଳଭିତ୍ତି ଭାବରେ ସ୍ୱୀକାର କରିଥିବା ଏକ ସମଗ୍ର ମଡେଲ ଥିଲା। ଏହି ସାତୋଟି ଅଙ୍ଗ ପରସ୍ପର ପରିପୂରକ ଥିଲା ଏବଂ ପରସ୍ପର ଉପରେ ସନ୍ତୁଳନ ଓ ନିୟନ୍ତ୍ରଣ ରଖୁଥିଲା, ଯାହାଫଳରେ କ୍ଷମତା ସଦା କର୍ତ୍ତବ୍ୟ ସହିତ ସମନ୍ୱିତ ହୋଇ ରହୁଥିଲା। ଚାଣକ୍ୟଙ୍କ ରାଜନୈତିକ ବାସ୍ତବବାଦ ନୈତିକତାକୁ କେବେ ଅବହେଳା କରିନଥିଲା; ବରଂ ସେ କହିଥିଲେ ଯେ ନୈତିକ ସିଦ୍ଧାନ୍ତଗୁଡ଼ିକ ପ୍ରଜ୍ଞା ଓ ନମନୀୟତା ସହ ପ୍ରୟୋଗ କରିବା ଆବଶ୍ୟକ। ତାଙ୍କ ବିଶ୍ୱାସ ଥିଲା ଯେ କ୍ଷମତାକୁ ବୁଦ୍ଧିମତ୍ତା ଓ ଦୂରଦୃଷ୍ଟି ଦ୍ୱାରା ଶୃଙ୍ଖଳିତ କରାଯିବା ଉଚିତ୍।

ଏକତ୍ର ବିଚାର କଲେ, ଆରିଷ୍ଟୋଟଲ ଏବଂ ଚାଣକ୍ୟ ଶାସନ ବ୍ୟବସ୍ଥାର ଦୁଇଟି ଦିଗ - ଆନ୍ତରିକ ଓ ବାହ୍ୟର ଉପସ୍ଥାପନ କରିଛନ୍ତି। ଆରିଷ୍ଟୋଟଲଙ୍କ ଫ୍ରୋନେସିସ୍, ଅର୍ଥାତ୍ ବ୍ୟବହାରିକ ପ୍ରଜ୍ଞା ଏବଂ ଚାଣକ୍ୟଙ୍କ ନୀତି, ଅର୍ଥାତ୍ କୌଶଳପୂର୍ଣ୍ଣ ବୁଦ୍ଧିମତ୍ତା, ଉଭୟ ଏକ ସାଧାରଣ ସତ୍ୟର ଉଦ୍‌ଘାଟନ କରିଛନ୍ତି - ନୈତିକ ଶୃଙ୍ଖଳା ବିନା ରାଜନୈତିକ ଶୃଙ୍ଖଳାର ଅସ୍ତିତ୍ୱ ସମ୍ଭବ ନୁହେଁ। ବିଶ୍ୱର ଏହି ଦୁଇ ବିଶିଷ୍ଟ ଦାର୍ଶନିକ ନାଗରିକମାନଙ୍କୁ ରାଷ୍ଟ୍ରର ନୈତିକ ମୂଳଦୁଆ ନିର୍ମାଣରେ ସକ୍ରିୟ ଅଂଶଗ୍ରହଣକାରୀ ଭାବରେ ଦେଖିଥିଲେ। ଆରିଷ୍ଟୋଟଲଙ୍କ ଦୃଷ୍ଟିରେ ଜଣେ ଉତ୍ତମ ନାଗରିକ ବିବେକ ଓ ସଦ୍‌ଗୁଣର ନେତୃତ୍ୱରେ ଶାସନ କରିବାରେ ହେଉ ଅଥବା, ଅନ୍ୟବେଳେ କେବେ ଶାସିତ ହେବାରେ ସମାନ ଭାବେ ନିଜ ଦାୟିତ୍ୱପୂର୍ଣ୍ଣ ଅବଦାନ ରଖିଥାଏ। ଅନ୍ୟପକ୍ଷରେ ଚାଣକ୍ୟ ସତର୍କ କରିଥିଲେ ଯେ, ଯେତେବେଳେ ଜନସାଧାରଣ ଉଦାସୀନ ହୋଇପଡ଼ନ୍ତି, ଶାସକମାନେ ନିରଙ୍କୁଶ ହୋଇଯାନ୍ତି ଏବଂ ଦୁର୍ନୀତି ରୋଗ ପରି ସମଗ୍ର ସମାଜରେ ବ୍ୟାପିଯାଏ। ତେଣୁ ନାଗରିକ ଉଦାସୀନତା ରାଜନୈତିକ ଅହଙ୍କାର ପରି ସମାନ ଭାବରେ ବିପଜ୍ଜନକ।

ଭଗବତ୍ ଗୀତା ଆମକୁ ସ୍ମରଣ କରାଏ ଯେ, ଅଧର୍ମ କିମ୍ବା ଅନ୍ୟାୟ ସମ୍ମୁଖରେ ନିଷ୍କ୍ରିୟ ରହିବା ତାହାର ସହଭାଗୀ ହେବା ସଦୃଶ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି - 'ଧର୍ମସଙ୍ଗତ କର୍ମ କରିବା ହିଁ ତୁମର କର୍ତ୍ତବ୍ୟ; ତାହାର ଫଳ ଉପରେ ତୁମର କୌଣସି ଅଧିକାର ନାହିଁ।' ତେଣୁ ଶାସନ କେବଳ କେତେକ ବ୍ୟକ୍ତିଙ୍କ କର୍ତ୍ତୃତ୍ୱର ପ୍ରଦର୍ଶନ ନୁହେଁ; ବରଂ ଏହା ସମଗ୍ର ସମାଜର ସାମୂହିକ ଦାୟିତ୍ୱ, ଯାହା ସମଷ୍ଟିଗତ ଚେତନାର ଏକ ପ୍ରତିଫଳନ। ●

(ପୂର୍ବତନ ପ୍ରଶାସକ)
କଟକ, ମୋ: ୯୪୩୭୩୬୦୯୮୧

## ସୀମାତୀତ ସାହିତ୍ୟର ସଂରକ୍ଷକ: ଦାଶରଥି ପଟ୍ଟନାୟକ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ନିଜେ ଲେଖକ ନ ହୋଇ ମଧ୍ୟ ସାହିତ୍ୟ କୃତି ଓ ପ୍ରାଚୀନ ସଂସ୍କୃତିର ପ୍ରାଣତନ୍ତ୍ରୀକୁ ଯିଏ ଉତ୍ତର ଦାୟାଦମାନଙ୍କ ଆତ୍ମା ସହ ସଂଯୁକ୍ତ କରାଇଦିଅନ୍ତି ଆଗାମୀ ନିରବଧି କାଳ ନିମିତ୍ତ; ସେହି ସଂରକ୍ଷକ ପହଞ୍ଚିପାରନ୍ତି ଏପରି ଏକ ସ୍ତରରେ, ଯାହାକୁ ଅଭିହିତ କରାଯାଇପାରେ ସୀମାତୀତ ସାହିତ୍ୟର ଚିରନ୍ତନ ସୃଷ୍ଟିକଳା ଭାବରେ। ବ୍ୟାପକ ଦୃଷ୍ଟିଭଙ୍ଗୀ ନେଇ ଅନୁଭବ କଲେ ଏପରି କୌଣସି ବିଷୟ ନାହିଁ, ଯାହା ସାହିତ୍ୟର ଅନ୍ତର୍ଭୁକ୍ତ ହୋଇ ନ ପାରେ। ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କ 'ଗୀତାଞ୍ଜଳି' ପାଇଁ ଯେତିକି ପ୍ରସିଦ୍ଧ, 'ଶାନ୍ତିନିକେତନ' ଓ 'ବିଶ୍ୱଭାରତୀ' ବିଶ୍ୱବିଦ୍ୟାଳୟ ପାଇଁ ସେତିକି ସ୍ମରଣୀୟ। ସେହିପରି ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ଶାନ୍ତିକାନନ' ଏକ ଉଦ୍ୟାନ-କାବ୍ୟ ନୁହେଁକି? ସେଇ ଦୃଷ୍ଟିକୋଣରୁ ଦାଶରଥି ପଟ୍ଟନାୟକ ଜଣେ ଅସାମାନ୍ୟ ସାହିତ୍ୟସ୍ରଷ୍ଟା। ଦାସିଆ ଅଜାଙ୍କ ପାଠାଗାର ସାଂସ୍କୃତିକ ସମ୍ପଦର ଏକ ଗନ୍ତାଘର। ନିହାଣ ମୁଗୁରରେ ନିର୍ମିତ ଭାସ୍କର୍ଯ୍ୟ କଳା। ସହିତ୍ୟିକ ଭାବ-ସ୍ପନ୍ଦନ ସୃଷ୍ଟି-କ୍ଷମ ଏକ ପରିଦୃଶ୍ୟମାନ ମହାକାବ୍ୟ। ଲକ୍ଷାଧିକ ପୁସ୍ତକ, ପତ୍ରପତ୍ରିକା, ପ୍ରାଚୀନ ପୋଥି, ବିଭିନ୍ନ ଦେଶର ମୁଦ୍ରା, ହସ୍ତକଳା, କେତେ ପ୍ରସ୍ତର ମୂର୍ତ୍ତି, ପଟ୍ଟଚିତ୍ରରେ ଏହାର ପ୍ରତିଟି ବିଭାଗ ସୁସଜ୍ଜିତ ଓ ସୌନ୍ଦର୍ଯ୍ୟମଣ୍ଡିତ। କୌଣସି କଳାକୁ କାଳ କବଳିତ ହେବାକୁ ନ ଦେଇ ଯିଏ ଏହି ସୁରକ୍ଷିତ ବଳୟ ମଧ୍ୟରେ ସଂରକ୍ଷିତ କରି ରଖି ଯାଇଛନ୍ତି ତାହା ଯେ ସାହିତ୍ୟ ସର୍ଜନାର ଏକ ନୂତନ ମୂର୍ଚ୍ଛନା - ଏଥିରେ ସନ୍ଦେହ କାହିଁ?

ମହାତ୍ମା ଗାନ୍ଧୀଙ୍କ ସଂକଳ୍ପ ଶକ୍ତି ନେଇ ସେ ଘୂରି ବୁଲୁଥିଲେ ପୁରପଲ୍ଲୀ। ଯାହା ନିକଟକୁ ଗଲେ ସେ ମାତ୍ର ୧୦ ପଇସାର ସାହାଯ୍ୟ ଭିକ୍ଷା କରୁଥିଲେ। ଯେଉଁଠି ବି ବହିପତ୍ର, ତାଳପତ୍ର ପୋଥି, ପୁରୁଣା ପଦାର୍ଥ ଦେଖୁଥିଲେ ସେସବୁ ନିଜ ସଂଗ୍ରହାଳୟ ପାଇଁ ସସମ୍ମାନେ ନେଇଆସୁଥିଲେ। ମନେହୁଏ, ସତେକି ସେ ସବୁ ଜିନଷଙ୍କ ମଧ୍ୟସ୍ଥ ସୂକ୍ଷ୍ମସତ୍ତା ଦାସିଆ ଅଜାଙ୍କ ନିକଟରେ ଅଳି କରିଛନ୍ତି ତାଙ୍କୁ ନେଇ ଆସିବା ସକାଶେ। ସେଇ ଅନ୍ତଃସ୍ୱର ଶୁଣିପାରିବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ବକ୍ଷସ୍ଥଳ କି ବିଶାଳ ଓ ସୁପ୍ରଶସ୍ତ ହେଲା ପରେ ଏହି ଅଶ୍ରୁତ ଆବେଦନ ବିଗଳିତ କରିଦେଇପାରେ ଜଣେ ମଣିଷକୁ! ଜୀବନଯାପନ ଥିଲା କେତେ ସରଳ! ଗାନ୍ଧିଜୀଙ୍କ ପରି ଖୋଲା ଛାତି। କେତେ ବହି, ପୁରୁଣା ପତ୍ରପତ୍ରିକା, ଦେଶବିଦେଶର ପ୍ରାଚୀନ ସଂସ୍କୃତିର କେତେ ସନ୍ତକ, ଏପରିକି ଚନ୍ଦ୍ରପୃଷ୍ଠ ଓ ମଙ୍ଗଳ ଗ୍ରହର ମାଟି, ଉଲକା ଖଣ୍ଡର ଅଂଶ ସେ ସାଉଁଟି ଆଣିଛନ୍ତି। ସାହିତ୍ୟର ପବିତ୍ର ଧାରାରେ ସମାଜକୁ ପରିପ୍ଲାବିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ 'ଯଦୁମଣି ସାହିତ୍ୟ ସଂସଦ'। ପାଠାଗାର ଆନ୍ଦୋଳନକୁ ସକ୍ରିୟ କରିବାକୁ ନିଜ ପିତାଙ୍କ ନାମରେ ନିର୍ମାଣ କଲେ 'ବାଞ୍ଛାନିଧି ପାଠାଗାର'। ଆଉ ପୁଣି 'ଶ୍ରୀଅରବିନ୍ଦ ସଂଗ୍ରହାଳୟ'। ପାଠାଗାର ଆନ୍ଦୋଳନର ପିତା ଭାବରେ ପ୍ରସିଦ୍ଧ ଦାସିଆ ଅଜାଙ୍କ ପ୍ରତିଷ୍ଠିତ ଏହି ପ୍ରତିଷ୍ଠାନ ଆଜି ଆନ୍ତର୍ଜାତିକ ସ୍ତରରେ ସୁଖ୍ୟାତି ଲାଭ କରିଛି। ନୟାଗଡ଼ ଠାରୁ ୨୭ କିଲୋମିଟର ଦୂର 'ଉଦୟପୁର'କୁ ଆଜି ଦେଶବିଦେଶର ବହୁଦର୍ଶକ ଆଗମନ କରନ୍ତି ତ୍ୟାଗପୂତ ଜୀବନ-ଭିତ୍ତି ଉପରେ ଦଣ୍ଡାୟମାନ ଏହି ବିସ୍ମୟକର ସାହିତ୍ୟକୀର୍ତ୍ତିକୁ ଦର୍ଶନ କରି ଅଭିନବ ପୁଲକରେ ଶିହରିତ ହେବା ପାଇଁ।

ସଂଗ୍ରହାଳୟର ସାହିତ୍ୟିକ ଆବେଦନକୁ ଆକଳନ କରିବା ହେଉଛି ନବଚିନ୍ତନର ପରିଚାୟକ। ସାହିତ୍ୟ ଗବେଷଣାକ୍ଷେତ୍ରରେ ବୈଚିତ୍ର୍ୟ ଆନୟନ କରିବା ଏକବିଂଶ ଶତାବ୍ଦୀର ଆହ୍ୱାନ ଭାବରେ ଗ୍ରହଣ କରାଯାଇପାରିଲେ ଏହା ଗତାନୁଗତିକ ଧାରାରେ ପରିବର୍ତ୍ତନର ସୂତ୍ରପାତ କରିପାରିବ ନିଶ୍ଚୟ। ଏପରି ଗବେଷଣା ପୃଥିବୀର ସୁପ୍ରସିଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯେପରି ସମ୍ଭବ ହୋଇଛି ତାହା ଏକ ଏକ ଜ୍ୟୋତିର୍ମୟ ପ୍ରେରଣା-ସ୍ତମ୍ଭ। ଏହାକୁ ସାହିତ୍ୟିକ ସ୍ମୃତିର ଆଲେଖ୍ୟ, ସଂସ୍କୃତିର ମୌଖିକ ଓ ଲିଖିତ ସାହିତ୍ୟିକ ଅଭିବ୍ୟକ୍ତି ଭାବରେ ବର୍ଣ୍ଣନା କରାଯାଇଛି। ଏହି ସୂକ୍ଷ୍ମ ଅବବୋଧ ନେଇ ଦାଶରଥି ପଟ୍ଟନାୟକଙ୍କ ଅତୁଳନୀୟ ଅବଦାନକୁ କେନ୍ଦ୍ର କରି ଓଡ଼ିଆ ଭାଷା ଓ ସାହିତ୍ୟ ଭିଭାଗରେ ତାଙ୍କ ସମ୍ପର୍କିତ ଗବେଷଣାତ୍ମକ ସନ୍ଦର୍ଭ ରଚନା ସମ୍ଭବ କେବଳ ନୁହେଁ, ସ୍ୱାଗତଯୋଗ୍ୟ ମଧ୍ୟ।

ନିଜକୁ ଲୋକସ୍ମୃତି ମଧ୍ୟରେ ଉଜ୍ଜୀବିତ କରି ରଖିବା ଦାସିଆ ଅଜାଙ୍କ ଉଦ୍ଦେଶ୍ୟ ନଥିଲା। ବରଂ କାହାକୁ କିଛି ନ ଜଣାଇ ନିରବରେ ବିସ୍ମୃତି ଗର୍ଭରେ ବିଲୀନ ହୋଇଯିବା ପାଇଁ ସେ ନିଜ ଆକାଂକ୍ଷା ପ୍ରକାଶ କରି ଗାନ କରିଛନ୍ତି - 'କେହି ନ ଜାଣିବେ କେହି ନ ଦେଖିବେ, ନ କାନ୍ଦିବେ ଥରେ କେହି / ଚାଲିଯିବି ଏକା ଏତିକି ମାଗୁଣି ତୁମ୍ଭ ନାମ ଗାଇ ଗାଇ।' ଏହି ମହତ୍ତର ବ୍ୟକ୍ତିତ୍ୱ ସାହିତ୍ୟ-ଶିଳ୍ପୀର ଯଶଲାଭ ଆସକ୍ତିରୁ ମଧ୍ୟ କେତେ ଊର୍ଦ୍ଧ୍ୱରେ! ତାଙ୍କ ସମଗ୍ର ଜୀବନ ଓ ଅବଦାନରେ ସାହିତ୍ୟର ଆତ୍ମିକ ଆଲୋକ ବିଚ୍ଛୁରିତ ହୋଇ ରହିଛି, ଯାହା ଶାଶ୍ୱତ ଭାବଧାରାରେ ପବିତ୍ର ଓ ମହୀୟାନ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଡକାୟତି ଯୋଜନା ପଣ୍ଡ; ୪ ଆନ୍ତଃଜିଲ୍ଲା ଡକାୟତ ଗିରଫ

କଟକ,୨୬।୮ (ସମିସ): ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ପୁଲିସ। ଲୁଟପାଟ ପୂର୍ବରୁ ୪ ଜଣ ଆନ୍ତଃଜିଲ୍ଲା ଡକାୟତଙ୍କୁ ଚୌଦ୍ୱାର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜଙ୍କିଆ ଥାନା ବେଣାପଞ୍ଜରୀ ଗାଁର ମଙ୍ଗୁଲୁ ଓରଫ ଏମ୍‌ଡି. ଅରବାଜ (୨୫), ଗଣେଶ୍ୱର ଦାସ (୨୩), ଗଜପତିନଗରର ଏସ୍‌.କେ. ମନୋହର (୨୬) ଓ ଏସ୍‌.କେ. ସଲମାନ (୨୮)। ସେମାନଙ୍କ ନିକଟରୁ ଗୋଟିଏ କାର, ମାରଣାସ୍ତ୍ର, ଲୁହାରଡ୍‌, ନଗଦ ୨,୯୨୦ ଟଙ୍କା, ଲଙ୍ଗଳଗୁଣ୍ଡା ପ୍ୟାକେଟ, ୪ଟି ମୋବାଇଲ ଓ ୫ଟି ବିୟର ବୋତଲ ଜବତ ହୋଇଛି। ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ଚୌଦ୍ୱାର ଥାନା ପୋଲିସ ପକ୍ଷରୁ ଏମ୍‌ପି ଛକରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ୪ରୁ ୫ ଜଣ ସନ୍ଦିଗ୍ଧ ଯୁବକ ଚୌଦ୍ୱାର ଲାଇଟ୍‌ ହାଉସ ନିକଟରେ ଏକାଠି ହୋଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ସେମାନେ କୌଣସି ଅପରାଧ ଘଟାଇବାକୁ ଯୋଜନା କରୁଥିବା ସୂଚନା ପାଇବାମାତ୍ରେ ପୁଲିସ ଟିମ୍‌ ତୁରନ୍ତ ସେଠାରେ ପହଞ୍ଚିଥିଲା। ପୁଲିସକୁ ଦେଖି ଜଣେ ଦୁର୍ବୃତ୍ତ ଚମ୍ପଟ ମାରିଥିବା ବେଳେ ଅନ୍ୟ ୪ ଜଣଙ୍କୁ ପୁଲିସ କାବୁ କରିଥିଲା। ତଲାସୀ ପରେ ସେମାନଙ୍କ ନିକଟରୁ ଦୁଇଟି କଟୁରି, ଗୋଟିଏ ଛୁରି, ଲୁହାରଡ୍‌, ନଗଦ ଟଙ୍କା, ଲଙ୍ଗଳଗୁଣ୍ଡା ପ୍ୟାକେଟ, ମୋବାଇଲ ଓ ବିୟର ବୋତଲ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ପେସାଦାର ଅପରାଧୀ ବୋଲି ପୁଲିସ କହିଛି। ସେମାନେ ଏକ ଧଳା ରଙ୍ଗର କାରରେ ଜଗତପୁରରୁ କଟକ-ଚୌଦ୍ୱାର ଅଞ୍ଚଳକୁ ଆସିଥିଲେ। ଲାଇଟ୍‌ ହାଉସ ନିକଟ ଅନ୍ଧାରିଆ ସ୍ଥାନରେ ଗାଡ଼ି ରଖି ମଦ୍ୟପାନ କରିବା ସହ ଡକାୟତି ଯୋଜନା କରୁଥିଲେ। ରାତି ୧୦ଟା ପରେ ପେଟ୍ରୋଲ ପମ୍ପକୁ ଟାର୍ଗେଟ କରି ଟଙ୍କା ଲୁଟିବାକୁ ସେମାନେ ଯୋଜନା କରିଥିଲେ। ଏହା ପୂର୍ବରୁ ମଧ ସେମାନେ ବାରମ୍ବାର କଟକ ଆସି ରେକି କରିଥିବା ଜେରା ବେଳେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ସଲମାନଙ୍କ ବିରୋଧରେ ପୂର୍ବରୁ ଜଗତପୁର ଓ ସମ୍ବଲପୁର ଟାଉନ ଥାନାରେ ୩ଟି, ମଙ୍ଗୁଲୁଙ୍କ ନାମରେ ଖୋର୍ଦ୍ଧା, ଜଙ୍କିଆ, ନିରାକାରପୁର ଓ ଜଗତପୁର ଥାନାରେ ୭ଟି ଏବଂ ଗଣେଶ୍ୱରଙ୍କ ନାମରେ ଜଙ୍କିଆ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଛି। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି। ଫେରାର ସହଯୋଗୀଙ୍କୁ ଧରିବା ପାଇଁ ପୁଲିସର ଉଦ୍ୟମ ଜାରି ରହିଛି।

# ଆନ୍ଧ୍ରର ନେରେଡ଼ି ବ୍ୟାରେଜ ପାଇଁ ଓଡ଼ିଶାର ଶହେ ଏକର ଜମି ହସ୍ତାନ୍ତର ଲାଗି ପ୍ରଶାସନିକ ତତ୍ପରତା

ପାରଳାଖେମୁଣ୍ଡି,୨୬।୮(ସମିସ) : ଓଡିଶା-ଆନ୍ଧ୍ର ସୀମାନ୍ତ ତଥା ଗଜପତି ଜିଲ୍ଲାରେ ପ୍ରବାହିତ ବଂଶଧାରା ନଦୀ ଉପରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପ୍ରସ୍ତାବିତ ନେରେଡ଼ି ବ୍ୟାରେଜ ନିର୍ମାଣ ପ୍ରସଙ୍ଗରେ ଓଡ଼ିଶା ଅଞ୍ଚଳର ୧୦୬ ଏକର ଜମି ଅଧିଗ୍ରହଣ ଓ ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପ୍ରଶାସନିକ ତତ୍ପରତା ଆରମ୍ଭ ହୋଇଛି। ଏ ନେଇ ଗଞ୍ଜାମ ଇନ୍‌ଭେଷ୍ଟିଗେଶନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କାଶୀନଗର ତହସିଲଦାରଙ୍କୁ ଚିଠି ଲେଖି ଜମି ଚିହ୍ନଟ ପାଇଁ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଅଧିକାରୀଙ୍କ ଉପସ୍ଥିତିରେ ମିଳିତ ଯାଞ୍ଚ ନିମନ୍ତେ ତାରିଖ ଧାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ଚିଠିରେ ଉଲ୍ଲେଖ ଅନୁଯାୟୀ, ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲର ଚୂଡ଼ାନ୍ତ ନିଷ୍ପତ୍ତି ଓ ୩୦ ମାର୍ଚ୍ଚ ୨୦୨୬ରେ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିର ଧାରା-୮ ଅନୁସାରେ ଓଡ଼ିଶା ସରକାରଙ୍କୁ ୩୦ ମାର୍ଚ୍ଚ ୨୦୨୭ ସୁଦ୍ଧା ଆନ୍ଧ୍ରପ୍ରଦେଶକୁ ୧୦୬ ଏକର ଜମି ଅଧିଗ୍ରହଣ କରି ହସ୍ତାନ୍ତର କରିବାକୁ ପଡ଼ିବ। ନେରାଡ଼ି ବ୍ୟାରେଜ ନିର୍ମାଣ ପାଇଁ ଓଡ଼ିଶା ସୀମା ମଧ୍ୟରେ ଥିବା ଉକ୍ତ ୧୦୬ ଏକର ଜମି ଚିହ୍ନଟ କରାଯାଇ ଆନ୍ଧ୍ରପ୍ରଦେଶ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିହ୍ନଟ କରାଯାଇଥିବା ଚିଠିରେ ଦର୍ଶାଯାଇଛି। ଏହି ଜମି କାଶୀନଗର ତହସିଲ ଅଧୀନରେ ରହିଥିବାରୁ ତହସିଲଦାରଙ୍କୁ ଶୀଘ୍ର ମିଳିତ ଯାଞ୍ଚ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ତେଣୁ କାଶୀନଗର ତହସିଲଦାର ଓ ରାଜସ୍ୱ ଏଡିଏମ ଅଞ୍ଚଳ ଗସ୍ତ କରି ସରକାରଙ୍କ ନିର୍ଦ୍ଦେଶନାମା ଆସିଥିବା ସୂଚନା ଦେଇଛନ୍ତି। ଚଳିତ ମାସ ୨୮ ତାରିଖରେ ଆନ୍ଧ୍ର ଓଡ଼ିଶା ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ମିଳିତ ଭାବେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଲୋକଙ୍କୁ କୁହାଯାଇଛି। ସୂଚନା ପାଇବା ପରେ ଭିଟାମାଟି, ଚାଷଜମି, ବାସଗୃହ ହରାଇବା ଚିନ୍ତା ମାଡ଼ି ବସିଛି। ଆନ୍ଧ୍ରର ଏହି ବ୍ୟାରେଜ ନିର୍ମାଣ ହେଲେ ଓଡ଼ିଶା କ୍ଷତିଗ୍ରସ୍ତ ହେବ, ବଂଶଧାରା ନଦୀର ଜଳ ଆଉ ଓଡ଼ିଶାକୁ ମିଳିବ ନାହିଁ, ଯାହାକୁ ନେଇ ତତ୍କାଳୀନ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ, ଏହାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ତ୍ତମାନ ଟ୍ରିବ୍ୟୁନାଲ ନେରେଡି ପ୍ରକଳ୍ପ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ଓଡ଼ିଶା ସରକାର ସହମତି ପ୍ରଦାନ କରିଥିବା ବେଳେ ଆନ୍ଧ୍ର ସରକାରଙ୍କୁ ସହଯୋଗ କରିଛନ୍ତି। ତେବେ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସହ ସରକାର କିମ୍ବା କୌଣସି ପ୍ରତିନିଧି ଆଲୋଚନା କରିନଥିବା ବେଳେ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ କରିବେ ବୋଲି କହିଛନ୍ତି ଅଞ୍ଚଳବାସୀ। ନେରେଡି ପ୍ରକଳ୍ପ ପାଇଁ ଜମି ଚିହ୍ନଟ ଓ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। କାଶୀନଗର ତହସିଲଦାର ଓ ରାଜସ୍ୱ ଏଡିଏମ ଅଞ୍ଚଳ ଗସ୍ତ କରି ଏନେଇ ସରକାରଙ୍କ ନିର୍ଦ୍ଦେଶନାମା ଆସିଥିବା ସୂଚନା ଦେଇଛନ୍ତି। ଚଳିତ ମାସ ୨୮ ତାରିଖରେ ଆନ୍ଧ୍ର ଓଡ଼ିଶା ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ମିଳିତ ଭାବେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଲୋକଙ୍କୁ କୁହାଯାଇଛି। ସୂଚନା ପାଇବା ପରେ ଭିଟାମାଟି, ଚାଷଜମି, ବାସଗୃହ ହରାଇବା ଚିନ୍ତା ମାଡ଼ି ବସିଛି। ଆନ୍ଧ୍ରର ଏହି ବ୍ୟାରେଜ ନିର୍ମାଣ ହେଲେ ଓଡ଼ିଶା କ୍ଷତିଗ୍ରସ୍ତ ହେବ, ବଂଶଧାରା ନଦୀର ଜଳ ଆଉ ଓଡ଼ିଶାକୁ ମିଳିବ ନାହିଁ, ଯାହାକୁ ନେଇ ତତ୍କାଳୀନ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ, ଏହାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ତ୍ତମାନ ଟ୍ରିବ୍ୟୁନାଲ ନେରେଡି ପ୍ରକଳ୍ପ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ଓଡ଼ିଶା ସରକାର ସହମତି ପ୍ରଦାନ କରିଥିବା ଥିବା ବେଳେ ଆନ୍ଧ୍ର ସରକାରଙ୍କୁ ସହଯୋଗ କରିଛନ୍ତି। ତେବେ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସହ ସରକାର କିମ୍ବା କୌଣସି ପ୍ରତିନିଧି ଆଲୋଚନା କରିନଥିବା ବେଳେ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ କରିବେ ବୋଲି କହିଛନ୍ତି ଅଞ୍ଚଳବାସୀ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେପାଳରେ ବନ୍ୟା...

ଦୂର ଉତ୍ତର-ପୂର୍ବ ଦିଗରେ ଥିବା ଏକ ପାହାଡ଼ରୁ ବିଶାଳ ପଥରସ୍ତର ନଦୀ ଭିତରେ ଖସିପଡ଼ିବା ଯୋଗୁଁ ଏହି ବିପର୍ଯ୍ୟୟ ଘଟିଛି। ଏହି ପଥର ସ୍ଖଳନ କାରଣରୁ ନେପାଳ-ଚୀନ ସୀମାରେ ଥିବା ଲେନ୍ଦେ ନଦୀର ଜଳସ୍ତର ୩୦ ମିନିଟରେ ୧୦ ମିଟର ବୃଦ୍ଧି ପାଇଥିଲା। ବନ୍ୟା ଜଳ ଭୋଟେ କୋଶୀ ଦେଇ ତ୍ରିଶୂଳୀ ନଦୀରେ ପ୍ରବେଶ କରିଥିଲା। ଭୋଟେ କୋଶୀ ନଦୀରେ ସକାଳେ ବନ୍ୟା ଜଳ ପ୍ରବେଶ କରି ପ୍ରଥମେ ରସୁୱା ଓ ଧାଦିଙ୍ଗ ଜିଲ୍ଲାକୁ ପ୍ରଭାବିତ କରିଥିଲା।

ନେପାଳ ପର୍ଯ୍ୟଟନ ବୋର୍ଡର ସୂଚନା ଅନୁଯାୟୀ, ରସୁୱା ବନ୍ୟାରେ ପ୍ରାୟ ୧୦୦୦ ପର୍ଯ୍ୟଟକ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ୨୯୧ ଜଣ ବିଦେଶୀ ଏବଂ ୯୩ ଜଣ ନେପାଳୀ ନାଗରିକ ଅଛନ୍ତି। ନିଖୋଜ ବିଦେଶୀ ନାଗରିକଙ୍କ ମଧ୍ୟରେ ୧୩୩ ଜଣ ଭାରତୀୟ ଓ ୩୭ ଜଣ ପ୍ରବାସୀ ଭାରତୀୟ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କୈଳାସ ମାନସରୋବର ଯାତ୍ରା ପାଇଁ ଯାଉଥିଲେ ଏବଂ ଅତିକମରେ ୫୯ ଜଣ ଭାରତୀୟ ଶ୍ରଦ୍ଧାଳୁ ଯାତ୍ରୀ ରହିଥିଲେ। ଏହାବ୍ୟତୀତ ଆମେରିକା, ମାଲେସିଆ, ବ୍ରିଟେନ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ନେଦରଲ୍ୟାଣ୍ଡସରୁ ଆସିଥିବା ଅନେକ ପର୍ଯ୍ୟଟକ ମଧ୍ୟ ନିଖୋଜ ଅଛନ୍ତି। ନେପାଳ ସେନାର ୪୪ ଜଣ ଯବାନଙ୍କ ସମେତ ୮୦ରୁ ଅଧିକ ସୁରକ୍ଷାକର୍ମୀ ମଧ୍ୟ ଏହି ପ୍ରଳୟରେ ନିଖୋଜ ଥିବା ସୂଚନା ମିଳିଛି। ସେପଟେ ଚୀନର ସୀମାବର୍ତ୍ତୀ ଗିରୋଙ୍ଗ କାଉଣ୍ଟିରେ ମଧ୍ୟ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ ନିଖୋଜ ଲୋକଙ୍କୁ ଉଦ୍ଧାର କରିବା ସହ ପ୍ରଭାବିତ ଅଞ୍ଚଳରୁ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ୟା ଯୋଗୁଁ ନେପାଳର ପରିବହନ ଓ ଶକ୍ତି କ୍ଷେତ୍ର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୁଆକୋଟର ବେତ୍ରାବତୀରୁ ରସୁୱାଗଢ଼ି ସୀମାନ୍ତ ଅଞ୍ଚଳକୁ ସଂଯୋଗ କରୁଥିବା ୪୨ କିଲୋମିଟର ଦୀର୍ଘ ରାସ୍ତା ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ଏଥି ସହିତ ଚାରୋଟି ପକ୍କା ପୋଲ ସମେତ ୧୨ଟି ଅସ୍ଥାୟୀ ପୋଲ ଭାସିଯାଇଛି। ସୀମାବର୍ତ୍ତୀ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକରେ ଥିବା ଅନେକ ଗାଡ଼ି ଓ ସାମଗ୍ରୀ ବନ୍ୟା ଜଳରେ ଭାସିଯାଇଛି। ଏହାସହ ନେପାଳର ୧୩ଟି ଜଳବିଦ୍ୟୁତ ପ୍ରକଳ୍ପ (୮ଟି କାର୍ଯ୍ୟକ୍ଷମ ଓ ୫ଟି ନିର୍ମାଣାଧୀନ) କ୍ଷତିଗ୍ରସ୍ତ ହୋଇଛି। ନେପାଳର ବନ୍ୟା ପୂର୍ବାନୁମାନ ବିଭାଗ ସୂଚନା ଦେଇଛି ଯେ ସୀମାରେ ନଦୀ ଅବରୋଧ ହୋଇ ସୃଷ୍ଟି ହୋଇଥିବା ହ୍ରଦର ଜଳ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ନିଷ୍କାସିତ ହୋଇପାରିନାହିଁ। ଏହି କାରଣରୁ ଭୋଟେ କୋଶୀ ଏବଂ ତ୍ରିଶୂଳୀ ନଦୀ କୂଳବର୍ତ୍ତୀ ଅଞ୍ଚଳରେ ବିପଦ ଆଶଙ୍କା ଲାଗିରହିଛି।

ବିପର୍ଯ୍ୟୟ ପରେ ଭାରତୀୟ ଦୂତାବାସ ତୁରନ୍ତ ଉଦ୍ଧାର ଏବଂ ସହାୟତା ପାଇଁ ନେପାଳ ସରକାରଙ୍କ ସହ ସମ୍ପର୍କରେ ରହିଛି। ସେହିପରି ନେପାଳ ପର୍ଯ୍ୟଟନ ବୋର୍ଡ ପକ୍ଷରୁ ମଧ୍ୟ ଜରୁରୀକାଳୀନ ନମ୍ବର ୧୨୩୪, ହଟଲାଇନ ୧୧୪୪ ଏବଂ ପର୍ଯ୍ୟଟନ ପୁଲିସ ନମ୍ବର ୯୮୫୧୨୮୯୪୪୫ ଜାରି କରାଯାଇଛି। ଭାରତୀୟ ଦୂତାବାସ ପକ୍ଷରୁ ପ୍ରଭାବିତ ଭାରତୀୟ ନାଗରିକଙ୍କ ସହାୟତା ପାଇଁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି +୯୭୭ ୯୮୫ ୧୩୧ ୬୮୦୭, +୯୭୭ ୯୭୦ ୯୧୦ ୭୫୦୦।

### ଜାତୀୟ ଦଳଠାରୁ...

କୁମାର ପି. କହିଛନ୍ତି ଯେ ବିବିଧତା ହିଁ ଭାରତର ପରିଚୟ। ଦେଶରେ ବର୍ତ୍ତମାନ ୨୮୫୪ଟି ରାଜନୈତିକ ଦଳ ସକ୍ରିୟ ଅଛନ୍ତି। ସେମାନଙ୍କ ମଧ୍ୟରେ ମାତ୍ର ୬ଟି ଜାତୀୟ , ୬୭ଟି ଆଞ୍ଚଳିକ ଦଳ ରହିଛି। ଏମାନଙ୍କ ବ୍ୟତୀତ ଅନ୍ୟ ପଞ୍ଜିକୃତ ରାଜନୈତିକ ଦଳର ସଂଖ୍ୟା ୨୫୯୩। ଏଥିରୁ ଦେଶର ବିବିଧତା ସହଜରେ ଅନୁମେୟ। ଦେଶରେ ବର୍ତ୍ତମାନ ଏକ ଦେଶ, ଏକ ନିର୍ବାଚନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି, ଯାହା ବର୍ତ୍ତମାନ ପରିପ୍ରେକ୍ଷୀରେ ଆଦୌ ପ୍ରାସଙ୍ଗିକ ନୁହେଁ। ଏକ ଦେଶ ଏକ ନିର୍ବାଚନ ପରିବର୍ତ୍ତେ ଦେଶରେ ଏକ ବ୍ୟାପକ ନିର୍ବାଚନୀ ସଂସ୍କାରର ଆବଶ୍ୟକତା ରହିଛି। ଏହାଦ୍ୱାରା ହିଁ ଦେଶ ଆଗକୁ ବଢ଼ିପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ୧୯୫୨ ମସିହାରେ ଓଡ଼ିଶାର ଏକ ଆଞ୍ଚଳିକ ଦଳ ଲୋକସଭା ନିର୍ବାଚନରେ ୬ଟି ଆସନ ହାସଲ କରିଥିଲା। ଅତଏବ ଓଡ଼ିଶା ଦେଶର ନିର୍ବାଚନ ସିଷ୍ଟମ କ୍ଷେତ୍ରରେ ସେତେବେଳେଠାରୁ ଦେଶକୁ ଏକ ପଥ ପ୍ରଦର୍ଶନ କରି ଆସିଛି। ଦେଶରେ ଦ୍ୱିଦଳୀୟ ନିର୍ବାଚନୀ ବ୍ୟବସ୍ଥା ନୁହେଁ, ବରଂ ଅନ୍ୟ ରାଜନୈତିକ ଦଳମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ବିଜେଡିର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଉଭୟ ଦ୍ୱି-ଦଳୀୟ ଏବଂ ବହୁ ଦଳୀୟ ବ୍ୟବସ୍ଥାକୁ ନେଇ ଦୁଇପ୍ରକାର ଚିତ୍ର ରହିଛି। ଦ୍ୱି-ଦଳୀୟ ବ୍ୟବସ୍ଥାରେ ରାଜନୈତିକ ସ୍ଥିରତା ରହିପାରେ। ମେଣ୍ଟ ସରକାର ଦରକାର ନ ପଡ଼ିପାରେ। ଦୁଇ ଦଳ ମଧ୍ୟରେ ସ୍ପଷ୍ଟ ସୀମାରେଖା ରହିପାରେ। ମାତ୍ର ଦ୍ୱି-ଦଳୀୟ ବ୍ୟବସ୍ଥା ଲାଗୁହେଲେ ପ୍ରତିନିଧିତ୍ୱ ସୀମିତ ହେବ ଏବଂ ମାତ୍ର ଦୁଇଟି ଦଳ ଦେଶକୁ ନିୟନ୍ତ୍ରିତ କରିବେ। ଧ୍ରୁବୀକରଣ ରାଜନୀତି ବଢ଼ିବା ସହ ଦେଶରେ ଆଞ୍ଚଳିକତା ଭିତ୍ତିରେ ଆକାଂକ୍ଷା ପୂରଣ ନହେବାର ସମ୍ଭାବନା ରହିଛି। ଦେଶରେ ଦ୍ୱି-ଦଳୀୟ ବ୍ୟବସ୍ଥା ଲାଗୁ ହୋଇଥିଲେ ବିଜେଡି ପରି ଆଞ୍ଚଳିକ ଦଳ ଏବଂ ନବୀନ ପଟ୍ଟନାୟକ ପରି ଜନନାୟକଙ୍କୁ ଆମେ ପାଇନଥାନ୍ତେ। ଦ୍ୱି-ଦଳୀୟ ବ୍ୟବସ୍ଥା ହେଉ ଅଥବା ବହୁ ଦଳୀୟ ବ୍ୟବସ୍ଥା; ଏହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଶିକ୍ଷିତ, ସଚେତନ ନାଗରିକ, ଶକ୍ତିଶାଳୀ ସାମ୍ବିଧାନିକ ବ୍ୟବସ୍ଥା, ଦାୟିତ୍ୱବୋଧ ରାଜନୈତିକ ଦଳ, ଶକ୍ତିଶାଳୀ ଗଣମାଧ୍ୟମ ଏବଂ ସକ୍ରିୟ ବିରୋଧୀ ଦଳଙ୍କର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିପରି ଦେଶର ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ସହ ସାମ୍ବିଧାନିକ ସଂସ୍ଥାର ନିରପେକ୍ଷତାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଆମ ଆଦମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି ଯେ ପ୍ରତିନିଧିତ୍ୱ, ଉତ୍ତରଦାୟିତ୍ୱ, ଅଭିବ୍ୟକ୍ତିର ସ୍ୱାଧୀନତା ହିଁ ଗଣତନ୍ତ୍ର ମୂଳମନ୍ତ୍ର। ଆଜି ଯଦି ଭାରତରେ ଆମେ କିଛି ସମାନତା ଦେଖୁଛେ, ତାହେଲେ ଏହା ଆଞ୍ଚଳିକ ଦଳମାନଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ଗଣତନ୍ତ୍ର ପାଇଁ ଦ୍ୱି-ଦଳୀୟ ନା ବହୁଦଳୀୟ ବ୍ୟବସ୍ଥା ଭଲ ତାହା ଯେତିକି ଆଲୋଚନାର ବିଷୟ ନୁହେଁ, ତାହାଠାରୁ ବଡ଼ ପ୍ରସଙ୍ଗ ହେଉଛି ଭାରତର ଗଣତନ୍ତ୍ର ପାଇଁ କ'ଣ ଶୁଭଙ୍କର। ଯାହା ସାଧାରଣ ଲୋକଙ୍କର ଭାବନା, ଆକାଂକ୍ଷା, ଭାବନାକୁ ବ୍ୟକ୍ତ କରିପାରେ, ସେହି ବ୍ୟବସ୍ଥା ହିଁ ଗଣତନ୍ତ୍ର ପାଇଁ ଉପଯୋଗୀ। ଆମ ସମ୍ବିଧାନରେ କେଉଁଠି ମଧ୍ୟ ଦଳୀୟ ବ୍ୟବସ୍ଥା ନେଇ ନିର୍ଦ୍ଦିଷ୍ଟତାର ସହ ଉଲ୍ଲେଖ ରହିନାହିଁ। ଆପଣ ଯଦି ଲୋକଙ୍କୁ ପ୍ରତିନିଧିତ୍ୱ କରୁଛନ୍ତି, ସେମାନଙ୍କର ଆକାଂକ୍ଷାକୁ ପ୍ରତିନିଧିତ୍ୱ କରୁଛନ୍ତି, ତାହେଲେ ଏହାହିଁ ଗଣତନ୍ତ୍ରକୁ ସୁଦୃଢ଼ତା ପ୍ରଦାନ କରିପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଆଲୋଚନାଚକ୍ରକୁ ବରିଷ୍ଠ କବି ତଥା ରାଜନୈତିକ ବିଶେଷଜ୍ଞ କେଦାର ମିଶ୍ର ସଂଯୋଜନା କରିଥିଲେ।

କନ୍‌କ୍ଲେଭର ଦ୍ୱିତୀୟ ଦିନରେ ଉପରୋକ୍ତ ଅଧିବେଶନ ବ୍ୟତୀତ ଆଉ ୩ଟି ଅଧିବେଶନ ଅନୁଷ୍ଠିତ ହୋଇଛି। 'ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିଛି ନୂଆ ସୁଯୋଗ ଓ ସମ୍ଭାବନା', 'ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରୋଲ ମଡେଲ' ଏବଂ '୨୦୩୬ରେ ସମୃଦ୍ଧ ଓଡ଼ିଶାର ଗଠନର ସ୍ୱପ୍ନ ଓ ସଙ୍କଳ୍ପ' ପ୍ରସଙ୍ଗରେ ଅତିଥିମାନେ ବ୍ୟାପକ ସାରଗର୍ଭକ ଆଲୋଚନା କରିଛନ୍ତି। ପ୍ରଥମ ଦିନର ଉଦଘାଟନୀ ଅଧିବେଶନକୁ ମିଶାଇ ମୋଟ ୯ଟି ଅଧିବେଶନରେ ଦେଶ ତଥା ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଅତିଥିମାନେ ବ୍ୟାପକ ଆଲୋଚନା କରିଥିବା ବେଳେ ଏହା ବେଶ୍ ଉପାଦେୟ ହୋଇପାରିଛି। ସକାଳ ଏବଂ ନନ୍ଦିଘୋଷ ଟିଭିର ଏହି ପ୍ରୟାସକୁ ବିଭିନ୍ନ ମହଲରେ ବ୍ୟାପକ ପ୍ରଶଂସା ମିଳିଥିବା ବେଳେ ଏହା ଏକ ସୁସ୍ଥ ସମାଜ, ଗଣତନ୍ତ୍ର ତଥା ଶାସନ ବ୍ୟବସ୍ଥା ନିର୍ମାଣରେ ସହାୟକ ହୋଇପାରିବ ବୋଲି ପ୍ରଶଂସା ଛଳରେ ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି।

### ଫୁଲିଲା ମହାନଦୀ...

ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୫,୨୩୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨୦୦୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୪୫,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧,୦୫,୩୧୨ କ୍ୟୁସେକ୍, ଖଇରମାଲଠାରେ ୪,୬୦,୦୦୦ କ୍ୟୁସେକ୍, ବାରମୁଲଠାରେ ୫,୦୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୬,୬୯,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩.୧୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୦୦ ମିମି ବର୍ଷା ରେକର୍ଡ କରାଯାଇଛି।

### ଇଥାନଲ୍ ପାଇଁ...

କୁକୁଡ଼ା ଖାଦ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଯୋଗୁ ଉଭୟର ମୂଲ୍ୟ ଏକକାଳୀନ ବୃଦ୍ଧି ପାଉଛି, ଯାହା କୁକୁଡ଼ା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବର୍ଦ୍ଧିତ କୁକୁଡ଼ା ଖାଦ୍ୟ ମୂଲ୍ୟ ଯୋଗୁଁ କୁକୁଡ଼ା ଫାର୍ମଗୁଡ଼ିକ କୁକୁଡ଼ା ସଂଖ୍ୟା ହ୍ରାସ କରୁଛନ୍ତି। ଏହା ଫଳରେ ଦେଶରେ ଅଣ୍ଡା ଯୋଗାଣ ହ୍ରାସ ପାଉଛି। ତଥାପି, ମକା ଏବଂ ସୋୟାବିନର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି ପ୍ରମୁଖ ଅଣ୍ଡା ବିତରକମାନେ ଏବେ ଭୟ କରୁଛନ୍ତି ଯେ ପ୍ରତି ଅଣ୍ଡାର ମୂଲ୍ୟ ୨୦ ରୁ ୨୫ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ। ଯଦି ଏହା ହୁଏ, ତେବେ ଅଣ୍ଡା ଖାଉଥିବା ଲୋକମାନଙ୍କୁ ସେମାନଙ୍କର ରୋଷେଇ ଘର ବଜେଟ୍ ବୃଦ୍ଧି କରିବାକୁ ପଡିବ।

### ପୂର୍ବତନ ଡିଜିପି...

ପ୍ରଦାନ କରିଛନ୍ତି। ଶ୍ରୀ ଖୁରାନିଆ ଗତ ଅଗଷ୍ଟ ୧୬ରେ ଅବସର ଗ୍ରହଣ କରିସାରିଥିବାରୁ ମାମଲାକୁ ବନ୍ଦ କରିବାକୁ ରାଜ୍ୟ ସରକାର ପକ୍ଷରୁ କୁହାଯାଇଥିଲା। ତେବେ, ସୁପ୍ରିମକୋର୍ଟଙ୍କ ଏକ ଆଦେଶ ଆଧାରରେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଅବସର ନେଇଥିଲେ ବି କୋର୍ଟଙ୍କ ଆଦେଶ ଅବମାନନା କରିଥିବା ଧାର୍ଯ୍ୟ ଅଫିସରଙ୍କ ବିରୋଧରେ ଅବମାନନା ମାମଲା ଜାରି ରହିବ। ଏଥିସହିତ ବର୍ତ୍ତମାନର ୪ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ଚାକିରିରେ ପୁନଃସ୍ଥାପିତ କରିବାକୁ ଭାରପ୍ରାପ୍ତ ଡିଜିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି; ନଚେତ୍ ପରବର୍ତ୍ତୀ ଶୁଣାଣି ତଥା ସେପ୍ଟେମ୍ବର ୨୮ ତାରିଖରେ ଡିଜିପି ଏବଂ ଆଇଜି (କାର୍ମିକ)ଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହେବାକୁ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ ସାଗରିକା ପରିଡ଼ା ମହିଳା ପୁଲିସ ଏସଆଇ ଭାବେ ନିଯୁକ୍ତି ପାଇବା ସମୟରେ ନିଜ ଭେରିଫିକେସନ୍ ରୋଲ୍‌ରେ କୌଣସି ଆପରାଧିକ ମାମଲା ନ ଥିବା ଦର୍ଶାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ ତିନୋଟି ମାମଲା ଥିବା ବିଭାଗୀୟ କର୍ତ୍ତୃପକ୍ଷ ଜାଣିଥିଲେ। ତେବେ ଏହି ତିନୋଟି ମାମଲାରୁ ଗୋଟିଏ ମାମଲାରେ ସେ ନିର୍ଦ୍ଦୋଷରେ ଖଲାସ ହୋଇସାରିଥିଲେ ଏବଂ ଅନ୍ୟ ଦୁଇଟି ମାମଲା ମଧ୍ୟ ଆପୋସ ସମାଧାନ କିମ୍ବା ପ୍ରମାଣ ଅଭାବରୁ ଶେଷ ହୋଇସାରିଥିଲା। ତେବେ ଅପରାଧିକ ପୃଷ୍ଠଭୂମି ଲୁଚାଇଥିବା ଅଭିଯୋଗ ଆଣି ଡେପୁଟି କମିସନର ଅଫ୍ ପୁଲିସ (ମୁଖ୍ୟାଳୟ) ଗତ ୨୦୨୦ ନଭେମ୍ବର ୧୨ରେ ପୁଲିସ ମାନୁଆଲ ନିୟମ-୬୭୩ ଅନୁଯାୟୀ ସାଗରିକାଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ଏହି ବହିଷ୍କାର ଆଦେଶ ବିରୋଧରେ ସାଗରିକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଉକ୍ତ ମାମଲାର ହୋଇଥିବା ଫଏସଲା ସମ୍ପର୍କରେ ଅବଗତ ନଥିଲେ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏଣୁ ୨୦୨୫ ସେପ୍ଟେମ୍ବର ୨୫ରେ ହାଇକୋର୍ଟ ତାଙ୍କୁ ସମସ୍ତ ବକେୟା ସେବା ଓ ଆର୍ଥିକ ସୁବିଧା ସହ ପୁନଃସ୍ଥାପିତ କରିବାକୁ ତତ୍କାଳୀନ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ବିଭାଗ ଏହି ନିର୍ଦ୍ଦେଶକୁ ନ ମାନିବାରୁ ସାଗରିକା ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ରାଜ୍ୟ ସରକାର ଏହି ନିର୍ଦ୍ଦେଶ ବିରୋଧରେ ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ୍ ଦାୟର କରିଥିଲେ ମଧ୍ୟ ଗତ ୨୦୨୬ ଜୁନ ୨୨ରେ ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିଥିଲେ ହାଇକୋର୍ଟ। ଅଦାଲତରେ ପୂର୍ବରୁ କୋର୍ଟ ଆଦେଶ ପାଳନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ, ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟରେ ଏସଏଲପି ଦାୟର ହୋଇଥିବା ଦର୍ଶାଇ ଅବମାନନା କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖିବାକୁ ରାଜ୍ୟ ସରକାର ପ୍ରାର୍ଥନା କରିଥିଲେ। ଏହାକୁ ନେଇ ହାଇକୋର୍ଟ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିଲେ ମଧ୍ୟ, ଯଦି କୌଣସି ସ୍ଥଗିତାଦେଶ ନାହିଁ, ତେବେ ଅବମାନନା କାର୍ଯ୍ୟାନୁଷ୍ଠାନକୁ ଅଟକାଯାଇ ପାରିବ ନାହିଁ। ଏଣୁ ଆସନ୍ତା ୪ସପ୍ତାହ ମଧ୍ୟରେ ଅଦାଲତଙ୍କ ପୂର୍ବ ଆଦେଶ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ପୁଲିସ୍ କବ୍‌ଜାରେ...

ଏଥିପାଇଁ ସେମାନଙ୍କୁ କେଉଁ ରାଜନୈତିକ ନେତା ଓ ସରକାରୀ ଅଧିକାରୀ, କିରାଣି ପ୍ରୋତ୍ସାହନ ଦେଇ ହାତ ଚିକ୍କଣ କରୁଥିଲେ ଜେରା ପରେ ସବୁର ଖୁଲାସା ହେବ ବୋଲି କୁହାଯାଉଛି।

ଅନ୍ୟ ପକ୍ଷରେ ସରକାରୀ ନିୟମକୁ ଜଳାଞ୍ଜଳୀ ଦେଇ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ କିପରି ଦୀର୍ଘ ୨୫ ଦିନ ଧରି ପାନପୋଷ ସର୍କିଟ ହାଉସର ଦୁଇ ଦୁଇଟି ରୁମ୍‌କୁ ଅବାଧରେ ପ୍ରକାଶଙ୍କ ପରି ଜଣେ ପେଶାଦାର ଅପରାଧୀକୁ ହସ୍ତାନ୍ତର କରିଥିଲେ ତାର ମଧ୍ୟ ତଦନ୍ତ ହେବ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସରକାରୀ ଅତିଥି ଭବନରେ ଅପରାଧୀଙ୍କ ମଦମାଂସର ଆସର ସାଙ୍ଗକୁ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଏପରିକି କିଛି ଅନୈତିକ କାର୍ଯ୍ୟ ହୋଇ ଆସୁଥିବା ନେଇ ଏକ ପକ୍କା ଚିଠା ପୁଲିସ ହାତରେ ଲାଗିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ଅଗଷ୍ଟ ୧୪ ତାରିଖ ରାତିରେ ସର୍କିଟ୍ ହାଉସ୍‌ର ନବନିର୍ମିତ କୋଠାରୀ ୧୦୭ ଓ ୧୧୧ ନମ୍ବର ରୁମ୍‌ରୁ ଗୋଟିଏ ପିସ୍ତଲ ଓ ଜୀବନ୍ତ ଗୁଳି ଜବତ ହୋଇଥିଲା। ଏହି ଘଟଣାରେ ଅପରାଧିକ ପୃଷ୍ଠଭୂମି ଥିବା ଅଭିଯୋଗରେ ପ୍ରଥମେ ଦୁଇ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହାକୁ ଲିଙ୍କ କରି ଅବୈଧ ଅସ୍ତ୍ର କାରବାର ସହ ସମ୍ପୃକ୍ତ ଆଉ ୭ ଜଣଙ୍କୁ ଗିରଫ କରାଯାଇଥିଲା। ସମସ୍ତେ ବର୍ତ୍ତମାନ ଜେଲ୍ ହାଜତରେ।

## ରାକ୍ଷୀରେ ମହିଳାଙ୍କୁ ମାଗଣାରେ 'ଆମ ବସ୍' ଯାତ୍ରା

ଭୁବନେଶ୍ୱର,୨୬।୮ (ସମିସ): ରକ୍ଷା ବନ୍ଧନ ଅବସରରେ ମହିଳା ଯାତ୍ରୀଙ୍କ ପାଇଁ ୨୭ ଅଗଷ୍ଟ ୨୦୨୬ରେ ଆମ ବସ୍‌ରେ ଦେୟମୁକ୍ତ ଯାତ୍ରା ସୁବିଧା ଘୋଷଣା କରିଛି କମ୍ପ୍ରେହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)। ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝର ସହରରେ ଚଳାଚଳ କରୁଥିବା ସମସ୍ତ ଆମ ବସ୍‌ରେ ଏହି ସୁବିଧା ଉପଲବ୍ଧ ହେବ। ଏହାଦ୍ୱାରା ଦିନକରେ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ମହିଳାଙ୍କ ପାଇଁ ନିରାପଦ, ସୁବିଧାଜନକ ଓ ସୁଲଭ ଜନପରିବହନ ସୁନିଶ୍ଚିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ସୁରକ୍ଷିତ ଓ ସମାବେଶୀ ଜନପରିବହନ ମାଧ୍ୟମରେ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ଗତିଶୀଳତାକୁ ଏହା ଆହୁରି ସୁଦୃଢ଼ କରିବ। କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସିଦ୍ଦିକ୍ ଆଲମ୍ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନିଆଯାଇଥିବା ଏହି ପଦକ୍ଷେପ ମହିଳାମାନଙ୍କୁ ନିରାପଦ, ସୁଲଭ ଓ ସମ୍ମାନଜନକ ଯାତାୟାତ ସୁବିଧା ପ୍ରଦାନ ଦିଗରେ ଉଜଟଙ୍କର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବ। ଦେୟମୁକ୍ତ ଯାତ୍ରା ସତ୍ତ୍ୱେ 'ଜିରୋ ଟିକେଟ୍' ନେବା ମହିଳା ଯାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ। ଏଥିସହ ସମସ୍ତ ଯାତ୍ରୀଙ୍କୁ ବସ୍ କର୍ମଚାରୀଙ୍କ ସହଯୋଗ କରିବା ଏବଂ ଯାତ୍ରୀ ଶିଷ୍ଟାଚାର ପାଳନ କରିବାକୁ କ୍ରୁଟ୍ ପକ୍ଷରୁ ଅନୁରୋଧ କରାଯାଇଛି।

■ ଜମି ପଞ୍ଜୀକରଣରେ ନିୟମାନୁପାଳନ ସୁନିଶ୍ଚିତ ଲାଗି ନିର୍ଦ୍ଦେଶ

## ଜାଲିଆତିପୂର୍ଣ୍ଣ ପଞ୍ଜୀକରଣ ଅଭିଯୋଗରେ ତହସିଲଦାର ନିଲମ୍ବିତ

ଭୁବନେଶ୍ୱର,୨୬।୮ (ସମିସ): ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ, ନିୟମ ଅନୁପାଳନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ଅନେକ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ଉପରେ ନିୟମିତ ମନିଟରିଂ ତଥା କଡ଼ା ନଜର ରଖିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜିଲ୍ଲାପାଳମାନଙ୍କୁ ଦେଇଥିବା ବାର୍ତ୍ତାରେ ନୂଆପଡ଼ା ଜିଲ୍ଲାରେ ଜମି ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତର ଜାଲିଆତି ଘଟଣା ସାମ୍ନାକୁ ଆସିଥିବା ଦର୍ଶାଇଛନ୍ତି। ଏହି ଘଟଣାରେ ନୂଆପଡ଼ା ଜିଲ୍ଲାର କୋମନା ତହସିଲର ତହସିଲଦାର ଭାବେ କାର୍ଯ୍ୟରତ ତଥା ସବ୍-ରେଜିଷ୍ଟ୍ରାରଙ୍କ ଦାୟିତ୍ୱ ତୁଲାଉଥିବା ଅଧିକାରୀ ସର୍ବେଶ୍ୱର ଜାଲଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଅଧିକାରୀ ଏକ ବୃହତ୍ ଜମିଖଣ୍ଡର ଜାଲିଆତିପୂର୍ଣ୍ଣ ପଞ୍ଜୀକରଣକୁ ସହଜ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲାପାଳଙ୍କଠାରୁ ସୂଚନା ମିଳିବା ପରେ ସମ୍ପୃକ୍ତ ତହସିଲଦାରଙ୍କୁ ରାଜ୍ୟ ସରକାର ତୁରନ୍ତ ନିଲମ୍ବିତ କରିଛନ୍ତି। ଏହାସହ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ପଞ୍ଜୀକରଣ ସମ୍ପର୍କିତ କାର୍ଯ୍ୟକଳାପର ନିୟମିତ ମନିଟରିଂ ସୁନିଶ୍ଚିତ କରି ସ୍ପଷ୍ଟ ନଜର ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ କାର୍ଯ୍ୟକଳାପର ଆକସ୍ମିକ ପରିଦର୍ଶନ ତଥା ଯାଞ୍ଚ କରିବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


**PRIYADARSHINI INDIRA MAHAVIDYALAYA, JUNAGADA**
**DIST: KALAHANDI- 766014**

Phone:- 06672- 243330 E-mail:- pimahavidyalaya@gmail.com
No. 1150/PIM(J)/KLD/26 DT: 25.08.2026

**ADVERTISEMENT FOR ENGAGEMENT OF RETIRED GUEST FACULTY**

Application are invited from the retired eligible candidates in online mode through HIMS Portal for engagement of Guest Faculty in **Education-01** and **Political Science -01** for the session 2026-27. For application and other modalities visit https://hims.odisha.gov.in and letter No.57198, Dt:23.10.2025.

**Opening Date of Online Application:28.08.2026**
**Closing Date of Online Application: 04.09.2026**
**Document Verification and Interview : 09.09.2026 (10 AM Onwards)**

Sd/- Principal-cum-Secretary
Priyadarshini Indira Mahavidyalya, Junagada

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work Certified

REF. NO.-ER&C/729 DATE:- 24-08-2026

**NOTICE INVITING APPLICATIONS FOR ALLOTMENT OF CANTEEN INSIDE ROURKELA STEEL PLANT**

Applications in closed cover are invited for allotment of PROJECT COMPLEX canteen (Near CPTI) in Rourkela Steel Plant on license basis. The application form along with enclosures for allotment of the said canteen is available in the office of AGM (HR-TA, G & ER&C on payment of Rs.200/- (Rupees two hundred only) with GST @ 18% towards cost of application papers. The application papers can also be downloaded from our website https:// sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.236/- (Online deposit through SB collect).

Application will be accepted up to 3.00PM. of dt:-23-09-2026.

AGM (HR-TA, G, ER&C)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1146, dated 25-08-2026, I, KUNTI MAJHI, W/o - Prafulla Chandra Majhi, permanent resident of Village - Pujariguda, PO - Pujariguda, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Son from PRIYANSHU MAJHI to MIYANSU SEKHAR MAJHI. Henceforth, he shall be known as **MIYANSU SEKHAR MAJHI** for all purposes.

Sd/- Kunti Majhi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1136, dated 25.08.2026, I, MANJALI HARIJAN, Daughter of - Ratha Harijan, permanent resident of Village - Boragam, PO - Bhatigam, PS - Kodinga, Dist - Nabarangpur, Odisha,Pin - 764058, declare that I have changed my name from BELALSEN HARIJAN to MANJALI HARIJAN. Henceforth, I shall be known as **MANJALI HARIJAN** for all purposes.

Sd/- Manjali Harijan

**MISSING OF SALE DEED**

I Smt Sujata Dash@ Mishra, W/o- Shree Raghunath Mishra, Mobile no- 9437032875, Paik Street, Jayanagar, Jeypore, Dist-Koraput have lost my original sale deed regarding purchase of house plot at Rayagada vide Registration deed no 843/1996, while travelling either at Jeypore or Rayagada.

If any one has received the same may kindly handover to me at the above address.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1137, dated 25-08-2026, I, SUDHIR KUMAR KHURA, S/o - Subaschandra Khura, permanent resident of Village - Khatiguda, PO - Khatiguda, PS - Khatiguda, Dist - Nabarangpur, Odisha, Pin - 764085, declare that I have changed the name of my Daughter from PIHU KHURA to SAMRIDHI KHURA. Henceforth, she shall be known as **SAMRIDHI KHURA** for all purposes.

Sd/- Sudhir Kumar Khura

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1144, dated 25.08.2026, I, LACHHAMAN BENYA, Son of - Daitari Harijan, permanent resident of Village - Daleiguda, PO - Papadahandi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from LACHHAMAN HARIJAN to LACHHAMAN BENYA. Henceforth, I shall be known as **LACHHAMAN BENYA** for all purposes.

Sd/- Lachhaman Benya

**AFFIDAVIT**

I, Sanjaya Jena, aged about 42 years, S/o- Sudarsan Jena, resident of At- Nanakera, Po- Badas, Ps- Kanas, Dist- Puri, Odisha, PIN- 752017, do hereby declare by this affidavit No. 3315, dtd- 13/08/2026, that now onwards I shall be known as **SANJAY KUMAR JENA** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.:16-SBP-TRD-OT 2026-27, ତା.19.08.2026ରିଖ

**କାର୍ଯ୍ୟର ନାମ::** "ଶାରଳା ଜଂକ୍ସନ ଠାରେ 05 ଗୋଟି କ୍ରସ୍‌ଓଭରର ସ୍ଥାନାନ୍ତରଣ ଏବଂ 35 ଗୋଟି ମାଷ୍ଟର ସ୍ଥାନ ପରିବର୍ତ୍ତନ" ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ ସମୂହ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 64,15,897.46, EMD (ଟଙ୍କାରେ) : 1,28,300.00, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.09.2026 ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps. gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-390/R/26-27

# ପାଳ ବାଇଗଣକୁ ମିଳିବ ଜିଆଇ ଟ୍ୟାଗ୍ !

ଢେଙ୍କାନାଳ/ଖଜୁରିଆକଟା,୨୬।୮ (ସମିସ)



ଢେଙ୍କାନାଳର ସୁଆଦିଆ ପାଳ ବାଇଗଣକୁ ଭୌଗୋଳିକ ସୂଚକାଙ୍କ ମାନ୍ୟତା (ଜିଆଇ ଟ୍ୟାଗ୍) ମିଳିବା ଆଶା ଉଜ୍ଜୀବିତ ହୋଇଛି । ପ୍ରକ୍ରିୟାର ପ୍ରାକ୍ ପରୀକ୍ଷା ସୋପାନରେ ଆବେଦନ ବିଚାରାଧୀନ ରହିଥିବା ଜଣାପଡ଼ିଛି । ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ପାଳ ବାଇଗଣକୁ ଜିଆଇ ଟ୍ୟାଗ ଦିଆଯିବା ନେଇ ଆନୁଷଙ୍ଗିକ ଦସ୍ତାବିଜ ଓ ତଥ୍ୟ ପ୍ରଦାନ କରାଯାଇଛି । ଢେଙ୍କାନାଳର ପାଳ ବାଇଗଣ ସହ ରାଜ୍ୟର ଆଉ ୫ଟି ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗ ମିଳିବା ସମ୍ଭାବନା ରହିଛି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ପଞ୍ଚାୟତ କମଗରା ଏବଂ ସୋଗର ପଞ୍ଚାୟତ ଝଗଡ଼ପଦା ଗାଁରେ ବ୍ରାହ୍ମଣୀ ନଦୀ ପଠାରେ ବର୍ଷ ବର୍ଷ ଧରି ଏହି ସୁଆଦିଆ ପାଳ ବାଇଗଣ ଚାଷ ହୋଇଆସୁଛି । ଭଜା, ତରକାରୀ ଏବଂ ପୋଡ଼ା ଭର୍ତ୍ତା ପାଇଁ ପାଳ ବାଇଗଣର ସ୍ୱତନ୍ତ୍ର ପରିଚୟ ରହିଛି । ୨୦୨୫ରେ ପାଳ ବାଇଗଣକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ପରେ ଓୟୁଏଟି ଦ୍ୱାରା ପରିଚାଳିତ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତିଙ୍କ ପ୍ରଚେଷ୍ଟାରେ ଗବେଷଣାଧର୍ମୀ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ତଥ୍ୟ ଆଧାରରେ ସ୍ଥାନୀୟ ସୋଗର ଗ୍ରାମର କପିଳେଶ୍ୱର ମହାଦେବ ଫାର୍ମର ପ୍ରଡ୍ୟୁସର କୋ-ଅପରେଟିଭ ସୋସାଇଟି ଲିମିଟେଡ ପକ୍ଷ ପକ୍ଷରୁ ୨୦୨୬ ଜୁନ୍ ୩୦ରେ ପାଳ ବାଇଗଣକୁ ଜିଆଇ ଟ୍ୟାଗ ପାଇଁ ଚେନ୍ନଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା । ଜୁଲାଇ ୧୪ରେ ଏହାର ୨୭ଟି ପଏଣ୍ଟ ଉପରେ ତଥ୍ୟ ପ୍ରଦାନ କରାଯିବା ପରେ ପ୍ରାକ୍ ପରୀକ୍ଷା ସୋପାନରେ ଏହା ରହିଥିବା ସୂଚନା ମିଳିଛି । ଏ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ମହାନ୍ତି କୁହନ୍ତି ଢେଙ୍କାନାଳ ପାଳ ବାଇଗଣ ଜିଆଇ ମାନ୍ୟତା ପାଇବା ପ୍ରାୟ ଚୂଡ଼ାନ୍ତ ସୋପାନରେ ପହଞ୍ଚିଛି । ଏଥିପାଇଁ ଯାହା ଦସ୍ତାବିଜ ଆବଶ୍ୟକ ତାହା ପ୍ରଦାନ କରାଯାଇ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଥିବା ସେ କହିଛନ୍ତି ।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ପ୍ରକ୍ରିୟାରେ ଦୁର୍ନୀତି !

ଢେଙ୍କାନାଳ,୨୬।୮ (ସମିସ): ରାଜ୍ୟରେ ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳିତ ହୋଇଥିବା ସହ ରାଜ୍ୟ ସରକାର ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଉଦ୍ୟମରତ ଥିବା ବେଳେ ଜିଲ୍ଲା ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି କ୍ଷେତ୍ରରେ କିନ୍ତୁ ଦୁର୍ନୀତିର ଚେର ଦୃଢ଼ ହୋଇଥିବା ଅଭିଯୋଗ ହୋଇଛି । ୨୦୧୯ କ୍ୟାଡର ନିର୍ଦ୍ଦେଶାବଳୀ ଅନୁଯାୟୀ ପଦୋନ୍ନତି ପ୍ରକ୍ରିୟା ସମ୍ପନ୍ନ କରିବାକୁ ବିଭାଗୀୟ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଢେଙ୍କାନାଳ ଜିଲ୍ଲାରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଘଟୁଛି । କ୍ୟାଟେଗୋରୀ-୧ରେ ମୂଳ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ପରବର୍ତ୍ତୀ ସମୟରେ ଇନ୍ ସର୍ଭିସ୍ ହାୟର କ୍ୱାଲିଫିକେସନ୍ କରି କ୍ୟାଟେଗୋରୀ-୨ରେ କଳେବଳେ କୌଶଳେ ପଦୋନ୍ନତି ହାତେଇଛନ୍ତି । ପରିତାପର ବିଷୟ, ଚାକିରି କାଳ ମଧ୍ୟରେ ସାନ୍ଧ୍ୟ ମହାବିଦ୍ୟାଳୟ ଭଳି ଅନୁଷ୍ଠାନରେ ନିୟମିତ ଗ୍ରାଜୁଏସନ୍ କରି ମଧ୍ୟ ସେହି ସାର୍ଟିଫିକେଟ୍ ଦାଖଲ କରି କ୍ୟାଟେଗୋରୀ-୧ ପରିବର୍ତ୍ତେ କ୍ୟାଟେଗୋରୀ-୨ରେ ପଦୋନ୍ନତି ନେଉଛନ୍ତି । ସମାନ ସମୟରେ ସରକାରୀ ଚାକିରି କରି ରାଜ୍ୟ ରାଜକୋଷରୁ ଦରମା ନେବା ସହ ଅପର ପାର୍ଶ୍ୱରେ ଗ୍ରାଜୁଏସନ୍ ପାଠ ପଢ଼ିବା କିପରି ସମ୍ଭବ ବୋଲି ପ୍ରଶ୍ନ ଉଠିଛି । ଏପରି ହେବା ଦ୍ୱାରା କ୍ୟାଟେଗୋରୀ-୨ରେ ପଦୋନ୍ନତି ପାଇବାକୁ ଥିବା ବହୁ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ହକ୍‌ରୁ ବଞ୍ଚିତ ହେଉଛନ୍ତି । ପୂର୍ବରୁ ବହୁବାର ତଥ୍ୟ ପ୍ରମାଣ ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବର୍ତ୍ତମାନ ହେବାକୁ ଯାଉଥିବା ଗ୍ରାଜୁଏସନ୍ ଟିଚରରୁ ଏଲ୍-୩ ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଏହି ଘଟଣାର ପୁନରାବୃତ୍ତି ହେଉଥିବା ଜଣାପଡ଼ିଛି । ଗତ ୨୧ ତାରିଖ ଜିଲ୍ଲା ଶିକ୍ଷା ଅଧିକାରୀ ପତ୍ର ଲେଖି ଇନ୍-ସର୍ଭିସ୍ ହାୟର୍ କ୍ୱାଲିଫିକେସନର ସମସ୍ତ ଡକ୍ୟୁମେଣ୍ଟର ଇଣ୍ଡିଭିଜୁଆଲ୍ ଡାଟା ପ୍ରତି ବ୍ଲକ୍‌କୁ ମାଗିଥିଲେ । ଏହାକୁ କାର୍ଯ୍ୟକାରୀ ନ କରି ଅଧିକାରୀଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ଗନ୍ଧ ବାରି ହୋଇପଡୁଛି । ଏହାର ତଦନ୍ତ କରି ଦୁର୍ନୀତିରେ ଲିପ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ପଦୋନ୍ନତି ପ୍ରକ୍ରିୟାରେ କୌଣସି ବ୍ୟତିକ୍ରମ ହେଲେ ମାନବିକ ଅଧିକାର ଆୟୋଗ, ରାଜ୍ୟ ଭିଜିଲାନ୍ସ ବିଭାଗ ତଥା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି ବିଏଡ୍ ସଂଘ ସଭାପତି ଦେବେନ୍ଦ୍ର କୁମାର ନାୟ କହିଛନ୍ତି ।

# ଏନ୍‌ଏସ୍‌ଏସ୍ ଦ୍ୱାରା ପୋଷ୍ୟ ଗ୍ରାମ କାଇଁଶୋରେ ଚାରାରୋପଣ




ଢେଙ୍କାନାଳ,୨୬।୮ (ସମିସ): ପରିବେଶ ସୁରକ୍ଷା ଏବଂ ସାମାଜିକ ସହଭାଗିତା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ଏହାର ପୋଷ୍ୟ ଗ୍ରାମ କାଇମାଟି ପଞ୍ଚାୟତ କାଇଁଶୋରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ରବର୍ଟ ୱିଲସନ୍ ଭତ୍ରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ର ସ୍ୱେଚ୍ଛାସେବୀ, ଗ୍ରାମର ୱାର୍ଡ ମେମ୍ବର, ସଭାପତି, ଗ୍ରାମବାସୀ, ସତ୍ୟସାଇ ସଂଗଠନ ସଦସ୍ୟବୃନ୍ଦ ଯୋଗଦେଇଥିଲେ । ଏହି ଅବସରରେ ଗ୍ରାମର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରଜାତିର ୧୦୦ ଚାରାରୋପଣ କରାଯାଇଥିଲା । ଗ୍ରାମବାସୀ ନିଜ ଘରବାଡ଼ି ଓ ଜମିରେ ରୋପଣ କରିବା ପାଇଁ ଏନ୍‌ଏସ୍‌ଏସ୍ ପକ୍ଷରୁ ଆଉ ୧୦୦ ଚାରା ପ୍ରଦାନ କରାଯାଇଥିଲା ।

## ● ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ୨-୦ ଗୋଲରେ ମା' ମଙ୍ଗଳା କ୍ଲବ ବିଜୟୀ



ଢେଙ୍କାନାଳ,୨୬।୮ (ସମିସ): ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଚାଲିଥିବା ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସରେ ସାଇବିରି ଜୟଦୁର୍ଗା ଫୁଟ୍‌ବଲ୍ କ୍ଲବ୍ ଓ ବନମାଳୀପ୍ରସାଦ ମା' ମଙ୍ଗଳା କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ୨-୦ ଗୋଲରେ ମା' ମଙ୍ଗଳା କ୍ଲବ୍ ବିଜୟୀ ହୋଇଛି । ରେଫରୀ ଭାବେ ବୋନ୍‌ସନ୍ ବରାଳ, ଦେବରାଜ ସ୍ୱାଇଁ, ମନୋଜ ସେଠୀ ଓ ସୋନି ଦାସ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ । ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଓକିଲ ସଂଘର ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ୍ ତଥା ବରିଷ୍ଠ ଆଇନଜୀବୀ ଅଜିତ୍ ପ୍ରସାଦ ସିଂ ପ୍ରମୁଖ ଯୋଗଦେଇଥିଲେ । କମିଟି ସମ୍ପାଦକ ନଳିନୀ କୁମାର ଦାସ, ଉପ-ସଭାପତି ତଥା ସାଂଗଠନିକ ସମ୍ପାଦକ ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ମନୋଜ ପଟ୍ଟନାୟକ, ସରୋଜ ପାଢ଼ୀ, ଅଜୟ ବାରିକ, ବାବୁ ପାଢ଼ୀ, ପର୍ଶୁରାମ ମିଶ୍ର, ସରୋଜ ମହାନ୍ତି, ଅଭିଜିତ ମିଶ୍ର, ପ୍ରତାପ କୁମାର ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ଅଜୟ କୁମାର ପଟ୍ଟନାୟକ, ବସନ୍ତ ବେହେରା, ପ୍ରତୀକ ଭଞ୍ଜ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ ଦାସ, ପ୍ରକାଶ ପତି, ଶିବପ୍ରସାଦ ଦାଶ, ସଚ୍ଚିଦାନନ୍ଦ ସାହୁ, ରାଜେନ୍ଦ୍ର ପାଣି, ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ■ ଘଟିପିରି ପ୍ରାଥମିକ କୃଷି ସମବାୟ ସମିତି

# ଚାଷୀ ପଞ୍ଜୀକରଣରେ ଅନିୟମିତତା



ଖଜୁରିଆକଟା,୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଘଟିପିରି ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀ ପଞ୍ଜୀକରଣରେ ଅନିୟମିତତାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସମିତିରେ ଘଟିପିରି, ଗୋବିନ୍ଦପ୍ରସାଦ, କଳାଙ୍ଗ ଏବଂ କୋଉମ ପଞ୍ଚାୟତ ୬୫୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ଦେଇଥାନ୍ତି । ଚଳିତ ବର୍ଷ ସରକାର ଏଗ୍ରୀଷ୍ଟାକ୍ ନିୟମ କୋହଳ କରିବାରେ ୪୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପଞ୍ଜୀକରଣ ସରିଛି । ଆଉ କିଛି ଚାଷୀଙ୍କ ପଞ୍ଜୀକରଣରେ ସମସ୍ୟା ସୃଷ୍ଟି ହୋଇଥିଲା । ଏହାକୁ ନେଇ ସମିତିରେ ଚାଷୀ ଏବଂ ସମ୍ପାଦକଙ୍କ ମଧ୍ୟରେ ବଚସା ହୋଇଥିଲା । ଏ ସମ୍ପର୍କରେ ଚାଷୀମାନେ ଜିଲ୍ଲା ସମବାୟ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ଏହାର ତଦନ୍ତ କରିବା ପାଇଁ ଏଆରସିଏସ ଏବଂ ବିଭାଗୀୟ ଅଧିକାରୀ ପହଞ୍ଚି ସମିତି ସଭାପତି, ସମ୍ପାଦକ ଓ ଅଭିଯୋଗକାରୀ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଛନ୍ତି । ଏହାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ଏଆରସିଏସ କହିଛନ୍ତି । ଏ ସମ୍ପର୍କରେ ସଭାପତି ଏବଂ ସମ୍ପାଦକ ସରକାରଙ୍କ ନୀତିନିୟମ ଅନୁଯାୟୀ ପଞ୍ଜୀକରଣ କାର୍ଯ୍ୟ ଚାଲୁଥିବା ପ୍ରକାଶ କରିଛନ୍ତି । ଏଥିପ୍ରତି ବିଭାଗ କି ପ୍ରକାର ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା ।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଭୁବନ,୨୬।୮ (ସମିସ): ଭୁବନ ଥାନା ଗୋବିନ୍ଦପୁର ବ୍ରାହ୍ମଣୀ ନଦୀ କୂଳରୁ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଭୁବନ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିଥିଲା । ପୁଲିସ ମୃତଦେହ ଜବତ କରି ତଦନ୍ତ କରୁଛି ।

# କୁଟୁଣିଆ ପାହାଡ଼ ଜବରଦଖଲ ଉଚ୍ଛେଦକୁ ନେଇ ଗର୍ଜିଲା ବିଜେପି



ଢେଙ୍କାନାଳ,୨୬।୮ (ସମିସ): କୁଟୁଣିଆ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦକୁ ନେଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରାମଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସାଂସଦଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀଙ୍କ ସମେତ ପୌରସଂସ୍ଥାର କାଉନସିଲରମାନେ ଉପସ୍ଥିତ ଥିଲେ । ପୌରାଧ୍ୟକ୍ଷା ପାତ୍ର କହିଲେ, କୁଟୁଣିଆ ପାହାଡ଼ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଉଚ୍ଚ ନ୍ୟାୟାଳୟ ଓ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ କରାଯାଇଛି । ସେଠାରେ ଅନେକ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ସହର ବାହାରୁ, ଏପରିକି ଅନ୍ୟ ଜିଲ୍ଲାରୁ ଆସି ଜବରଦଖଲ କରି ବେଆଇନ ଭାବେ ରହୁଛନ୍ତି । ନିୟମ ଅନୁଯାୟୀ ସହରର ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ଆଉ ଯେଉଁମାନେ ଅଛନ୍ତି ସେମାନେ ଆବେଦନ କଲେ ସେମାନଙ୍କୁ ମଧ୍ୟ ପଟ୍ଟା ପ୍ରଦାନ କରାଯିବ । କିଛିଦିନ ତଳେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ତାଙ୍କ ବ୍ୟକ୍ତିଗତ ବିବାଦ ଯୋଗୁ ସେ ଆତ୍ମହତ୍ୟା କରିଛନ୍ତି । ଏହାକୁ ଜବରଦଖଲ ଉଚ୍ଛେଦରୁ ଆତ୍ମହତ୍ୟା ବୋଲି ରୂପ ଦେବାକୁ ଚେଷ୍ଟା କରାଯାଉଛି । ଯେଉଁମାନେ ଅଭିଯୋଗ କରି ସ୍ୱର ଉତ୍ତୋଳନ କରୁଛନ୍ତି ସେମାନେ ସବୁ ହେଉଛନ୍ତି ଜମି ଦଲାଲ । ସେମାନେ ଲୋକଙ୍କୁ ଜାଗା ବିକ୍ରି କରି ମୁନାଫା କମାଉଛନ୍ତି ବୋଲି ପୌରାଧ୍ୟକ୍ଷା କହିଛନ୍ତି ।

ସମାଜସେବୀ ରାମଚନ୍ଦ୍ର ପାତ୍ର କହିଲେ ଯେ ଲୋକଙ୍କ ଭରସାରେ ପୌରସଂସ୍ଥା ଚାଲିଛି । ଲୋକେ ଜାଗା ଜବରଦଖଲ କରୁଛନ୍ତି । ଜାଗା ଛାଡୁନାହାନ୍ତି । ଯେଉଁମାନେ ଜବରଦଖଲ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନେ ସବୁ ଜାଗା ଦଲାଲ । ଯେଉଁ ଜାଗାରେ ସରକାରଙ୍କ ପ୍ରକଳ୍ପ ହେବ ସେହି ଜାଗାରୁ ଜବରଦଖଲ ଉଚ୍ଛେଦ ହେବ । ଢେଙ୍କାନାଳ ସହର ବାଙ୍କୁଆଳ ସୂର୍ଯ୍ୟନଗର, ବନମାଳୀପ୍ରସାଦ, କାଠଗଡ଼ା, ଶ୍ୟାମାଚରଣପୁର ଓ ଅନ୍ୟ ସ୍ଥାନରେ ଜବରଦଖଲ ହୋଇଛି । ସରକାରଙ୍କ ଅନେକ ପ୍ରସ୍ତାବିତ ପ୍ରକଳ୍ପ ରହିଛି । ଜବରଦଖଲ ଉଚ୍ଛେଦ ହେଲେ ପ୍ରକଳ୍ପଗୁଡ଼ିକ ସହଜରେ ହୋଇପାରିବ । ରାସ୍ତା ଚଉଡ଼ା ହେବା ସହ ସହରକୁ ଏକ ମଡେଲ ସ୍ମାର୍ଟ ସିଟିରେ ପରିଣତ କରିବା ପାଇଁ ଆମେ ସଂକଳ୍ପବଦ୍ଧ । ପୂର୍ବତନ କାଉନସିଲର ମଧ୍ୟ ଜାଗା ଦଲାଲ ସାଜି ବିକାକିଣା କରୁଛନ୍ତି ବୋଲି ସେ କହିଥିଲେ । ସାମ୍ବାଦିକ ସମ୍ମିଳନୀରେ କାଉନସିଲର ବଳରାମ ସେଠୀ, ପ୍ରତାପ ନାଏକ, ସୂର୍ଯ୍ୟ ପ୍ରତାପ ରାଉତ, ସୁମିତ୍ରା ମଲ୍ଲିକ, ଲକ୍ଷ୍ମୀପ୍ରିୟା ଦଳେଇ, ନିରୋଦ କୁମାର ସାହୁ, ଅନିତା ମଲ୍ଲିକ, ମମତା ସାହୁ, ସୁମିତ୍ରା ମଲିକ, ଅଭିମନ୍ୟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମଶୁଦ୍ଧି ସଭା



ପରଜଙ୍ଗ,୨୬।୮ (ସମିସ): ପରଜଙ୍ଗ ବ୍ଲକ୍ କୁଆଳୋ ଗ୍ରାମସ୍ଥିତ ଅଷ୍ଟଶମ୍ଭୁ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଆତ୍ମଶୁଦ୍ଧି ସଭା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଅଧ୍ୟାପକ ଇନ୍ଦ୍ରମଣି ନାୟକ ଯୋଗଦେଇ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଆଜୀବନ ସଭ୍ୟ ଛାତ୍ରଛାତ୍ରୀଙ୍କୁ ସଦାଚାରୀ, ଚରିତ୍ରବାନ, ଅଧ୍ୟୟନଶୀଳ, ଜ୍ଞାନପିପାସୁ, ସୃଜନଶୀଳ ହୋଇ ସାମ୍ପ୍ରତିକ ସୂଚନା ପ୍ରଯୁକ୍ତି ବିଦ୍ୟା ଓ ବୈଷୟିକ ଜ୍ଞାନର ଯୁଗରେ ନିଜକୁ ଯୋଗ୍ୟ ଆଦର୍ଶ ଓ ସ୍ୱାବଲମ୍ବନଶୀଳ କରି ଗଢ଼ି ତୋଳିବାକୁ ଅନୁପ୍ରାଣିତ ହେବା ପାଇଁ କହିଥିଲେ । ଏହି ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ମହାନ ସମାଜ ସଂସ୍କାରକ ପୂଜ୍ୟ କୁମାର ଭାଇଙ୍କ ପ୍ରାର୍ଥନା ଓ ମନଗଠନକାରୀ ନୀତିବାଣୀ ଉଦ୍ଧାର କରିଥିଲେ । ଲେଖା, ଚିନ୍ତା, କଥା, ଆଚରଣ, ପୋଷାକ, କର୍ମ ମଙ୍ଗଳମୟ କରିବାକୁ ଦିଗ୍‌ଦର୍ଶନ ଦେଇ ନିଜ ବୁଦ୍ଧି, ବିଦ୍ୟା, ଧନ, ପ୍ରତିଭା, ବଳକୁ ବିଶ୍ୱ କଲ୍ୟାଣରେ ବିନିଯୋଗ କରିବାକୁ ନିବେଦନ କରିଥିଲେ । ଏଥିସହ ଫୋନ୍, କ୍ରିକେଟ୍ ଭଳି ନିଶା ପରିହାର କରିବାକୁ ପ୍ରରୋଚିତ କରାଇ ପକ୍ଷ ବ୍ୟାପୀ ନିଶାମୁକ୍ତି ମହାଭିଯାନ ଅବସରରେ ଅନ୍ୟାନ୍ୟ ନିଶାଦ୍ରବ୍ୟ ବର୍ଜନ କରିବାକୁ ଶପଥପାଠ କରାଇଥିଲେ । ସଂଯୋଜିକା ଗୁରୁମା ମମତା ମଲ୍ଲଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସର ସଫେଇ କରିଥିଲେ । ପ୍ରାକ୍ତନ ଅଧ୍ୟାପକ ବିଭୂତି ଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମସ୍ତ ଅଧ୍ୟାପକ, କର୍ମଚାରୀବୃନ୍ଦ ଓ କଳା ଶିକ୍ଷକ ମୁକେଶ ଜେନା ସହଯୋଗ କରିଥିଲେ ।

# ରକ୍ଷାବନ୍ଧନ ପାଇଁ ବଜାରରେ ଭିଡ଼



ଢେଙ୍କାନାଳ,୨୬।୮ (ସମିସ): ଭାଇଙ୍କ ହାତରେ ରାଖି ବାନ୍ଧି ସ୍ନେହ, ଭଲପାଇବା ଓ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କକୁ ଆହୁରି ମଜବୁତ କରିବା ହେଉଛି ରକ୍ଷାବନ୍ଧନ ପର୍ବ । ରକ୍ଷାବନ୍ଧନ ଅବସରରେ ବଜାରର ବିଭିନ୍ନ ଦୋକାନରେ ଭିଡ଼ ପରିଲକ୍ଷିତ ହୋଇଛି । ଭାଇ-ଭଉଣୀଙ୍କ ସ୍ନେହ ଓ ସମ୍ପର୍କର ପ୍ରତୀକ ଏହି ପବିତ୍ର ପର୍ବକୁ ନେଇ ସହରରେ ଏବେ ଚଳଚଞ୍ଚଳ ହୋଇପଡିଛି । ରକ୍ଷା ବନ୍ଧନ ପାଇଁ ସହରର ବିଭିନ୍ନ ବଜାର ଓ ଛକରେ ରଙ୍ଗବେରଙ୍ଗର ରାଖୀର ପସରା ଖୋଲିଛି । ବିଭିନ୍ନ ଡିଜାଇନ୍ ଓ ଆକର୍ଷଣୀୟ ରାଖି କିଣିବା ପାଇଁ ଦୋକାନଗୁଡ଼ିକରେ ଭିଡ ଲାଗିଛି । ଛୋଟ ପିଲାଙ୍କ ପାଇଁ କାର୍ଟୁନ୍ ଓ ଖେଳନା ଡିଜାଇନ୍‌ର ରାଖୀଠାରୁ ଆରମ୍ଭ କରି ଭାଇ ମାନଙ୍କ ପାଇଁ ବିଭିନ୍ନ ରଙ୍ଗ ବେରଙ୍ଗର ରାଖି ପର୍ଯ୍ୟନ୍ତ ବଜାରରେ ରହିଛି ବିଭିନ୍ନ ପ୍ରକାରର ବିକଳ୍ପ । ଭଉଣୀମାନେ ନିଜ ଭାଇଙ୍କ ପସନ୍ଦ ଅନୁସାରେ ରାଖି କିଣିବାରେ ବ୍ୟସ୍ତ ଥିବା ବେଳେ, ବ୍ୟବସାୟୀମାନେ ମଧ୍ୟ ଭଲ ରୋଜଗାର କରିଛନ୍ତି ।

# ନର୍ସିଂ ପାଠ୍ୟକ୍ରମ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ



ଭୁବନ,୨୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ସମ୍ମୁଖରେ ଅବସ୍ଥିତ ହାର୍ଟ ଡିସ୍କଭରି ନର୍ସିଂ କଲେଜରେ ଭୁବନର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ନର୍ସିଂ ପାଠ୍ୟକ୍ରମ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ ଟଙ୍କଧର ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନର୍ସିଂ ପାଠ୍ୟକ୍ରମ ଜିଏନ୍‌ଏମ କୋର୍ସ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନ, ଅବଧି ତିନି ବର୍ଷ ଏବଂ ପାସଆଉଟ୍ ହେବା ପରେ ସରକାରୀ, ଘରୋଇ ହସ୍ପିଟାଲରେ ନିଶ୍ଚିତ କର୍ମ ସଂସ୍ଥାନ ପାଇପାରିବେ ବୋଲି କହିଥିଲେ । ନଗରପାଳ ଶୁଭେନ୍ଦୁ କୁମାର ସାହୁ ଅତିଥି ଭାବେ ଯୋଗଦେଇ କହିଲେ, ନର୍ସିଂ ପାଠ ପଢ଼ିବା ପାଇଁ ଆମ ଅଞ୍ଚଳର ଝିଅମାନଙ୍କୁ ପୂର୍ବରୁ କଟକ, ଭୁବନେଶ୍ୱର ଯିବାକୁ ପଡୁଥିଲା । ଏବେ ଘର ପାଖରେ ସୁବିଧାରେ ପାଠ ପଢ଼ିପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଗିରିଧାରୀ ସାହୁ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଶ୍ରୀଧର ବେହେରା, ଭାରତୀୟ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ପ୍ରବନ୍ଧକ ଗଦାଧର ଦାସ, ଆଇନଜୀବୀ କୁଞ୍ଜବିହାରୀ ଚିନରା, ଶିକ୍ଷାବିତ୍ ଦୀନବନ୍ଧୁ ବେହେରା, କାଉନସିଲର ପପୁ କୁମାର ସାହୁ, ମନମୋହନ ସାହୁ, ସମାଜସେବୀ ନରେନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର କୁମାର ପୃଷ୍ଟି, ଶ୍ରୀକାନ୍ତ କୁମାର ସାହୁ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ରଥ ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କଲେଜର ମୁଖ୍ୟ ପ୍ରବନ୍ଧକ ଓଁ ଶୁଭମ୍ ସଙ୍କେତ ନର୍ସିଂ ଛାତ୍ରୀମାନଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ବୃତ୍ତି ରାଶି ଓ ଆର୍ଥିକ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ ।

# ନୀତା ନୃତ୍ୟାଙ୍ଗନା ପକ୍ଷରୁ ୫ମ ସଙ୍ଗମ ମହୋତ୍ସବ

ଢେଙ୍କାନାଳ,୨୬।୮ (ସମିସ)




ସ୍ଥାନୀୟ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ପକ୍ଷରୁ ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ୫ମ ସଙ୍ଗମ ମହୋତ୍ସବ ଅନୁଷ୍ଠିତ ହୋଇଛି । ଦୁଇଦିନ ବ୍ୟାପୀ ଏହି ମହୋତ୍ସବ ଅବସରରେ ଓଡ଼ିଶା ମାଟିର ନୃତ୍ୟଶିଳ୍ପୀ ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠାନ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ଅନୁଷ୍ଠାନର ନିର୍ଦ୍ଦେଶକ ପରେଶ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଚଳଚ୍ଚିତ୍ର ତଥା ସିରିଏଲ୍ ଅଭିନେତ୍ରୀ ଚାନ୍ଦମଣି ଦେଇ ବେହେରା, ବରିଷ୍ଠ ନେତା ସୁରେଶ ରାଉତରାୟ, ଅନୁଷ୍ଠାନର ସମ୍ପାଦକ ଗୁରୁ ଆଶିଷ କୁମାର ପାଲ୍, ଗୁରୁ ପଙ୍କଜ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାଲିକ, ମାନସୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଦିନତମାମ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରଥମ ସନ୍ଧ୍ୟାରେ ପୂର୍ବତନ ଢେଙ୍କାନାଳ ପୌରାଧ୍ୟକ୍ଷା ମୋନିକା ଶର୍ମା, ତ୍ରିଷ୍ଟା ରିଜର୍ଟର ପରିଚାଳନା ନିର୍ଦ୍ଦେଶିକା ସମାଜସେବୀ ରିଙ୍କି ଧୀର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ନାଟକ ବିଭାଗ ପ୍ରାଧ୍ୟାପକ ଗୁରୁ ସୁକେଶ ପଣ୍ଡା, ବର୍ଷିଆନ୍ ଅଭିନେତ୍ରୀ କୁନି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ଉନ୍ନତି କାମନା କରିଥିଲେ । ଖାଲି ଭୁବନେଶ୍ୱର କାହିଁକି ଅନ୍ୟାନ୍ୟ ଜିଲ୍ଲାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ ।

ପ୍ରଥମ ଦିବସ କାର୍ଯ୍ୟକ୍ରମରେ ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ବରଗଡ, ବଲାଙ୍ଗିର, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଇତ୍ୟାଦି ସ୍ଥାନମାନଙ୍କରୁ ନୃତ୍ୟ ଶିଳ୍ପୀମାନେ ଅତ୍ୟନ୍ତ ମନମୁଗ୍ଧକର ନୃତ୍ୟମାନେ ପରିବେଷଣ କରି ଦର୍ଶକମାନଙ୍କର ହୃଦୟକୁ ଜୟ କରିଥିଲେ । ସେହିପରି ଦ୍ୱିତୀୟ ସଂଧ୍ୟାରେ ଢେଙ୍କାନାଳ ମାଟିର ଗର୍ବ ଗୌରବ




ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ଅଦୈତ ଚରଣ ଗଡନାୟକ, ପୂର୍ବତନ ପୌରାଧ୍ୟକ୍ଷ ସୁନିଲ୍ କୁମାର ଶର୍ମା, ରାଜ୍ୟ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ରାଜ୍ୟ ସମ୍ପାଦକ ଭାରତୀୟ ଜନତା ପାର୍ଟି ତଥା ପୂର୍ବତନ ଅଧ୍ୟକ୍ଷକ ହୀରାକୁଦ ପୌରପରିଷଦ ସିମାଞ୍ଚଳ ଖଟେଇ ପ୍ରଭୃତି ଉପସ୍ଥିତ ରହି ଅନୁଷ୍ଠାନର ଦୀର୍ଘ ଜୀବନ କାମନା କରିବା ସହ ଅନୁଷ୍ଠାନର ଉତରୋତର କାମନା କରିଥିଲେ । ଅତିଥିମାନେ ସମସ୍ତ କଳାକାରମାନଙ୍କୁ ଓ ଗୁରୁମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ଗୁରୁ ଡ. ଅଙ୍କିତା ରଥ, ଗୁରୁ ଶୁଭେନ୍ଦୁ କୁମାର ଦାସଙ୍କୁ ସଂଗମ ସମ୍ମାନରେ ସମ୍ମାନିତ କରାଯିବା ସହ ସଂଗମ ଶିଶୁ କଳା ସମ୍ମାନ ଆଇଜି ଅଂଶୁମାଳାଙ୍କୁ ପ୍ରଦାନ କରାଯାଇଥିଲା । ଅତିଥି କଳାକାର ଭାବେ ଗୁରୁ ସତ୍ୟ ସୂର୍ଯ୍ୟାଂଶୁ, ଗୁରୁ ପ୍ରୀତିପୂଜା ବୈଶାକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା କରାଯିବା ପରେ ଅନୁଷ୍ଠାନର ସମ୍ପାଦକ ଆଶିଷ କୁମାର ପାଲ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷୀ ପଞ୍ଜୀକରଣ ସମୟ ସୀମା ବୃଦ୍ଧି ଦାବି




ଜଗତସିଂହପୁର,୨୬।୮ (ସମିସ): ନବନିର୍ମାଣ କୃଷକ ସଂଗଠନ, ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଜିଲ୍ଲାରେ ଚାଷୀ ପଞ୍ଜୀକରଣରେ ଅନିୟମିତତା ପ୍ରସଙ୍ଗକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସିପିଛକ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଂଜନ ସ୍ୱାଇଁ, ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା ଏବଂ ଜିଲ୍ଲା ସଂଯୋଜକ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଚାଷୀଙ୍କ ପଞ୍ଜୀକରଣ କାର୍ଯ୍ୟରେ ସରକାରଙ୍କ ସ୍ୱଚ୍ଛତା ପ୍ରତି ଆଙ୍ଗୁଠି ନିର୍ଦ୍ଦେଶ କରିବା ସହିତ କ୍ଷୋଭ ପ୍ରକାଶ କରିଥିଲେ। ଗତ ବର୍ଷ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଅପରିଣାମଦର୍ଶିତା ଏବଂ ଚାଷୀ ବିରୋଧୀ ମାନସିକତା ଯୋଗୁଁ ୩୬୭୨ ଜଣ ଚାଷୀ, ପଞ୍ଜୀକରଣରୁ ବଞ୍ଚିତ ହୋଇ ଅଭାବୀ ବିକ୍ରିର ଶିକାର ହୋଇଥିଲେ। ମଣ୍ଡିରେ ଗରିବ ଚାଷୀର ଧାନରୁ କ୍ୱିଣ୍ଟାଲ ପିଛା ୫/୧୦ କେଜି ଲେଖାଏଁ ଜବରଦସ୍ତ ଠକିନେଲେ। ହଜାର ହଜାର ଚାଷୀଙ୍କର ନିଜର ପ୍ରକୃତ ବିକ୍ରି ପରିମାଣ ଧାନରୁ ୨୦ ପ୍ରତିଶତ, ୬୦ ପ୍ରତିଶତ ଧାନ କମ୍ କରି ସରକାର କିଣିଲେ। ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନକୁ କିଣିବାରେ ସରକାର ଅହେତୁକ ଅବହେଳା ପ୍ରଦର୍ଶନ କଲେ। ଯାହା ଫଳରେ ଚଳିତ ବର୍ଷ ପଞ୍ଜିକରଣ ପ୍ରକ୍ରିୟାରେ ଚାଷୀ ମାନଙ୍କର ସରକାରଙ୍କ କାର୍ଯ୍ୟ ପ୍ରଣାଳୀ ଉପରେ ସନ୍ଦେହ ଦୃଢୀଭୂତ ହୋଇଛି। କାରଣ ଅଗଷ୍ଟ ୬ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସରକାର ଦେଇଥିବା ପଞ୍ଜିକରଣ ସମୟ ସୀମା ସରିବାକୁ ଆଉ ମାତ୍ର ପାଞ୍ଚ ଦିନ ବାକି ଥିବା ବେଳେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୮ ହଜାର ଚାଷୀ ଅପେକ୍ଷାରେ ଏବଂ ଆଶଙ୍କାରେ ଅଛନ୍ତି। ବର୍ତ୍ତମାନ ଚାଷୀ ମାନେ, ବିଲରେ ଧାନ ରୋଇବାରେ ବ୍ୟସ୍ତ। ଆଉ ପଟେ ସରକାରଙ୍କ ଅଦୂରଦୃଷ୍ଟି ସମ୍ପନ୍ନ ପଞ୍ଜୀକରଣ ସମୟ ସୀମା କଠୋର ଏବଂ ପଞ୍ଜୀକରଣ ପ୍ରକ୍ରିୟା ମନ୍ଥର। ଗୋଟାଏ ପଟେ ପାଗ ବିଗିଡି ଗଲେ ଚାଷ ଭୁଷୁଡି ଯିବାର ଭୟ ଆଉ ଗୋଟାଏ ପଟେ ସରକାରଙ୍କ ସମୟ ସରିଗଲେ ଧାନ ବିକ୍ରିରୁ ବଞ୍ଚିତ ହେବାର ଭୟ। ତେଣୁ ଗଣତାନ୍ତ୍ରିକ ଦେଶରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାର ଦୃଷ୍ଟି ଦେବା ସହିତ ପଞ୍ଜିକରଣ ସମୟ ସୀମା ବୃଦ୍ଧି ଏବଂ ସମସ୍ତ ଚାଷୀଙ୍କ ବଳକା ଧାନ କ୍ରୟର ସମସ୍ତ ବ୍ୟବସ୍ଥା କରିବାକୁ ସଂଗଠନ ତରଫରୁ ଆଜିର ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ, ସରକାରଙ୍କୁ ନିବେଦନ କରାଯାଇଛି।

# କୁଜଙ୍ଗ ମହାବିଦ୍ୟାଳୟରେ ଆଇନ ସଚେତନତା




କୁଜଙ୍ଗ,୨୬।୮ (ସମିସ): କୁଜଙ୍ଗ ମହାବିଦ୍ୟାଳୟ ପରିସରରେ ମହିଳା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ସହ ପୋକ୍ଷୋ, ପୋକ୍ସ ଓ ଆଣ୍ଟି ରାଗିଂ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷ ଶିଶୀର ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନ ସତ୍ରରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟାପିକା ଜୟନ୍ତୀ କୁମାରୀ ସ୍ୱାଇଁ ଯୋଗ ଦେଇ ମହିଳାଙ୍କ ସୁରକ୍ଷା ପାଇଁ ପୋକ୍ଷୋ, ପୋକ୍ସ ଓ ଆଣ୍ଟି ରାଗିଂ ନେଇ ଥିବା ଆଇନ ବିଷୟ ରେ ବିଶଦ ଆଲୋଚନା କରିଥିଲେ। ଉଦ୍‌ଯାପନରେ ମୁଖ୍ୟଅତିଥି ରୂପେ ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଜୀନ୍ମୟୀ ସାହାଣୀ ଦେଇଥିଲେ। ଏଥି ସହିତ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ଶକ୍ତିଶ୍ରୀ ସଂଯୋଜିକା ରଶ୍ମୀ ମିଶ୍ର, ଆଶ ସୁରକ୍ଷା ପ୍ରଶିକ୍ଷିକା ଆଶାରାଣୀ ଦାସ ଓ ଅରୁନ୍ଧତୀ ସେଠୀ, ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ର ପ୍ରଶାସନିକ ଅଧିକାରୀ ଅଧ୍ୟାପକ କବି ଚିତ୍ତ ରଞ୍ଜନ ସାହୁଙ୍କ ସଂଯୋଜନାରେ ଏହି ସଭାରେ ମହିଳା ମାନଙ୍କ ସୁରକ୍ଷିତ ଦିଗରେ ସେମାନଙ୍କର ଆଇନ ଗତ ଅଧିକାର ଓ ନ୍ୟାୟପାଳିକା କି କି ?ବେସ୍ଥା ରହିଛି ସେ ସମ୍ପର୍କରେ ସଚେତନତା କରାଯାଇଥିଲା। ବିଶେଷ କରି ମହିଳା ମାନଙ୍କ ଉଦ୍ୟସରେ "ଶକ୍ତିଶ୍ରୀ' ସଶକ୍ତୀକରଣ ସେଲର ଏକ ସଚେତନତା ଅଭିଯାନ ଯେଉଁ ଅଭିଯାନରେ ମହିଳାମାନେ ସେମାନଙ୍କ ସୁରକ୍ଷା ପାଇଁ କି କି ପଦକ୍ଷେପ ନିଆ ଯିବ ସେ ବିଷୟରେ ଅବଗତ କରାଯାଇ ଥିଲା। ପରେ ପରେ ଛାତ୍ରଛାତ୍ରୀ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଇନଗତ ସୁରକ୍ଷା, ନିର୍ଯାତନା ବିରୋଧୀ ଆଇନ ସମ୍ପର୍କ ରେ ପରସ୍ପର ମଧ୍ୟରେ ବିସ୍ତୃତ ଆଲୋଚନା ସହିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟତମ ପ୍ରଶାସନିକ ଅଧିକାରୀଣି ଡ. ସସ୍ମିତା ସାହୁ, ମଧୁସ୍ମିତା ସାହୁ, ସୋଲେମାନ ସାହୁ ଓ ସୂର୍ଯ୍ୟକାନ୍ତ ନନ୍ଦ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ପ୍ରବାସିନି ରାଉତ ପଲକ ଧନ୍ୟବାଦ ଦେବା ସହିତ ସଭାସାଙ୍ଗ କରାଯାଇଥିଲା।

# ଲକ୍ଷ୍ମୀ ବସ୍ ଦୁର୍ଘଟଣାଗ୍ରସ୍ତ



ନାଉଗାଁ, ୨୬।୮ (ସମିସ): ନାଉଗାଁ ବ୍ଲକ ନିକଟସ୍ଥ ଦେବୀ ନଦୀ ଶିଖର ଘାଟ ପୋଲ ନିକଟରେ ଲକ୍ଷ୍ମୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖାଯାଉଛି। ଖବର ନେବାରୁ ଯଣାଯାଏ ନିଆଳି ବ୍ଲକର ଏକ ଲକ୍ଷ୍ମୀ ବସ୍ ଦୈନିକ ନାଉଗାଁ ବ୍ଲକ ନିକଟସ୍ଥ ମୁତୁଣିଆ ଗ୍ରାମକୁ ଆସି ବିନିସିପୁର, ଚାରିଛକ, ନିଆଳିକୁ ଯାତାୟତ କରେ ଆଜିମଧ ଉକ୍ତ ବସ୍‌ଟି ନିଆଳିରୁ ବାହାରି ମୁତୁଣୀଆ ଗ୍ରାମକୁ ଆସି ଫେରୁଥିବା ସମୟରେ ଦେବୀ ନଦୀ ପୋଲ ନିକଟସ୍ଥ ବେତେଣ୍ଡା ଗ୍ରାମ ନିକଟରେ ଦୁଇଟି ଷଣ୍ଢ ହଟାନ୍ତ ବସ୍ ଆଗକୁ ପସିଆସିଥିଲେ। ଚାଳକ ଷଣ୍ଢ ଦୁଇଟିକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଚାକୁଣ୍ଡା ଗଛରେ ପିଟି ହୋଇଯାଇଥିଲା। ଫଳରେ ବସ୍ ରେ ଥିବା ଯାତ୍ରୀଙ୍କ କୈଣସି ଖିତି ହୋଇନଥିବା ବେଳେ ବସ୍‌ର ଆଗ କାଚ ଭାଙ୍ଗି ଚୁରୁମାର ହୋଇଯାଇଥିବା ଦେଖାଯାଇଛି।

# ଜାତୀୟ ହସ୍ତତନ୍ତ ପୁରସ୍କାରପ୍ରାପ୍ତ ପ୍ରଫୁଲ୍ଲ ସାହୁଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର,୨୬।୮ (ସମିସ): ଜାତୀୟ ହସ୍ତତନ୍ତ ପୁରସ୍କାର-୨୦୨୫ରେ ସମ୍ମାନିତ ହୋଇ ଓଡ଼ିଶାର ହସ୍ତତନ୍ତ କ୍ଷେତ୍ରକୁ ଗୌରବାନ୍ୱିତ କରିଥିବା ବିଶିଷ୍ଟ ବୁଣାକାର ତଥା ହସ୍ତତନ୍ତ କାରିଗର ପ୍ରଫୁଲ୍ଲ କୁମାର ସାହୁଙ୍କୁ ନେତାଜୀ ତନ୍ତୁବାୟ ସହଯୋଗ ସମିତି କାଦୁଅପଡା ପକ୍ଷରୁ ବଳଦେବଜୀୟୁ ମନ୍ଦିର, ସିଦ୍ଧଳ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗତ ୭ ଅଗଷ୍ଟ ୨୦୨୬, ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟ ସମାରୋହରେ ଭାରତର ରାଷ୍ଟ୍ରପତିଙ୍କ ନିକଟରୁ ଶ୍ରୀ ସାହୁ ଜାତୀୟ ହସ୍ତତନ୍ତ ପୁରସ୍କାର-୨୦୨୫ ଗ୍ରହଣ କରିଥିଲେ। ତାଙ୍କର ଅସାଧାରଣ ବୁଣାକାରୀ ଦକ୍ଷତା, ସୃଜନଶୀଳତା ଏବଂ ହସ୍ତତନ୍ତ ଡିଜାଇନ୍‌ରେ ଅଭିନବ ପ୍ରୟାସର ସ୍ୱୀକୃତି ସ୍ୱରୂପ ତଥା ତାଙ୍କର ଅବଦାନ ଜଗତସିଂହପୁର ଶାଢ଼ି ପାଇଁ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ କଟକ ବୟନ ମଣ୍ଡଳର ଉପନିର୍ଦ୍ଦେଶିକା ଗୋଲାପୀ ଗୋପରାଣୀ ମୁର୍ମୁ, ଡବ୍ଲ୍ୟୁଏସସି ଭୁବନେଶ୍ୱରର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାତ୍ର, ଅବସରପ୍ରାପ୍ତ ଉପନିର୍ଦ୍ଦେଶକ (ହସ୍ତତନ୍ତ) ଗଦାଧର ଦାସ, ଅବସରପ୍ରାପ୍ତ ବୟନ ତତ୍ତ୍ୱାବଧାରକ ମନୋରଞ୍ଜନ ନାଥ, ସମାଜସେବୀ ପ୍ରିୟନାଥ ରାୟ ଏବଂ ବଳଦେବଜୀୟୁ ମନ୍ଦିର, ସିଦ୍ଧଳର ପରିଚାଳନା ଟ୍ରଷ୍ଟି ରାମଚନ୍ଦ୍ର ଦାସ ଯୋଗଦେଇ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ କଟକ କଟକ ବୟନ ମଣ୍ଡଳର ସଦସ୍ୟବୃନ୍ଦ, ନେତାଜୀ ତନ୍ତୁବାୟ ସହଯୋଗ ସମିତିର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନେତାଜୀ ତନ୍ତୁବାୟ ସହଯୋଗ ସମିତି ପକ୍ଷରୁ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଯାଇଥିଲା। ଉପସ୍ଥିତ ଅତିଥି ଓ ବୁଣାକାରମାନେ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ହସ୍ତତନ୍ତ କ୍ଷେତ୍ରର ବିକାଶ ଓ ପ୍ରସାରରେ ତାଙ୍କର ଅବଦାନ ଆହୁରି ଦୃଢ଼ ହେଉ ବୋଲି କାମନା କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟର କ୍ରାନ୍ତିକାରୀ ସାରଳା ଦାସ



ତିର୍ତ୍ତୋଲ,୨୬।୮ (ସମିସ): ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦର ଆନୁକୂଲ୍ୟରେ ଏକ ସାରସ୍ୱତ ମିଳନ ତିର୍ତ୍ତୋଲ ବ୍ଲକ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେରତାଙ୍ଗପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କମଳାକାନ୍ତ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାଚୀନ ଝଙ୍କଡର ତେନ୍ତୁଳିପଦାର ସାଧକ କବି ସାରଳା ଦାସ ତତ୍କାଳୀନ ସମାଜରେ ଥିବା ଭାଷା ବିଦ୍ୱେଷ ରୁ ଉର୍ଦ୍ଧ ରେ ରହି ଯେଉଁଭଳି ସାରସ୍ୱତ କୃତି ବିଶ୍ୱବାସୀଙ୍କୁ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି ତାହା ଓଡ଼ିଆ ସଂସ୍କୃତି ପାଇଁ ଗୌରବର ବିଷୟ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଝୁଲରାମ ଦାସ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସମରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦାସ, ଶିକ୍ଷୟିତ୍ରୀ ମୋନାଲିସା ପ୍ରଧାନ, ଝଙ୍କଡ଼ ସାହିତ୍ୟ ସଂସଦର କବି ନିତ୍ୟାନନ୍ଦ ନାୟକ, କବି ପ୍ରଭାତ ପରିଜା, ସାହିତ୍ୟିକ ପରମାନନ୍ଦ ମିଶ୍ର ଯୋଗଦେଇ ଆଦିକବି ସାରଳା ଦାସଙ୍କୁ ଓଡ଼ିଆ ଭାଷା ସାହିତ୍ୟର କ୍ରାନ୍ତିକାରୀ ବୋଲି ମତ ପ୍ରକାଶ କରିଥିଲେ। ପରିଷଦର ସଂପାଦକ ଚୌଧୁରୀ ରାଧାମୋହନ ପରିଜା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୁଦ୍ଧ ଓଡ଼ିଆ ଲିଖନ ପ୍ରତିଯୋଗିତା ଶିକ୍ଷକ ରଂଜିତ କୁମାର ମହାପାତ୍ର ଓ ରବିନ୍ଦ୍ର ସାମଲ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ପାୟଲ ପ୍ରିୟଦର୍ଶିନୀ ସାହୁ ପ୍ରଥମ, ରତୁପର୍ଣ୍ଣା ସେଠୀ ଦ୍ୱିତୀୟ, ଅର୍ପିତା କାଣ୍ଡି ଓ ଅର୍ପିତା ପ୍ରିୟଦର୍ଶିନୀ ସାହୁ ଯୁଗ୍ମ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପରିଷଦର ସଭ୍ୟ ଆଶିଷ ପରିଜା, ଦେବବ୍ରତ ବାରିକ, ଅକ୍ଷୟ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାସ ନମିତା ସିଂ, ସୁଶାନ୍ତ ପରିଜା ଉପସ୍ଥିତ ଥିଲେ। ପରିଷଦର ସଭ୍ୟ ଅନିଲ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଷ୍ଟାମ୍ପ ଭେଣ୍ଡରଙ୍କ ମାତୃ ବିୟୋଗ



ରଘୁନାଥପୁର,୨୬।୮ (ସମିସ): ରଘୁନାଥପୁର ତହସିଲର ଷ୍ଟାମ୍ପ ଭେଣ୍ଡର ତଥା ଧରାଧରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡବାଗ ଗାଁର ବେଶ ପରିଚିତ ପ୍ରଭାତ ରାଉତ ମାଙ୍କ ବିୟୋଗ କଥା ଶୁଣି ତାଙ୍କ ଗାଁରେ ଶୋକର ଛାୟା ଖେଳିଯାଇଛି। କିଛି ଦିନ ଧରି ତାଙ୍କ ମା' ପଦ୍ମାବତୀ ରାଉତ(୮୮) ଅସୁସ୍ଥ ଥିଲେ ବି ନିଜ ଘରେ ରହି ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ରାତ୍ର ଆଠ ଘଟିକା ସମୟରେ ତାଙ୍କ ମା'ଙ୍କ ବିୟୋଗ କଥା ଶୁଣି ଶ୍ରୀ ରାଉତଙ୍କ ବହୁ ବାଲ୍ୟ ବନ୍ଧୁ ରାଜକିଶୋର ସାହୁ, ସରତ ବାରିକ, ନିମାଇଁ ସାହୁ, ପ୍ରଦୀପ୍ତ ଦାସ, ହେମନ୍ତ ସାହୁ, ପରୀକ୍ଷିତ ପଟ୍ଟନାୟକ ଓ ବୀରକିଶୋର ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଆଶ୍ୱସନା ଦେବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ହୋଇଥିବା ବେଳେ ବଡ଼ପୁଅ ପ୍ରଭାତ ରାଉତ ମୁଖାଗ୍ନି ଦେଇଥିଲେ।

# ଏବିଭିପି ପକ୍ଷରୁ 'ରାଖି ଫର୍ ସୋଲଜର' କାର୍ଯ୍ୟକ୍ରମ



ଜଗତସିଂହପୁର,୨୬।୮ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ "ରାଖି ଫର୍ ସୋଲଜର' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦେଶର ସୀମାରେ ନିଜ ଜୀବନକୁ ବାଜି ଲଗାଇ ମାତୃଭୂମିର ସୁରକ୍ଷା କରୁଥିବା ବୀର ଯବାନମାନଙ୍କ ପ୍ରତି ସମ୍ମାନ, ଭାଇଚାରା ଓ କୃତଜ୍ଞତାର ଭାବନା ପ୍ରକାଶ କରିବା ଉଦ୍ଦେଶ୍ୟରେ ଏହି ଅଭିନବ କାର୍ଯ୍ୟକ୍ରମ କରାଯାଇଥିଲା। ରକ୍ଷାବନ୍ଧନର ପବିତ୍ର ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ସୈନିକମାନଙ୍କ ପ୍ରତି ଭାଇ-ଭଉଣୀର ସ୍ନେହ ଓ ସମ୍ମାନର ପ୍ରତୀକ ଭାବେ ରାଖି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା ସଂଯୋଜକ ସତ୍ୟପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ନାଉଗାଁ ନଗର ସଭାପତି ଶ୍ରୀକାନ୍ତ ପ୍ରଧାନ, ଅପରାଜିତା ସ୍ୱାଇଁ, କରିଶ୍ମା ସ୍ୱାଇଁ, ସରସ୍ୱତୀ , ଅବିନାଶ ଲେଙ୍କା ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଏବିଭିପି କାର୍ଯ୍ୟକର୍ତ୍ତାମାନେ ଦେଶର ସୁରକ୍ଷା ପାଇଁ ସର୍ବଦା ସଜାଗ ରହୁଥିବା ସମସ୍ତ ବୀର ଯବାନଙ୍କ ପ୍ରତି କୃତଜ୍ଞତା ଜଣାଇବା ସହିତ ସେମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିଥିଲେ।

# ସିକନ୍ଦର ଆଲାମ ବିଜେଡି ସଂଖ୍ୟାଲଘୁ ଜିଲ୍ଲା ସଭାପତି



ଜଗତସିଂହପୁର,୨୬।୮ (ସମିସ): ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳର ସଂଖ୍ୟାଲଘୁ ବର୍ଗ ସଭାପତି ଭାବେ ପୂର୍ବତନ ପାରିଷଦ ସିକନ୍ଦରା ଆଲାମଙ୍କୁ ଦାୟିତ୍ୱ ମିଳିଛି। ଦଳର ରାଜ୍ୟ ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଲାମଙ୍କୁ ଏହି ନିଯୁକ୍ତି ମିଳିଛି। ସିକନ୍ଦର ଜଣେ ଯୁବ ସଂଗଠକ ତଥା ପୂର୍ବତନ ପାରିଷଦ ଭାବେ ଦଳ ମଧ୍ୟରେ ବେଶ ପରିଚିତ ରହି ଆସିଛନ୍ତି। ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡି ଏଭଳି ଗୁରୁ ଦାୟିତ୍ୱ ଅର୍ପଣ କରିଥିବାରୁ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ କୃତଜ୍ଞତା ଅର୍ପଣ କରିବା ସହ ଆଗାମୀ ଦିନରେ ସଂଗଠନ ମଜବୁତ କରିବା ଦିଗରେ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

# ବାଲିକୁଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ




ବାଲିକୁଦା,୨୬।୮ (ସମିସ): ବାଲିକୁଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଭକ୍ତ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା, ପ୍ରାକ୍ତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପ୍ରାକ୍ତନ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା, ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପରିଷଦର ସଂଯୋଜକ ସୂର୍ଯ୍ୟକାନ୍ତ ମହାନ୍ତି, ପରିଷଦର ଉପ ସଭାପତି ସୁଜିତ କୁମାର ପୁହାଣ, ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ଷୀରୋଦ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ରହି ବିକାଶ ପରିଷଦର ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ପରି କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଯୁଗ୍ମ ସମ୍ପାଦକ ଗଙ୍ଗାଧର ବେହେରା ଓ ପ୍ରଣବ ଦେ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଉପସଭାପତି ତଥା ଜିଲ୍ଲାପରିଷଦ ସଦସ୍ୟା ଡଲି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ପ୍ରଫେସର ଜ୍ୟୋତି ରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିବେଦିତା ମହାନ୍ତି, ପ୍ରାକ୍ତନ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବବିତା ସ୍ୱାଇଁ, ଅଲେଖ ସ୍ୱାଇଁ, ଜିଲ୍ଲା ପରିଷଦ ଜଟାଧାରୀ ଦାସ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଅରିଲୋ ସରପଞ୍ଚ ପ୍ରଶାନ୍ତ ବାରିକ, ସମିତି ସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ, ତଣ୍ଡିକୁଳ ସରପଞ୍ଚ ସୁପ୍ରଭା ଦାସ, ରବୀନ୍ଦ୍ର କୁମାର ମହାପାତ୍ର, କମଳାକାନ୍ତ ମହାପାତ୍ର, ସମାଜସେବୀ ଉମେଶ ଚନ୍ଦ୍ର ସ୍?ାଇଁ, ଭଗବାନ ମହାନ୍ତି, ସାମ୍ବାଦିକ ଶିବଦତ୍ତ ଭାରତୀ, ସମ୍ବାଦ ପ୍ରଣବ ପ୍ରଧାନ, ଶିକ୍ଷାବିତ ସନ୍ତୋଷ ବିଶ୍ୱାଳ, ରମେଶ ଚନ୍ଦ୍ର ବହିରା, ଆଇନଜୀବୀ ବୀର ନାରାୟଣ ପାତ୍ର, ଆଇନଜୀବୀ ଯୁଗୋଳ କିଶୋର ମହାନ୍ତି, ସମାଜସେବୀ ସୁରେନ୍ଦ୍ର ବିଶ୍ୱାଳ, ଶୁଭେନ୍ଦ୍ର ଦାସ, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ମୋଟ ଉପରେ ୧୦୮ଟି ଫଳ ଚାରା ରୋପଣ କରାଯାଇଥିଲା।

# ପଣ୍ଡିତ ସନ୍ତୋଷ ଦାଶଙ୍କ ଦ୍ୱାଦଶ ସ୍ମୃତିସଭା

ଏରସମା,୨୬।୮ (ସମିସ): ଏରସମା ବ୍ଲକ ଗଡ଼ହରିଶପୁର ପଞ୍ଚାୟତର ଆଗୁଆ ପଣ୍ଡିତ ତଥା ବିଜେପି କର୍ମୀ ସ୍ୱର୍ଗତ ସନ୍ତୋଷ ଦାଶଙ୍କ ଦ୍ୱାଦଶ ସ୍ମୃତି ସଭା ଏରସମା ବୈଦିକ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଦିକ ବ୍ରାହ୍ମଣ ସମାଜର ସଭାପତି ପଣ୍ଡିତ ନାଗୁଚରଣ ଦେବତା ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବାଲିକୁଦା-ଏରସମା ବିଜେପି ନେତା ସତ୍ୟ ସାରଥୀ ମହାନ୍ତି, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ସମାଜସେବୀ ଅରୁଣ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ମଲ୍ଲିକ, ଦିଲ୍ଲୀପ କୁମାର ପାତ୍ର, ଅରୁଣ କୁମାର ମହାନ୍ତି, ବୈଦ୍ୟ ବିଶ୍ୱାଳ, ସରପଞ୍ଚ ପାର୍ବତୀ ଗୁଡ଼ିଆ, ଜାପାର ପୂର୍ବତନ ସରପଞ୍ଚ ତପନ ଗୋଛାୟତ, କଂଗ୍ରେସ ଯୁବନେତା ପ୍ରଦୀପ୍ତ ସାମଲ ଓ ଗୋଡ଼ା ମଣ୍ଡଳ ବିଜେପି ସଭାପତି ପୁଲିନ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ଜ୍ୟୋତ୍ସ୍ନାବନ୍ତ ପଣ୍ଡା, ଦେବେନ୍ଦ୍ର ତ୍ରିପାଠୀ, ପବିତ୍ର ଦାସ, ଶିବପ୍ରସାଦ ତ୍ରିପାଠୀ, ନିକୁଞ୍ଜ ମିଶ୍ର, ଆଲୋକ ତ୍ରିପାଠୀ ଓ ଅନିଲ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସନ୍ତୋଷ ଦାଶଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ




ପାରାଦୀପ,୨୬।୮ (ସମିସ): ଆଜି ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ମାନେ ପାରାଦୀପର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ରାକ୍ଷୀ ପିନ୍ଧାଇଛନ୍ତି। ଏନେଇ ଅପରାହ୍ନରେ ମଧୁବନ ସ୍ଥିତ ବ୍ରହ୍ମକୁମାରୀ ଆଶ୍ରମ ପରିସରରେ ଏକ ରକ୍ଷା ବନ୍ଧନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପାରାଦୀପ ଅଞ୍ଚଳର ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ ରାକ୍ଷୀ ପିନ୍ଧିଥିଲେ। ସମାଜରେ ଶାନ୍ତି, ଶୃଙ୍ଖଳା, ମୈତ୍ରୀ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ମାନେ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି। ତେବେ ପ୍ରତ୍ୟେକ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇ ସେମାନଙ୍କୁ ରାକ୍ଷୀ ବାନ୍ଧିଥାନ୍ତି। ତେବେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାରାଦୀପ ଶାଖାର ମୁଖ୍ୟ ଭଉଣୀ ସୁମନଙ୍କ ନେତୃତ୍ୱରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ ଓ ସ୍ୱାଗତ କରାଯାଇ ସେମାନଙ୍କୁ ରାକ୍ଷୀ ବନ୍ଧା ଯାଇଥିଲା। ଏହି ଅବସରରେ ଭଉଣୀ ସୁମନ ସମାଜର ସୁରକ୍ଷା ନିମନ୍ତେ ସାମ୍ବାଦିକଙ୍କ ଭୂମିକା ଓ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଥିରେ ଆୟୋଜିତ ଧାର୍ମିକ ସଭାରେ ଭଉଣୀ ସୁମନଙ୍କ ସମେତ ବ୍ରହ୍ମକୁମାରୀ ଅନୁଷ୍ଠାନର ସଦସ୍ୟ ବିବେକାନନ୍ଦ ନାୟକ ଏବଂ କ୍ୟାପଟେନ ଅମିତ ଉପସ୍ଥିତ ରହି ଆଧ୍ୟାତିକ ବାଣୀ ପ୍ରଚାର ସହ ସାମ୍ବାଦିକ ମାନଙ୍କ ଦ୍ୱାରା ସତ୍ୟ ଓ ନିର୍ଭିକ ସମ୍ବାଦ ପରିବେଷଣ ପାଇଁ ଉତ୍ସାହିତ କରିଥିଲେ।

# ଶ୍ରୀଜଗନ୍ନାଥ ସଂସ୍କୃତିରେ ବୃକ୍ଷର ମାହାତ୍ମ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ



ଜଗତସିଂହପୁର,୨୬।୮ (ସମିସ): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଓ ଶାଗବାରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀର ମିଳିତ ଆନୁକୂଲ୍ୟରେ ଏରସମା ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ବିଦ୍ୟାମନ୍ଦିର, ଇବ୍ରିସିଂ ଓ ଭଗବତୀ ଉଚ୍ଚ ବିଦ୍ୟାଳୟ, ଗରାମରେ ଶ୍ରୀ ଜଗନାଥ ସଂସ୍କୃତିରେ ବୃକ୍ଷର ମାହାତ୍ମ୍ୟ ଶୀର୍ଷକ ମାର୍ମିକ, ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ଅଭିନବ ଆଲୋଚନା ଚକ୍ର ସହ ଉକ୍ତ ବିଷୟବସ୍ତୁ ଆଧାରିତ ଲିଖିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକଠାରେ ଇନ୍‌ସାଫର ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ କୃତୀ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ସମ୍ମାନନୀୟ ବକ୍ତା, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ, ଉପସଭାପତି ପଣ୍ଡିତ ନାଗୁଚରଣ ଦେବତା ଓ ସାମାଜିକକର୍ମୀ ହେମନ୍ତ କୁମାର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ହିନ୍ଦୁମାନଙ୍କର ଆରାଧ୍ୟଦେବତା ଓ ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀମନ୍ଦିରରେ ଦାରୁବ୍ରହ୍ମ ଭାବରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନାରେ ଅକଳନ ବୃକ୍ଷଲତା ବ୍ୟବହାରର ପରମ୍ପରା ଏବଂ କଳ୍ପବଟ ସହିତ ଶ୍ରୀକ୍ଷେତ୍ରରେ ଥିବା ପଞ୍ଚବଟର ମହିମା ଯେତିକି ଅଲୌକିକ ସେହିଭଳିଭାବେ ଧର୍ମୀୟ ଭାବଧାରାରେ ଭକ୍ତଙ୍କ ବିଶ୍ୱାସରେ ପ୍ରତୀୟମାନ ବୋଲି ଦର୍ଶାଇବା ସହ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବନୌଷଧି ଗୁଡିକ ସହ ଶ୍ରୀଜଗନ୍ନଥାଙ୍କ ନିବିଡ ସମ୍ପର୍କର ବୈଜ୍ଞାନିକ କାରଣ ଓ ସିଦ୍ଧାନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋପବନ୍ଧୁ ବିଦ୍ୟାମନ୍ଦିରରେ ତୃପ୍ତି ରଂଜନ ମହାନ୍ତି ଓ ଭଗବତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର କଣ୍ଡୁଆଳ ଅଧ୍ୟକ୍ଷତା କରିଥିବାବେଳେ ଏରସମା ବାଳିକା ଉଚ୍ଚ ବିଦ୍ୟାଳୟରେ ସୁଷମା ପାତ୍ର ଅଧ୍ୟକ୍ଷତା କରିଥିଲେ ଏବଂ ଶିଳ୍ପପତି ମହେଶ୍ୱର ସ୍ୱାଇଁ ଓ ପ୍ରକୃତିବନ୍ଧୁ ଯଯାତି କେଶରୀ ସାମନ୍ତରାୟ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ନିଜସ୍ୱ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସଭାର ସୁପରିଚାଳନା କରିବା ସାଙ୍ଗକୁ ଲିଖିତ କୁଇଜ୍ ପ୍ରତିଯୋଗିତା ସଫଳତାର ସହ ସମ୍ପାଦନ କରିଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ତିନିତିନି ଜଣ ସଫଳ ପ୍ରତିଯୋଗୀମାନଙ୍କୁ ମାନପତ୍ର, ପୁରସ୍କାର ଓ ଫଳଚାରା ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରତ୍ୟେକ ଅନୁଷ୍ଠାନର ମୁଖ୍ୟଙ୍କୁ ମାନପତ୍ର, ମେଡେଲ, ଉପଢୌକନ ଓ ଶ୍ରୀଜଗନ୍ନାଥ ସମ୍ପର୍କିତ ଉପାଦେୟ ପୁସ୍ତକମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।




# ନେପାଳ ବନ୍ୟା ତାଣ୍ଡବ





## ବିହାର, ୟୁପିରେ ହାଇଆଲର୍ଟ

### ଗଣ୍ଡକ ନଦୀରୁ ସମସ୍ତ ୩୬ ଗେଟ୍ ଖୋଲିଲା

ପାଟନା, ୨୬।୮ (ଏଜେନ୍ସି): ନେପାଳରେ ହୋଇଥିବା ଭୟାବହ ଆକସ୍ମିକ ବନ୍ୟା (ଫ୍ଲାସ୍ ଫ୍ଲଡ୍) ପରେ ଭାରତର ପଡ଼ୋଶୀ ରାଜ୍ୟ ବିହାର ଏବଂ ଉତ୍ତର ପ୍ରଦେଶରେ ପ୍ରଶାସନ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ନେପାଳର ଭୋଟେ କୋଶୀ ଓ ତ୍ରିଶୂଳୀ ନଦୀରେ ଜଳସ୍ତର ହଠାତ୍ ବୃଦ୍ଧି ପାଇବା ହେତୁ ସୀମାବର୍ତ୍ତୀ ଗଣ୍ଡକ ଓ ନାରାୟଣୀ ନଦୀର ଜଳପ୍ରବାହ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ଏହି ବିପଦକୁ ଦୃଷ୍ଟିରେ ରଖି ବିହାର ସରକାର ଗଣ୍ଡକ ନଦୀରେ ପ୍ରାୟ ତିନି ମିଟର ଉଚ୍ଚର ବନ୍ୟା ଜଳ ପ୍ରବେଶ କରିବା ନେଇ ସତର୍କ ସୂଚନା ଜାରି କରିଛନ୍ତି। ଗଣ୍ଡକ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ପରେ ବନ୍ୟା ଜଳର ସୁରକ୍ଷିତ ନିଷ୍କାସନ ପାଇଁ ଗଣ୍ଡକ ବ୍ୟାରେଜ୍‌ର ୩୬ଟି ଯାକ ଗେଟ୍ ଖୋଲି ଦିଆଯାଇଛି। ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଉଚ୍ଚସ୍ତରୀୟ କମିଟି ଗଠନ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ପକ୍ଷରୁ ସତର୍କ ସୂଚନା ଜାରି କରାଯାଇ ନଦୀକୂଳିଆ ଏବଂ ତଳିଆ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବନ୍ୟା ପ୍ରଭାବରେ ବିହାରର ଉତ୍ତର-ପଶ୍ଚିମ ଜିଲ୍ଲା ସମେତ ପଶ୍ଚିମବଙ୍ଗର ମାଲଦା ଜିଲ୍ଲା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ଗଙ୍ଗା ନଦୀ ମଧ୍ୟ ମାଲଦାଠାରେ ବିପଦ ସଙ୍କେତ ନିକଟରେ ପ୍ରବାହିତ ହେଉଛି। ଜରୁରୀକାଳୀନ ପରିସ୍ଥିତି ପାଇଁ ଏନଡିଆର୍‌ଏଫ ଟିମ୍ ନିୟୋଜିତ କରାଯାଇଛି। ଅନ୍ୟପଟେ, ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନେପାଳ ସୀମାବର୍ତ୍ତୀ ମହାରାଜଗଞ୍ଜ ଏବଂ କୁଶୀନଗର ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତର ପ୍ରଦେଶର ପ୍ରାୟ ୧୬ଟି ଜିଲ୍ଲା ବର୍ତ୍ତମାନ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ରାଜ୍ୟ ସରକାରଙ୍କ ରିଲିଫ୍ କମିଶନରଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪, ୬୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ଏପର୍ଯ୍ୟନ୍ତ ଭାରତରେ କୌଣସି ଜୀବନହାନିର ଖବର ମିଳିନାହିଁ।

## ସହାୟତାର ହାତ ବଢ଼ାଇଲା ଭାରତ

କାଠମାଣ୍ଡୁ/ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ନେପାଳରେ ଭୟଙ୍କର ଭୂସ୍ଖଳନ ଜନିତ ଆକସ୍ମିକ ବନ୍ୟା ଯୋଗୁଁ ବ୍ୟାପକ ଧନଜୀବନ ହାନି ହୋଇଛି। ଫଳରେ ପ୍ରାୟ ୧୫୦ ଜଣ ପ୍ରାଣ ହରାଇଥିବା ବେଳେ ପ୍ରାୟ ୩୮୪ ଜଣ ପର୍ଯ୍ୟଟକ ନିଖୋଜ ଅଛନ୍ତି। ଏହି ସଙ୍କଟ ସମୟରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ସହ କଥା ହୋଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାସହ ସମସ୍ତ ପ୍ରକାର ମାନବୀୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନେପାଳ ସେନା ସହିତ ସମନ୍ୱୟ ରକ୍ଷା କରି ଭାରତ ଏହାର ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ହିଣ୍ଡନ ଏୟାରବେସରୁ ଭାରତୀୟ ବାୟୁସେନାର ସି-୧୭ ଗ୍ଲୋବମାଷ୍ଟର ଏବଂ ସି-୧୩୦ଜେ ସୁପର ହରକ୍ୟୁଲିସ ବିମାନକୁ ପ୍ରସ୍ତୁତ ରଖାଯାଇଛି। ଏଥିରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ବାୟୁସେନା ଏବଂ ଏସଏସବିର ଉଦ୍ଧାରକାରୀ ଦଳ ସାମିଲ ହୋଇଛନ୍ତି। ଏହା ସହିତ ଭାରୀ ଯନ୍ତ୍ରପାତି, ମେଡିକାଲ ସହାୟତା ଓ ରିଲିଫ ସାମଗ୍ରୀ ପଠାଯାଉଛି। ଏହା ବ୍ୟତୀତ ବିଦେଶ ମନ୍ତ୍ରଣାଳୟ ଓ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ନିଖୋଜ ପର୍ଯ୍ୟଟକଙ୍କ ସହାୟତା ପାଇଁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଏହି ଜାତୀୟ ବିପର୍ଯ୍ୟୟ ସମୟରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଓ ସେଠାକାର ଜନସାଧାରଣଙ୍କ ପ୍ରତି ସମବେଦନା ଜଣାଇବା ସହ ଭାରତ ନେପାଳ ସହ ସମ୍ପୂର୍ଣ୍ଣ ଏକତାବଦ୍ଧ ହୋଇ ଛିଡ଼ା ହୋଇଛି ବୋଲି ପ୍ରକାଶ କରିଛନ୍ତି।

## କର୍ଣ୍ଣାଟକରେ ଗାନ କରାଯିବନି ସମ୍ପୂର୍ଣ୍ଣ 'ବନ୍ଦେ ମାତରମ୍'

ବେଙ୍ଗାଲୁରୁ, ୨୬।୮ (ଏଜେନ୍ସି): କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାର ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ସରକାର କଂଗ୍ରେସର ନୀତି ଅନୁଯାୟୀ ସରକାରୀ ଏବଂ ସାଧାରଣ କାର୍ଯ୍ୟକ୍ରମଗୁଡ଼ିକରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବେ। ରାଜ୍ୟରେ ଏକ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଏହି ଗୀତର ସମସ୍ତ ଛଅଟି ପଦ ଗାନ କରାଯିବା ପ୍ରସଙ୍ଗକୁ ଶିବକୁମାର ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ତାଙ୍କୁ ନ ଜଣାଇ ନିଆଯାଇଥିଲା ଏବଂ ଭବିଷ୍ୟତରେ ରାଜ୍ୟ ସରକାର କେବଳ ପ୍ରଥମ ଦୁଇଟି ପଦ ହିଁ ଗାନ କରିବେ। ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଯୋଗଦେଇ



ଶିବକୁମାର କହିଛନ୍ତି, 'ମୁଁ ମୋ ଦଳର ବିଚାରଧାରା ଉପରେ ବିଶ୍ୱାସ କରେ। ଆମେ ଯାହା ନିଷ୍ପତ୍ତି ନେଇଛୁ, ମୁଁ ତାହା ସହିତ ଅଛି। ହୁଏତ ମୋର ଅଗୋଚରରେ କିମ୍ବା ରାଜଭବନରେ ଏହା ହୋଇଥାଇପାରେ, କିନ୍ତୁ ଭବିଷ୍ୟତରେ ଯେକୌଣସି ସରକାରୀ କାର୍ଯ୍ୟକ୍ରମରେ ଆମେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କେବଳ ଦୁଇଟି ପଦ ହିଁ ରଖିବୁ'। ଗତ ସପ୍ତାହ କଂଗ୍ରେସ କାର୍ଯ୍ୟକାରୀ କମିଟି ତାର ୧୯୩୭ ମସିହାର ପ୍ରସ୍ତାବକୁ ପୁନର୍ବାର ସମର୍ଥନ କରିଥିଲା। ସେଥିରେ ସାଧାରଣ ଓ ଜାତୀୟ ସଭା ସମିତିଗୁଡ଼ିକରେ ବନ୍ଦେ ମାତରମ୍‌ର କେବଳ ପ୍ରଥମ ଦୁଇଟି ପଦ ଗାନ କରାଯିବାର ନିୟମ ରହିଛି। ନୂତନ 'ବନ୍ଦେ ମାତରମ୍ ବିଲ୍'ରେ ସମସ୍ତ ପଦ ଗାନ କରିବାକୁ ବାଧ୍ୟତାମୂଳକ କରାଯିବା ପରେ ଏବଂ ଏହାକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବିବାଦ ଦେଖାଦେବା ପରେ କଂଗ୍ରେସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କଂଗ୍ରେସର ଯୁକ୍ତି ଅନୁଯାୟୀ, ବନ୍ଦେ ମାତରମ୍ ଗୀତର ପରବର୍ତ୍ତୀ ଭାଗରେ ହିନ୍ଦୁ ଦେବୀ ଦୁର୍ଗା, ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ଆବାହନ କରାଯାଇଛି। ଏହା ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ଆପତ୍ତିଜନକ ହୋଇପାରେ।

## ଗାୟକ-ୟୁଟ୍ୟୁବର୍ ଅଙ୍କିତ ବାଲିଆନଙ୍କୁ ଗୁଳି କରି ହତ୍ୟା

ଶାମଲୀ, ୨୬।୮ (ଏଜେନ୍ସି): ଉତ୍ତର ପ୍ରଦେଶର ଶାମଲୀ ଜିଲ୍ଲାରେ ବୁଧବାର ସନ୍ଧ୍ୟାରେ ଜଣେ ଅଜ୍ଞାତ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ପ୍ରସିଦ୍ଧ ହରିୟାଣାର ଗାୟକ ତଥା ୟୁଟ୍ୟୁବର୍ ଅଙ୍କିତ ବାଲିୟାନ (୩୫)ଙ୍କର ମୃତ୍ୟୁ ଘଟିଛି। ସେ ଏକ ଜିମ୍‌ରୁ ବାହାରକୁ ନିଜର ଗାଡ଼ିରେ ବସିବାକୁ ଯାଉଥିଲେ। ଏହି ସମୟରେ ଦୁଇଟି ମୋଟରସାଇକେଲରେ ଆସି ୩ ରୁ ୪ ସଶସ୍ତ୍ର ଅଜ୍ଞାତ ଆତତାୟୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣ ସ୍ଥଳରେ ହିଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପୁଲିସ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶାମଲୀ ଜିଲ୍ଲାର ବନ୍ତୀଖେଡ଼ା ଗ୍ରାମର ବାସିନ୍ଦା ଅଙ୍କିତ ବାଲିୟାନ ଜିଲ୍ଲା ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରସ୍ତୁତି ଚଳାଇଥିଲେ। ରାଜନୈତିକ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ ହୋଇଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଖୋଜିବାକୁ ତଦନ୍ତ ଜାରି ରହିଛି। ବାଲିୟାନ ହରିୟାଣା ସଙ୍ଗୀତ ଜଗତର ଜଣାଶୁଣା ଚେହେରା ଥିଲେ। ୟୁଟ୍ୟୁବରେ ତାଙ୍କର ୩.୬୬ ଲକ୍ଷରୁ ଅଧିକ ସବସ୍କ୍ରାଇବର ଅଛନ୍ତି। ତାଙ୍କର ଗୀତ 'ଭରି କୋର୍ଟ ମେ ଗୋଲି ମାରେଙ୍ଗେ ମେରି ଜାନ୍' ୟୁଟ୍ୟୁବରେ ସୁପରହିଟ୍ ହୋଇଥିଲା। ନିଜ ଭିଡିଓଗୁଡ଼ିକରେ ପ୍ରାୟତଃ ବନ୍ଧୁକ, ଅସ୍ତ୍ରଶସ୍ତ୍ର ବ୍ୟବହାର ଦେଖାଇ ସେ ଚର୍ଚ୍ଚାରେ ରହୁଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ସଙ୍ଗୀତ ଜଗତ ଓ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଇରାନ ସହ ଗୁପ୍ତ ତୈଳ କାରବାର

# ଭାରତୀୟ ସଂସ୍ଥା ଉପରେ କଟକଣା



ୱାଶିଂଟନ/ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଇରାନ ସହିତ ପ୍ରାୟ ୧୧.୯ କୋଟି ଆମେରିକୀୟ ଡଲାର ମୂଲ୍ୟର ବେଆଇନ ତୈଳ ଓ ପେଟ୍ରୋକେମିକାଲ୍ କାରବାର ଅଭିଯୋଗରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ୪ଟି ଭାରତୀୟ କମ୍ପାନୀ ଏବଂ ୩ ଜଣ ଭାରତୀୟ ନାଗରିକଙ୍କ ଉପରେ ଆର୍ଥିକ କଟକଣା ଲଗାଇଛି। ଆମେରିକା ଟ୍ରେଜେରି ବିଭାଗ ଏହାକୁ 'ଆର୍ଥିକ ଡି-ଡେ' ଭାବେ ବର୍ଣ୍ଣନା କରିଛି। ଏହି ପରିପ୍ରେକ୍ଷିରେ ଆମେରିକା ପ୍ରଶାସନ ୪ଟି ଭାରତୀୟ ସଂସ୍ଥା ଉପରେ କଟକଣା ଲଗାଇଛି। ସେମାନଙ୍କ ମଧ୍ୟରେ ରହିଛି ସଦାଶିବ ଓଭରସିଜ୍ ଲିମିଟେଡ୍। ଏହି ସଂସ୍ଥାଟି ଫେବୃଆରୀ ୨୦୨୪ ରୁ ଜୁନ୍ ୨୦୨୫ ମଧ୍ୟରେ ପ୍ରାୟ ୬.୯ କୋଟି ଡଲାର ମୂଲ୍ୟର ଇରାନୀୟ ପେଟ୍ରୋଲିୟମ ଦ୍ରବ୍ୟ ଆମଦାନୀ କରିଥିବା ଅଭିଯୋଗ ହୋଇଛି। ପିପି ସଫ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପ୍ରକୃତିଜ୍ ଇନଫ୍ରା ଇମ୍ପେକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍। ଏହି ଦୁଇଟି କମ୍ପାନୀ ପ୍ରତ୍ୟେକ ପ୍ରାୟ ୨.୫ କୋଟି ଡଲାର ଲେଖାଁ ମୂଲ୍ୟର ଇରାନୀୟ ପେଟ୍ରୋଲିୟମ ଦ୍ରବ୍ୟ ଆମଦାନୀ କରିଥିବା ନେଇ ଆମେରିକା ଅଭିଯୋଗ କରିଛି। ସେହିପରି ଭାରତୀୟ କଷ୍ଟମ୍ସ ବ୍ରୋକର ସଂସ୍ଥା ପୋର୍ଟଇଜ୍ ପାର୍ଟନର୍ସ ଏଲ୍‌ଏଲ୍ପି ଇରାନରୁ ବିଭିନ୍ନ ପେଟ୍ରୋକେମିକାଲ୍ ଦ୍ରବ୍ୟ ଭାରତକୁ ଆମଦାନୀ କରିବା ପ୍ରକ୍ରିୟାକୁ ସହଜ କରିବା ଏବଂ ଏଥିରେ ସହାୟତା କରିବା ଅଭିଯୋଗରେ କଟକଣାର ସମ୍ମୁଖୀନ ହୋଇଛି। ଏହାସହିତ ଆମେରିକା ୩ ଜଣ ଭାରତୀୟ ନାଗରିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେମାନେ ହେଲେ ପିପି ସଫ୍ଟଟେକର ନିର୍ଦ୍ଦେଶକ ପ୍ରଶାନ୍ତ ଗର୍ଗ, ପୋର୍ଟଇଜ୍ ପାର୍ଟନର୍ସର ଦୁଇ ଅଂଶୀଦାର ଇଦ୍ରିସମିଆ ଆଶାରାଫମିଆ ଶେଖ ଏବଂ ହରିଶ ରାମଚନ୍ଦ୍ର ରଙ୍ଗୀ। ପୂର୍ବରୁ ଆମେରିକା ଗତ ବର୍ଷ ଜୁଲାଇ ମାସରେ ୬ଟି ଭାରତୀୟ ସଂସ୍ଥା ଏବଂ ୩ ଜଣ ଭାରତୀୟଙ୍କୁ ଏବଂ ଚଳିତ ବର୍ଷ ଫେବୃଆରୀରେ ଅନ୍ୟ ୪ଟି କମ୍ପାନୀକୁ ଇରାନ ସହ କାରବାର ପାଇଁ କଟକଣା ତାଲିକାଭୁକ୍ତ କରିଥିଲା। ବର୍ତ୍ତମାନର ଏହି ନୂତନ ତାଲିକାରେ ବିଶ୍ୱବ୍ୟାପୀ ପ୍ରାୟ ୬୦ ଜଣ ବ୍ୟକ୍ତିବିଶେଷ, ସଂସ୍ଥା ଏବଂ ଜାହାଜ ସାମିଲ ଅଛନ୍ତି। ତେବେ ଆମେରିକାର ଏହି ଚାପ ପ୍ରକ୍ରିୟାକୁ ତେହେରାନ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଛି। ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହି ନୂତନ କଟକଣାକୁ ଅନ୍ତର୍ଜାତୀୟ ଆଇନ ଏବଂ ମିଳିତ ଜାତିସଂଘର ଚାର୍ଟର ପ୍ରତି ଏକ ଖୋଲା ଧମକ ବୋଲି ଦର୍ଶାଇଛି।

## ଦିଲ୍ଲୀରେ ଧରାପଡ଼ିଲା ନକଲି କର୍କଟ ରୋଗ ଔଷଧ ରାକେଟ୍

**ଔଷଧ ବଦଳରେ ଶିଶିରେ ଭର୍ତ୍ତି ହେଉଥିଲା ପାଣି**

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଦିଲ୍ଲୀ ପୁଲିସ କ୍ରାଇମ ବ୍ରାଞ୍ଚ ଏକ ବଡ଼ ଧରଣର ଆନ୍ତଃରାଜ୍ୟ ନକଲି ଓ ଅପମିଶ୍ରିତ କର୍କଟ ରୋଗ (କ୍ୟାନ୍‌ସର) ଔଷଧ କାରବାର କରୁଥିବା ରାକେଟ୍ ପର୍ଦ୍ଦାଫାଶ କରିଛି। ଏହି ନକଲି ଔଷଧଗୁଡ଼ିକ ରାଜସ୍ଥାନ ସରକାରଙ୍କ ଏକ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ସରକାରୀ ଡାକ୍ତରଖାନାକୁ ଯୋଗାଇ ଦିଆଯାଉଥିବା ଔଷଧ ମଧ୍ୟରୁ ଜବତ କରାଯାଇଛି। ଏହି ଘଟଣା ପରେ ରାଜସ୍ଥାନର ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦ୍ର ସିଂହ ଖିମସର ତୁରନ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ରାକେଟ୍ ପ୍ରଥମେ ପ୍ରକୃତ କର୍କଟ ରୋଗ ଔଷଧର ଶିଶି ଗୁଡ଼ିକୁ ଚୋରି କରୁଥିଲେ। ଏହାପରେ ସେଥିରୁ ଅସଲି ଔଷଧ ବାହାର କରି ସେଥିରେ ଅନ୍ୟ ଏକ ତରଳ ପଦାର୍ଥ (ପ୍ରାୟତଃ ପାଣି) ଭର୍ତ୍ତି କରି କଳାବଜାରରେ ବିକ୍ରି କରୁଥିଲେ। ଏହି କାରବାରରେ 'ଆଭେଲୁମାବ' ନାମକ ଏକ ଅତ୍ୟନ୍ତ ମୂଲ୍ୟବାନ କର୍କଟ ରୋଗ ଔଷଧ ସନ୍ଦେହ ଘେରରେ ରହିଛି। ଏହି ଔଷଧର ଗୋଟିଏ ଶିଶିର ମୂଲ୍ୟ ଦିଲ୍ଲୀରେ ପ୍ରାୟ ୧ ଲକ୍ଷ ଟଙ୍କା ଥିଲା। ଦିଲ୍ଲୀ ପୁଲିସର କ୍ରାଇମ ବ୍ରାଞ୍ଚ ଜବତ ହୋଇଥିବା ଏହି ସନ୍ଦେହଜନକ ଔଷଧଗୁଡ଼ିକୁ ସମ୍ପୃକ୍ତ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଜରିଆରେ ଜର୍ମାନୀର 'ମର୍କ' ଲାବୋରେଟୋରୀରେ ପରୀକ୍ଷା କରାଇଥିଲେ। ପରୀକ୍ଷଣ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, ଶିଶିଗୁଡ଼ିକରେ କର୍କଟ ରୋଗ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା କୌଣସି ପ୍ରକାର ସକ୍ରିୟ ଉପାଦାନ ଆଦୌ ନଥିଲା। ଏଥିମଧ୍ୟରୁ ୪ଟି ଶିଶି ବିକାନେରର ଏକ ସରକାରୀ ଡାକ୍ତରଖାନାକୁ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ ଗୁରୁତର ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଜୀବନରକ୍ଷାକାରୀ ଔଷଧଗୁଡ଼ିକରେ ଏଭଳି ଅପମିଶ୍ରଣ ହୋଇଥିବାରୁ, ରୋଗୀମାନେ ପ୍ରଚୁର ଅର୍ଥ ବ୍ୟୟ କରିବା ସତ୍ତ୍ୱେ ସେମାନଙ୍କ ଜୀବନ ପ୍ରତି ଗମ୍ଭୀର ସ୍ୱାସ୍ଥ୍ୟଗତ ବିପଦ ସୃଷ୍ଟି ହୋଇଛି। ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଗଜେନ୍ଦ୍ର ସିଂହ କହିଛନ୍ତି।

### ପାକିସ୍ତାନ ହସ୍ପିଟାଲରେ ନିଆଁ

## ଜଳିଗଲେ ୧୫ ନବଜାତ ଶିଶୁ

ଇସଲାମାବାଦ, ୨୬।୮ (ଏଜେନ୍ସି): ପାକିସ୍ତାନର ରାଜଧାନୀ ଇସଲାମାବାଦସ୍ଥିତ 'ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍' (ପିଆଏମ୍‌ଏସ୍) ହସ୍ପିଟାଲର ପ୍ରସୂତି ବିଭାଗରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୫ ଜଣ ନବଜାତ ଶିଶୁଙ୍କ ପ୍ରାଣହାନି ଘଟିଛି। ସୂଚନା ଅନୁଯାୟୀ, ୱାର୍ଡର ତୃତୀୟ ମହଲାରେ ଥିବା ନର୍ସରୀରେ ଏସିର କମ୍ପ୍ରେସର ବିସ୍ଫୋରଣ ହେବା ଯୋଗୁଁ ସକାଳ ପ୍ରାୟ



୭ଟାରେ ଏହି ନିଆଁ ଲାଗିଥିଲା। ଅଗ୍ନିକାଣ୍ଡ ସମୟରେ ଉକ୍ତ ନର୍ସରୀରେ ମୋଟ ୧୬ ଜଣ ନବଜାତ ଶିଶୁ ଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ଜଣେ ଶିଶୁକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପାରିଥିବା ବେଳେ ଅନ୍ୟ ୧୫ ଜଣ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଜିଲ୍ଲା ପ୍ରଶାସନର ସୂଚନା ମୁତାବକ, ମୃତ୍ୟୁବରଣ କରିଥିବା ୧୫ ଜଣଙ୍କ ମଧ୍ୟରୁ ୧୪ ଜଣ ଶିଶୁ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଛନ୍ତି। ଖବର ପାଇ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପିତାମାତାଙ୍କୁ ସମବେଦନା ଜଣାଇଛନ୍ତି।

## ରୁଷ୍‌ର ଗୁପ୍ତ ଗସ୍ତରେ ସିଆଇଏ ମୁଖ୍ୟ

**■ ପରମାଣୁ ଆକ୍ରମଣର ଆଶଙ୍କା ନା ଇରାନ ସଙ୍କଟକୁ ନେଇ ରଣନୀତି?**

ମସ୍କୋ/ୱାସିଂଟନ, ୨୬।୮ (ଏଜେନ୍ସି): ଆମେରିକାର ପ୍ରମୁଖ ଗୁପ୍ତଚର ସଂସ୍ଥା ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍‌ଙ୍କ ଗୋପନୀୟ ରୁଷିଆ ଗସ୍ତ ସାରା ବିଶ୍ୱରେ ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ମଙ୍ଗଳବାର ସେ ମସ୍କୋ ଗସ୍ତ କରି ରୁଷିଆର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ସୁରକ୍ଷା ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ରାଟକ୍ଲିଫ୍‌ଙ୍କ ଗସ୍ତ ସମୟରେ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳରେ ସାମରିକ ଆକ୍ରମଣ ସାମୟିକ ଭାବେ ବନ୍ଦ ରଖିବାକୁ ଆମେରିକା ପକ୍ଷରୁ ୟୁକ୍ରେନକୁ ଅନୁରୋଧ କରାଯାଇଥିଲା।

ତେବେ ଏହି ରହସ୍ୟମୟ ଗସ୍ତ ପଛରେ ସାମରିକ କାରଣ ଥିବା ବିଶେଷଜ୍ଞମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଆମେରିକାର ଜାତୀୟ ଗୁପ୍ତଚର ସଂସ୍ଥାର ପୂର୍ବତନ ଉପ-ନିର୍ଦ୍ଦେଶକ ବେଥ୍ ସାନରଙ୍କ ଅନୁସାରେ, ରୁଷର କୌଣସି ଗୁରୁତର ପଦକ୍ଷେପ ବିରୋଧରେ ପୁଟିନ ପ୍ରଶାସନକୁ ଚେତାବନୀ ଦେବା ପାଇଁ ରାଟକ୍ଲିଫ୍ ଏହି ଗସ୍ତ କରିଥାଇପାରନ୍ତି। ଏଥିସହିତ, ରୁଷିଆ ପକ୍ଷରୁ ୟୁକ୍ରେନ ଉପରେ ପରମାଣୁ ଆକ୍ରମଣର ଯୋଜନା ରହିଥିବା ଆମେରିକାର ବିଶିଷ୍ଟ ରାଜନୈତିକ ବିଶେଷଜ୍ଞ ଗର୍ଡ଼ନ୍ ଜି. ଚାଙ୍ଗ ଆଶଙ୍କା ପ୍ରକଟ କରିଛନ୍ତି। ଅନ୍ୟ ଏକ ପ୍ରମୁଖ ତଥ୍ୟ ଅନୁସାରେ, ଏହି ଗସ୍ତର ଉଦ୍ଦେଶ୍ୟ ୟୁକ୍ରେନ ନୁହେଁ ବରଂ ଇରାନ ସଙ୍କଟ ସହ ଜଡ଼ିତ।



## ୨୦ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି)ର ୨୦ ଜଣ ବିଦ୍ରୋହୀ ସାଂସଦଙ୍କ ବିରୋଧରେ ଲୋକସଭା ସଚିବାଳୟ ନୋଟିସ ଜାରି କରିଛି। ୭ ଦିନ ମଧ୍ୟରେ ସେମାନଙ୍କ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛି। ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ ହୋଇଥିବା ସାଂସଦ ପଦ ରଦ୍ଦ ଆବେଦନ ଆଧାରରେ ଏହି ନୋଟିସ ପଠାଯାଇଛି। ଏହି ସାଂସଦମାନେ ଟିଏମସି ଛାଡ଼ି ତ୍ରିପୁରା ଭିତ୍ତିକ 'ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ' (ଏନ୍‌ସିପିଆଇ) ରେ ସାମିଲ ହୋଇଥିଲେ। ଟିଏମସି ପକ୍ଷରୁ ଦାବି କରାଯାଇଛି ଯେ ସାଂସଦମାନେ ସ୍ୱେଚ୍ଛାକୃତ ଭାବେ ଦଳୀୟ ସଦସ୍ୟତା ପ୍ରତ୍ୟାହାର କରିଛନ୍ତି। ଏହା ଦଳବଦଳ ଆଇନର ଉଲ୍ଲଂଘନ ଅଟେ। ଅନ୍ୟପଟେ ବିଦ୍ରୋହୀ ସାଂସଦମାନେ ଏହାକୁ ଏକ ବୈଧ ମିଶ୍ରଣ ବୋଲି ଦର୍ଶାଇଛନ୍ତି। ଏହି ବିଦ୍ରୋହୀ ସାଂସଦମାନଙ୍କ ମଧ୍ୟରେ ସୁଦୀପ ବନ୍ଦୋପାଧ୍ୟାୟ, କାକୋଲି ଘୋଷ ଦସ୍ତିଦାର, ଶତାବ୍ଦୀ ରାୟ ଏବଂ ୟୁସୁଫ ପଠାନଙ୍କ ଭଳି ପ୍ରମୁଖ ନେତାମାନେ ସାମିଲ ଅଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୭୦ : ଭାରତର ପ୍ରଥମ ଶ୍ରମିକ ସଂଗଠନ ଭାବେ ଶ୍ରମଜୀବୀ ସଂଘର ସ୍ଥାପନା।
- ୧୯୫୦ : ଟେଲିଭିଜନ ଇତିହାସରେ ପ୍ରଥମଥର ପାଇଁ ବିବିସି ସିଧା ପ୍ରସାରଣ କଲା।
- ୧୯୯୦ : ୱାଶିଂଟନସ୍ଥିତ ଇରାକ ଦୂତାବାସର ୫୫ ରୁ ୩୬ କର୍ମଚାରୀଙ୍କୁ ଆମେରିକା ବାହାର କରଥିଲା।
- ୨୦୦୩ : ୬୦ ହଜାର ବର୍ଷ ପରେ ମଙ୍ଗଳ ଗ୍ରହ ପୃଥିବୀର ସବୁଠୁ ନିକଟତର ହୋଇଥିଲା।



# ଗାଧୁଆ ପାଇଁ ଏକ ଲକ୍ଷ ତିରିଶ ହଜାର ଟଙ୍କାର ଜରିମାନା

ମଣିଷ ଜୀବନରେ ଅଜାଣତରେ ହେଉଥିବା ଛୋଟ ଛୋଟ ଭୁଲ୍ ବେଳେବେଳେ ଏମିତି ବଡ଼ ସମସ୍ୟା ନେଇଆସେ, ତାହା କଳ୍ପନା କରିହୁଏ ନାହିଁ। ଠିକ୍ ସେମିତି ଏକ ଆଶ୍ଚର୍ଯ୍ୟଜନକର ଘଟଣା ଅଷ୍ଟ୍ରେଲିଆରେ ରହୁଥିବା ବାମିକା ନାମ୍ନୀ ଜଣେ ମହିଳାଙ୍କ ସହ ଘଟିଛି। ଅଷ୍ଟ୍ରେଲିଆରେ ରହୁଥିବା ଭାରତୀୟ ମହିଳା ବାମିକା ମାତ୍ର ୫ ମିନିଟ୍ ଗରମ ପାଣିରେ ଗାଧୋଇବା ଯୋଗୁଁ ତାଙ୍କୁ ପ୍ରାୟ ୧ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିଛି। ବାମିକା ଗରମ ପାଣିରେ ଗାଧୋଉଥିବା ସମୟରେ ବାଥରୁମ୍‌ର ଏକଜଷ୍ଟ ଫ୍ୟାନ୍ ଚାଲୁ କରିବାକୁ ଭୁଲି ଯାଇଥିଲେ। କିଛି ସମୟ ମଧ୍ୟରେ ଗରମ ପାଣିର ବାଷ୍ପ ବାଥରୁମ୍‌ରେ ଜମା ହେବାକୁ ଲାଗିଲା ଏବଂ ଫାୟାର ଆଲାର୍ମ ସେନସର୍ ପାଖରେ ପହଞ୍ଚିଗଲା। ଏହାପରେ ସମଗ୍ର ବିଲ୍ଡିଂରେ ଆଲାର୍ମ ବାଜିବାକୁ ଲାଗିଲା ଏବଂ ଦେଖୁ ଦେଖୁ ସେଠାରେ ଭୟର ପରିସ୍ଥିତି ସୃଷ୍ଟି ହୋଇଗଲା। ଆଲାର୍ମ ବାଜିବା ମାତ୍ରେ ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ବିଲ୍ଡିଂକୁ ତୁରନ୍ତ ଖାଲି କରାଯାଇଥିଲା ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାକାର ନିୟମ ଅନୁଯାୟୀ, କୌଣସି ସର୍ଟ ସର୍କିଟ୍ କିମ୍ବା ନିଆଁ ନ ଲାଗି ମଧ୍ୟ ମହିଳାଙ୍କ ଅସାବଧାନତା ଯୋଗୁଁ ଦମକଳ ବାହିନୀ ଆସିବା ଏବଂ ସମସ୍ତଙ୍କୁ ହଇରାଣ ହେବାକୁ ପଡ଼ିଥିବାରୁ ତାଙ୍କ ଉପରେ ଏକ ଲକ୍ଷ ୩୦ ହଜାର ଟଙ୍କାର ଜରିମାନା ଲଗାଯାଇଥିଲା। ବାମିକା ନିଜର ଏହି ଅନୁଭୂତିକୁ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର୍ କରିବା ପରେ ଏହା ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ବିଦେଶରେ ଥିବା ସୁରକ୍ଷା ନିୟମ ବିଷୟରେ ଜାଣିବା କେତେ ଜରୁରୀ, ତାହା ଏହି ଘଟଣା ସ୍ପଷ୍ଟ କରିଛି।

# 'ତୁମ୍ବାଡ୍ ୨'ର ସୁଟିଂ ଆରମ୍ଭ କଲେ ଆଲିଆ



ହରର୍-ଥ୍ରିଲର୍ ଫିଲ୍ମ 'ତୁମ୍ବାଡ୍ ୨'ର ସେଟ୍‌ରୁ ନିକଟରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ କିଛି ଫଟୋ ଭାଇରାଲ୍ ହୋଇଛି। ଏହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ଏହି ଫିଲ୍ମ ମାଧ୍ୟମରେ ଆଲିଆ ପ୍ରଥମ ଥର ପାଇଁ କୌଣସି ଲୋକକଥା ଉପରେ ଆଧାରିତ ହରର୍ ୟୁନିଭର୍ସର ଅଂଶ ହେବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ଫିଲ୍ମରେ ଆଲିଆଙ୍କର ଏକ ଦମଦାର୍ ଏବଂ ରହସ୍ୟମୟ ଭୂମିକା ରହିଛି। ସେ ପ୍ରାୟ ୨୦ ଦିନ ଧରି ସୁଟିଂ କରିବେ, ଯାହା କାହାଣୀରେ ଏକ ବଡ଼ ଟ୍ୱିଷ୍ଟ ଆଣିବ ଏବଂ ଏହା 'ତୁମ୍ବାଡ଼ ୩'ର କାହାଣୀ ସହ ଯୋଡ଼ି ହେବ। ଏଥିରେ ଆଲିଆଙ୍କ ସହ ସୋହମ୍ ଶାହ ଓ ନୱାଜୁଦ୍ଦିନ୍ ସିଦ୍ଦିକି ଲିଡ୍ ରୋଲରେ ନଜର ଆସିବେ। କିଛି ଦିନ ପୂର୍ବରୁ ଫିଲ୍ମର ନାୟକ ତଥା ପ୍ରଯୋଜକ ସୋହମ୍ ଶାହ 'ତୁମ୍ବାଡ୍ ୨' ରେ ଆଲିଆଙ୍କ ଏଣ୍ଟ୍ରି ବିଷୟରେ ଘୋଷଣା କରିଥିଲେ। ଆଉ ଏବେ ଆଲିଆ ସୁଟିଂରେ ଯୋଗ ଦେବା ପରେ ଫଟୋଗୁଡ଼ିକ ଭାଇରାଲ ହେଉଛି। ଫଟୋଗୁଡ଼ିକରେ ଆଲିଆ ଖୁବ୍ କାଜୁଆଲ୍ ଏବଂ କୁଲ୍ ଅନ୍ଦାଜରେ ଦେଖାଯାଉଛନ୍ତି। ସେ କ୍ରିଉ ସଦସ୍ୟଙ୍କ ସହ ଫଟୋପୋଜ୍ ଦେଉଥିବାର ଦେଖାଯାଇଛନ୍ତି। ଫିଲ୍ମର ସୁଟିଂ ପାଇଁ ମୁମ୍ବାଇରେ ୭ରୁ ୮ ଏକର ଜମି ଉପରେ ଏକ ଭବ୍ୟସେଟ୍ ପ୍ରସ୍ତୁତ କରାଯାଇଛି। ଏହାକୁ ଏକ ସହର ଭଳି ରୂପ ଦିଆଯାଇଛି। ଏହା ଆସନ୍ତାବର୍ଷ ଡିସେମ୍ବର ୩ରେ ସିନେମା ହଲ୍‌ରେ ରିଲିଜ୍ ହେବ। ତେବେ ଏହି ଫିଲ୍ମରେ ସୋହମ୍‌ଙ୍କ ସହ ଆଲିଆ ଓ ନୱାଜୁଦ୍ଦିନ୍ ଯୋଗ ଦେବାରୁ ଏହା ମୂଳ ଫିଲ୍ମ ଅପେକ୍ଷା ଆହୁରି ଦମ୍‌ଦାର୍ ହେବ ବୋଲି ଆଶା କରାଯାଉଛି।

# ଶାଢ଼ି ପିନ୍ଧି କୁସ୍ତି ଲଢ଼ନ୍ତି ମହିଳା



କୁସ୍ତି ଏକ ପାରମ୍ପରିକ ଖେଳ। ପୁରୁଷମାନେ ଆଖଡ଼ା ଶାଳରେ କୁସ୍ତି ଅଭ୍ୟାସ କରନ୍ତି। ଏଥିପାଇଁ ପ୍ରଚୁର ଶାରୀରିକ ଶକ୍ତି, ଧୈର୍ଯ୍ୟ ଏବଂ କୌଶଳର ଆବଶ୍ୟକତା ହୋଇଥାଏ। ହେଲେ ଲକ୍ଷ୍ନୌ ନିକଟସ୍ଥ ଅହିମାମଉ ଗାଁରେ ପ୍ରତିବର୍ଷ ନାଗପଞ୍ଚମୀର ପରଦିନ ମହିଳାମାନେ ଶାଢ଼ି ପିନ୍ଧି କୁସ୍ତି ପ୍ରତିଯୋଗିତାରେ ଭାଗ ନିଅନ୍ତି, ଯାହାକୁ ସ୍ଥାନୀୟ ଭାଷାରେ ହାପା କୁହାଯାଏ। ଏହି ଗାଁର ମହିଳାମାନେ ପ୍ରାୟ ୨୦୦ ବର୍ଷରୁ ଅଧିକ ସମୟ ଧରି ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଏଥିରେ କେବଳ ମହିଳାମାନେ ହିଁ ଅଂଶଗ୍ରହଣ କରନ୍ତି। ମହିଳାମାନେ ଗହଣା କାଢ଼ି ଓ ଶାଢ଼ିକୁ ଅଣ୍ଟାରେ ଖୋସି କୁସ୍ତି ଖେଳିଥାନ୍ତି। ତେବେ ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ମହିଳାମାନେ କୌଣସି ତାଲିମପ୍ରାପ୍ତ ଖେଳାଳି ନୁହନ୍ତି। ସେମାନେ ଗାଁର ସାଧାରଣ ଗୃହିଣୀ ହୋଇଥାନ୍ତି। ଦୈନନ୍ଦିନ ଘରକାମରୁ ସମୟ ବାହାର କରି ସେମାନେ କାଦୁଅ ଆଖଡ଼ାକୁ ଓହ୍ଲାଇଥାନ୍ତି। କୁସ୍ତି ଆରମ୍ଭ ହେବା ପୂର୍ବରୁ ମା' କାଳୀ ଏବଂ ମା' ଭବାନୀଙ୍କର ପୂଜାର୍ଚ୍ଚନା କରାଯାଏ। ଆଖଡ଼ା ଚାରିପାଖରେ ଠିଆ ହୋଇଥିବା ଅନ୍ୟ ମହିଳାମାନେ ଢୋଲକ ବଜାଇ ପାରମ୍ପରିକ ଲୋକଗୀତ ଗାଇ ପହିଲିମାନ୍‌ମାନଙ୍କର ଉତ୍ସାହ ବଢ଼ାଇଥାନ୍ତି। ଏହି ଗୀତଗୁଡ଼ିକରେ ସ୍ଥାନୀୟ ଶୈଳୀର କିଛି ଆକ୍ଷେପମୂଳକ ଓ ବ୍ୟଙ୍ଗାତ୍ମକ ଶବ୍ଦ ମଧ୍ୟ ବ୍ୟବହାର କରାଯାଏ, ଯାହା ପରିବେଶକୁ ଅଧିକ ଜୀବନ୍ତ କରିଥାଏ। ତେବେ ଏହି ପ୍ରତିଯୋଗିତାକୁ ପୁରୁଷମାନେ ଦେଖିବା କିମ୍ବା ସେଠାକୁ ଯିବା ସମ୍ପୂର୍ଣ୍ଣ ମନା। ଯଦି କୌଣସି ପୁରୁଷ ଛାତ ଉପରୁ ବି ଏହାକୁ ଦେଖିବାକୁ ଚେଷ୍ଟା କରେ, ତେବେ ତାକୁ ହଟାଇ ଦିଆଯାଏ। ଅଖାଡ଼ା ଭିତରେ କେବଳ ମହିଳା ଏବଂ ଛୋଟ ପିଲାମାନେ ହିଁ ରହିଥାନ୍ତି। ଆଖଡ଼ା ଭିତରେ ଲଢ଼ୁଥିବା ପହିଲିମାନ୍‌ଙ୍କଠାରୁ ଆରମ୍ଭ କରି ବାହାରେ ଦର୍ଶକ ସାଜି ଚିତ୍କାର କରୁଥିବା ଏବଂ ବିଜେତା ସ୍ଥିର କରୁଥିବା ବିଚାରକଙ୍କ ପର୍ଯ୍ୟନ୍ତ ସମସ୍ତେ ମହିଳା ହୋଇଥାନ୍ତି। ହାପା କୁସ୍ତି ପରମ୍ପରାରେ ପ୍ରକୃତରେ କେହି ହାରନ୍ତି ନାହିଁ। ଏହା ଏହି ଉତ୍ସବର ସବୁଠାରୁ ସୁନ୍ଦର ଏବଂ ନିଆରା ନିୟମ, ଯାହା ଏହାକୁ ଅନ୍ୟ ସାଧାରଣ ଖେଳଠାରୁ ଅଲଗା କରିଥାଏ। ଯିଏ କୁସ୍ତି ଜିତନ୍ତି, ତାଙ୍କୁ ଉପହାର ସ୍ୱରୂପ ଏକ ନୂଆ ଶାଢ଼ି ପ୍ରଦାନ କରାଯାଏ। ଯିଏ ମ୍ୟାଚ୍ ହାରିଯାନ୍ତି, ତାଙ୍କୁ ମଧ୍ୟ ନିରାଶ କରାଯାଏ ନାହିଁ। ତାଙ୍କୁ ଉତ୍ସାହିତ କରିବା ପାଇଁ ନଗଦ ଅର୍ଥ ଦିଆଯାଇଥାଏ। ଏହି ପରମ୍ପରା ଗାଁର ମହିଳାମାନଙ୍କ ମଧ୍ୟରେ ଏକତା ଏବଂ ଭଗିନୀଭାବ ସୃଷ୍ଟି କରେ। ଏହା ଦର୍ଶାଏ ଯେ, ନାରୀମାନେ କେବଳ ଘରକୋଣରେ ସୀମିତ ନୁହନ୍ତି, ବରଂ ନିଜର ଓ ନିଜ ପରିବାରର ସୁରକ୍ଷା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ଶାରୀରିକ ଓ ମାନସିକ ବଳ ରହିଛି।

## ସୁଶ୍ରୀ



# ରାକ୍ଷୀ ପୂର୍ଣ୍ଣିମାରେ ଇଣ୍ଡୋୱେଷ୍ଟର୍ଣ୍ଣ

**ସାଧାରଣତଃ ରାକ୍ଷୀ ପୂର୍ଣ୍ଣିମାରେ ମହିଳାମାନେ ନୂଆ ପୋଷାକ ପିନ୍ଧି ଭାଇ ହାତରେ ରାଖି ବାନ୍ଧିବା ପାଇଁ ଖୁବ୍ ଉତ୍ସାହିତଥାନ୍ତି। ଏଥିପାଇଁ ପୂର୍ବରୁ ପୋଷାକ, ମେକ୍‌ଅପ୍ ହେୟାର୍ ଷ୍ଟାଇଲ୍‌କୁ ନେଇ ପରୀକ୍ଷା ନିରୀକ୍ଷା କରିଥାନ୍ତି। ତେବେ ରାକ୍ଷୀ ଲୁକ୍‌କୁ ସୁନ୍ଦର ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ତଥା ଇଣ୍ଡୋୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ପିନ୍ଧିପାରିବେ।**

### ଫ୍ଲୋରାଲ୍ ଅନାରକଲି

ରାକ୍ଷୀ ପୂର୍ଣ୍ଣିମାରେ ଫ୍ଲୋରାଲ୍ ଅନାରକଲି ତଥା ଫ୍ଲୋର୍ ଲେଙ୍ଗ୍‌ଥ୍ ସୁଟ୍ ପିନ୍ଧିପାରିବେ। ଏଥିପାଇଁ ଜର୍ଜେଟ୍ ଏବଂ ଚନ୍ଦେରୀ ସୁଟ୍ ଭଲ ହୋଇଥାଏ। ଏଥିରୁ ଏକ ଫେଷ୍ଟିଭ୍ ଲୁକ୍ ମିଳିଥାଏ। ଏହା ସହିତ ଲାଇଟ୍ ମେକ୍‌ଅପ୍ ଏବଂ ଝୁମୁକା ମଧ୍ୟ ପିନ୍ଧିପାରିବେ।

### ସାରାରା,

ରାକ୍ଷୀ ପୂର୍ଣ୍ଣିମାରେ ସାରାରା, ଗାରାରା ସେଟ୍ ମଧ୍ୟ ଭଲ ହୋଇଥାଏ। ସର୍ଟ କୁର୍ତ୍ତୀ ସହ ଫ୍ଲେୟାର୍ଡ ସାରାରା, ଦୁପଟ୍ଟା ରାକ୍ଷୀପୂର୍ଣ୍ଣିମାରେ ପର୍‌ଫେକ୍ଟ ଫେଷ୍ଟିଭ୍ ଲୁକ୍ ଦେଇଥାଏ। ଏଥିସହ ଚାନ୍ଦବାଲି ଷ୍ଟାଇଲ୍ ମଧ୍ୟ କରିପାରିବେ।

### କୋ-ଅର୍ଡ ସେଟ୍

ଷ୍ଟାଇଲିଶ୍ ସହ ଆଧୁନିକ ଲୁକ୍ ଚାହୁଁଥିଲେ, ଏହି ଆଉଟ୍‌ଫିଟ୍ ପିନ୍ଧିପାରିବେ। ଏଥ୍ନିକ୍ ଏବଂ ସିଲ୍‌କ ଫାବ୍ରିକ୍ ସର୍ଟ କୁର୍ତ୍ତୀ ପିନ୍ଧିପାରିବେ। ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଦିଶିଥାଏ।

# ଲାଖଚୁଡ଼ିରୁ ଲକ୍ଷପତି



**ଆଧୁନିକ ଯୁଗରେ ମହିଳାମାନେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। ବିଭିନ୍ନ ହସ୍ତଶିଳ୍ପ, କୁଟୀରଶିଳ୍ପ କରି ରୋଜଗାରକ୍ଷମ ହେବା ସହ ହଜିଯାଉଥିବା ପାରମ୍ପରିକ କଳାକୁ ପୁନଃରୁଦ୍ଧାର କରିଛନ୍ତି। ଏହାଦ୍ୱାରା ମହିଳାମାନେ ଆର୍ଥିକ ସଶକ୍ତ ହେବା ସହ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ ମହୁଆଦୋହ ଗ୍ରାମର ମହିଳାମାନେ ଲାଖରୁ ଭଳିକି ଭଳି ଚୁଡ଼ି ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି। ଏପରି କରି ପ୍ରାକୃତିକ ଅଠାରୁ ନିର୍ମିତ ଲାଖ ଚୁଡ଼ିର ପ୍ରଚାର ପ୍ରସାର କରୁଛନ୍ତି।**

ଝାଡ଼ଖଣ୍ଡ ମହୁଆଦୋହ ଗ୍ରାମର ମହିଳାମାନେ ଲାଖରୁ ଭଳିକି ଭଳି ଉତ୍ପାଦ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି। ନାର୍ବାଡ ସହଯୋଗରେ ୯୦ଜଣ ମହିଳାଙ୍କୁ ଲାଖ ଉତ୍ପାଦ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣରେ ଶିଖାଯାଇଥିବା ସୃଜନଶୀଳତାକୁ ଉପଯୋଗ କରି ମହିଳାମାନେ ସୁନ୍ଦର ଆକର୍ଷଣୀୟ ଲାଖଚୁଡ଼ି ସମେତ ଲାଖରେ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରସାଧାନ ପ୍ରସ୍ତୁତ କରୁଛନ୍ତି। ଏଥିରୁ ରୋଜଗାର କରି ମହିଳାମାନେ ପିଲାଙ୍କ ପାଠପଢ଼ା ସହ ସେମାନଙ୍କୁ ଉତ୍ତମ ଜୀବନଶୈଳୀ ପ୍ରଦାନ କରିପାରୁଛନ୍ତି।

ସ୍ଥାନୀୟ ଅଞ୍ଚଳରେ ମାଇକା ଉଦୌଗ ବନ୍ଦ ହେବାପରେ ମହିଳାମାନେ ନିଜକୁ ସକ୍ଷମ କରିବା ପାଇଁ ଏକତ୍ର ହୋଇଥିଲେ। ଏଥିରେ ଗାଁର ଅନେକ ମହିଳା ସାମିଲ ହୋଇ ଘର କାର୍ଯ୍ୟ କରିବା ସହ କର୍ମଜୀବୀ ମହିଳା ହେବାର ଗୌରବ ଅର୍ଜନ କରିଛନ୍ତି। ତେବେ ମହିଳାମାନେ ୫୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ଯାଏ ଭଳିକି ଭଳି ଚୁଡ଼ି ତିଆରୁଛନ୍ତି। ସେହିପରି ବଡ଼ ବଜାର ମିଳିଲେ ଏହି ଚୁଡ଼ିର ଦାମ୍ ମଧ୍ୟ ବଢ଼ିଥାଏ। କେବଳ ସେତିକି ନୁହେଁ, ଏହି ଲାଖଚୁଡ଼ିର ଖୁବ୍ ଚାହିଦା ରହିଛି। ଏହି ଚୁଡ଼ି ପ୍ରସ୍ତୁତ କରିବାରେ କୌଣସି ମେସିନ୍ ବ୍ୟବହାର ହୁଏ ନାହିଁ। ଚୁଡ଼ି ତିଆରିଠୁ ନେଇ ଡିଜାଇନ୍ ଏ ସମସ୍ତ କାର୍ଯ୍ୟ ହାତରେ ହୋଇଥାଏ। ଏଥିପାଇଁ କାରିଗରଙ୍କୁ କଠିନ ପରିଶ୍ରମ ଲାଗିଥାଏ। ଚୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ଦଶରୁ ପନ୍ଦର ପ୍ରକାର ରଙ୍ଗ ବ୍ୟବହାର କରାଯାଇଥାଏ। ଏଥିସହ ସିଜନ୍ ଏବଂ ଗ୍ରାହକଙ୍କ ପସନ୍ଦ ଅନୁସାରେ ଡିଜାଇନ୍ କରାଯାଇଥାଏ। ବର୍ତ୍ତମାନର ଆଧୁନିକ ମେସିନ ଏବଂ ଫ୍ୟାକ୍ଟ୍ରି ଉତ୍ପାଦ ସତ୍ତ୍ୱେ ଏହି ଲାଖଚୁଡ଼ି ଲୋକପ୍ରିୟ ରହିଛି। ପାରମ୍ପରିକ ପଦ୍ଧତିରେ ନିର୍ମିତ ଏହି ଚୁଡ଼ି ମହିଳାଙ୍କ ଶୃଙ୍ଗାର ସହ କୋଡରମାର ସମୃଦ୍ଧ ହସ୍ତଶିଳ୍ପ କଳା କାରିଗରର ପ୍ରତୀକ ପାଲଟିଛି।

# ଓଠ ଶୁଷ୍କ ଥିଲେ

**ଋତୁ ଅନୁଯାୟୀ ଓଠ ଶୁଷ୍କ ହୋଇ ଚମଡ଼ା ବାହାରିଥାଏ। ଏହା ଓଠ ଖରାପ ହେବା ସହ ସୁନ୍ଦରତା ନଷ୍ଟ କରିଥାଏ। ଏପରିକି ଲିପ୍‌ଷ୍ଟିକ୍ ମଧ୍ୟ ଠିକ୍‌ରେ ଲଗାଇ ହୁଏନି। ତେଣୁ ଶୁଷ୍କ ଓଠକୁ ନରମ କରିବା ପାଇଁ ପେଟ୍ରୋଲିୟମ୍ ଜେଲି ଏବଂ ଟୁଥ୍‌ବ୍ରସ୍ ବ୍ୟବହାର କରିପାରିବେ। ଏହା ଓଠ ପାଇଁ ଖୁବ୍ ପ୍ରଭାବୀ ହୋଇଥାଏ।**

- ପ୍ରଥମେ ଓଠରେ ମୋଟା ପରସ୍ତ ପେଟ୍ରୋଲିୟମ୍ ଜେଲି ଲଗାଇ ପାଞ୍ଚମିନିଟ୍ ଛାଡ଼ନ୍ତୁ। ଏହା ଓଠକୁ ନରମ କରିଥାଏ।
- ପରେ ଏକ ନରମ ଦାନ୍ତଯୁକ୍ତ ବ୍ରଶ୍ ନେଇ ହାଲୁକା ହାତରେ ଗୋଲାକାର ଗତିରେ ଏକ ମିନିଟ୍ ମସାଜ୍ କରନ୍ତୁ।
- ମସାଜ୍ ପରେ ଓଦା କପଡ଼ା କିମ୍ବା ଟିସୁରେ ଓଠକୁ ପୋଛି ସଫା କରନ୍ତୁ।
- ଏହାପରେ ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଓଠରେ ଲିପ୍‌ବାମ୍ ଲଗାନ୍ତୁ।
- ଟିସୁ ପେପରେ ଏକ୍ସଟ୍ରା ବାମ୍‌କୁ ପୋଛି ଶେଷରେ ନିଜ ପସନ୍ଦ ଅନୁସାରେ ଲିପଷ୍ଟିକ୍ ଲଗାନ୍ତୁ।

## ହଜିଯାଉଥିବା ସ୍ୱାଦ

# ଲାଉ, ଆଳୁ ବାଟିବସା



### ଆବଶ୍ୟକ ସାମଗ୍ରୀ

ଲାଉ – ୫୦୦ ଗ୍ରାମ୍, ଆଳୁ – ୨ଟି, କଟା ଟମାଟୋ – ଏକ କପ୍, ସୋରିଶ – ଦୁଇ ଚାମଚ, ଜିରା- ଏକ ଚାମଚ, ପୋସ୍ତ- ଦୁଇ ଚାମଚ, ରାଶି- ଦୁଇଚାମଚ, ନଡ଼ିଆ କୋରା – ଦୁଇ ଚାମଚ, କାଜୁ- ଦୁଇ ତିନିଟି, ଭୃସଙ୍ଗପତ୍ର – ଏକ ପାଖୁଡ଼ା, କାଜୁ – ଚାରି ପାଞ୍ଚୋଟି, ରସୁଣ – ଏକ କୋଳା, ଅଦା - ଖଣ୍ଡେ, କଞ୍ଚା ଲଙ୍କା – ତିନି ଚାରିଟି, କଟା ପିଆଜ – ଅଧା କପ୍, ହଳଦୀ ଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, ଲୁଣ– ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଲାଉକୁ ଧୋଇ ଚୋପା ଛଡ଼େଇ ଗ୍ରେଟ୍ କରି ଏକ ପ୍ଲେଟ୍‌ରେ ରଖନ୍ତୁ। ସେହିପରି ଆଳୁକୁ ଗ୍ରେଟ୍ କରନ୍ତୁ। ଗୋଟିଏ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ସୋରିଶ, ଜିରା, ପୋସ୍ତ,ରାଶି, କାଜୁ, ଭୃସଙ୍ଗପତ୍ର, ଲଙ୍କା, ରସୁଣ ସମେତ ଅଦା ଦେଇ ଭଲରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାପରେ ଗ୍ୟାସ୍‌ରେ ପ୍ୟାନ୍ ବସାଇ ତେଲ ଦେଇ କାଟି ରଖିଥିବା ରସୁଣ ପକାଇ ଭାଜି କାଢ଼ନ୍ତୁ। ଗୋଟିଏ ଷ୍ଟିଲ୍ ଟିଫିନ୍ ନେଇ ଆଳୁ, ଲାଉ ମିଶାଇ ବଟା ମସଲା ଦେଇ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଟମାଟୋ, ପିଆଜ, ଦେଇ ଗୋଳାନ୍ତୁ। ଏହା ଉପରେ ରସୁଣ ଛୁଙ୍କ ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ଗ୍ୟାସ୍‌ରେ ହାଣ୍ଡି ରଖି ପାଣି ଦେଇ ଛାଞ୍ଚ ରଖି ଟିଫିନ୍‌କୁ ଷ୍ଟିମ୍ ହେବାକୁ ଛାଡ଼ନ୍ତୁ। ୨୦ ମିନିଟ୍ ପରେ ଢାଙ୍କୁଣି ଖୋଲି ପରଷନ୍ତୁ ସ୍ୱାଦିଷ୍ଟ 'ଲାଉ ଆଳୁ ବାଟିବସା'।

# ଜେଲି ବ୍ୟାଗ୍ ଫେଶନ



**ବର୍ଷାଦିନେ ବ୍ୟାଗ୍‌ଓଦା ହେବାକୁ ନେଇ ମହିଳାମାନେ ବେଶ୍ ଚିନ୍ତିତ ଥାନ୍ତି। ଏପରିସ୍ଥଳେ ଜେଲି ବ୍ୟାଗ୍ ମହିଳାଙ୍କ ପାଇଁ ଖୁବ୍ ସୁବିଧାଜନକ ହୋଇଥାଏ। ଏହା ପାରଦର୍ଶୀ, ରଙ୍ଗିନ୍ ଏବଂ ଷ୍ଟାଇଲିଶ୍ ଲୁକ୍ ଦେବା ସହ ସହଜରେ ସଫା କରି ହୁଏ। ଏହି ବ୍ୟାଗ୍ ଆକର୍ଷଣୀୟ ହୋଇଥିବାବେଳେ କାଜୁଆଲ୍ ଆଉଟ୍‌ଫିଟ୍‌ଠୁ ନେଇ ୱିକେଣ୍ଡ ସବୁକୁ ସୁନ୍ଦର ମାନିଥାଏ।**

### କାଜୁଆଲ ଲୁକ୍

ଜିନ୍ସ, ଟି-ସାର୍ଟ ସହ ମିନି ଜେଲି କ୍ରସ୍‌ବଡି ବ୍ୟାଗ୍ ଖୁବ୍ ଭଲ ଲାଗିଥାଏ। ଏହା ସିମ୍ପୁଲ ଲୁକ୍‌ରେ ମଧ୍ୟ ଫେଶନବୁଲ୍ ଦିଶିଥାଏ। ସେହିପରି କୁର୍ତ୍ତୀ, ଟପ୍ ଏବଂ କାଜୁଆଲ୍ ଡ୍ରେସ୍ ସହ ରଙ୍ଗିନ୍ ଜେଲି ଟୋଟ୍ ବ୍ୟାଗ୍ ଟ୍ରାଏ କରିପାରିବେ।

### ୱିକେଣ୍ଡ

ସର୍ଟ ଡ୍ରେସ୍ ତଥା ଜମ୍ପସୁଟ୍ ସହ ଟ୍ରାନ୍ସପାରେଣ୍ଟ ସୋଲଡର୍ ବ୍ୟାଗ୍ ଭଲ ଷ୍ଟାଇଲିଶ୍ ବିକଳ୍ପ ହୋଇଥାଏ। ହାଲ୍‌କା ଏବଂ ରଙ୍ଗିନ ଲୁକ୍ ବର୍ଷାଦିନେ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ସିମ୍ପୁଲ ଆଉଟ୍‌ଫିଟ୍‌କୁ ଏହା ଖୁବ୍ ଆକର୍ଷଣୀୟ ଦିଶିଥାଏ।

### ପାର୍ଟି

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଗ୍ଲସି ଜେଲି ବ୍ୟାଗ୍ ଚୟନ କରନ୍ତୁ। ଏହାକୁ ମିନିମାଲ୍ ଜୁଏଲାରୀ ସହ ପେୟାର୍ କରିପାରିବେ। ସବୁଜ, ନୀଳ, ଗୋଲାପୀ ଆଦି ବିଭିନ୍ନ ରଙ୍ଗରେ ଏହି ବ୍ୟାଗ୍ ଉପଲବ୍ଧ।

## ଡେବ୍ୟୁରେ ସାରାଂଶଙ୍କୁ ୩ ୱିକେଟ



କଲମ୍ବୋ,୨୬ା୮ (ଏଜେନ୍ସି): ସିଂହଳୀଜ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଶ୍ରୀଲଙ୍କା ସହ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଡେବ୍ୟୁ କରିଥିଲେ ଭାରତର ସାରାଂଶ ଜୈନ। ଡେବ୍ୟୁ କରିବାରେ ଭାରତର ଦ୍ୱିତୀୟ ବୟୋଜ୍ୟେଷ୍ଠ କ୍ରିକେଟର ହୋଇଥିଲେ ମଧ୍ୟ ଶ୍ରୀଲଙ୍କା ବିପକ୍ଷରେ ବିଶେଷ ପ୍ରଭାବ ବିସ୍ତାର କରିପାରି ନ ଥିଲେ। ଶ୍ରୀଲଙ୍କା ପ୍ରଥମ ଇନିଂସରେ ସୋନାଲ ଦିନୁଶା ଓ କେଶରା ନୁୱାନ୍ଥା ଲଢୁଆ ଖେଳିବା ପରେ ଦଳ ଫଲୋଅନ ଏଡାଇଯିବ ବୋଲି ସମ୍ଭାବନା ସୃଷ୍ଟି ହୋଇଥିଲା। ଭାରତ ମଧ୍ୟ ଆଶଙ୍କା ମଧ୍ୟରେ ରହିଥିଲା। କିନ୍ତୁ ଚତୁର୍ଥ ଦିନ ସକାଳେ ସବୁକିଛି ବଦଳି ଯାଇଥିଲା। ଆଜି ସକାଳେ ଅନୁଷ୍ଠିତ ଖେଳରେ ସାରାଂଶ ଭିନ୍ନ ଜଣେ ବୋଲର ଭାବେ ପ୍ରତିପାଦିତ ହୋଇଥିଲେ। ସେ ପ୍ରଥମେ ଲାହିରୁ କୁମାରା (୫୮ ବଲ୍‌ରେ ୧୨ରନ) ଓ ପରେ ସୋନାଲ ଦିନୁଶା (୧୬୨ ବଲ୍‌ରେ ୧୦୩ରନ୍)ଙ୍କୁ ଆଉଟ କରି ଶ୍ରୀଲଙ୍କାର ଇନିଂସ ଶେଷ କରିଥିଲେ। ଏହା ଫଳରେ ଶ୍ରୀଲଙ୍କାକୁ ଭାରତ ଫଲୋଅନ୍ ଦେଇଥିଲା। ଫଲୋଅନ୍ ପରେ ଶ୍ରୀଲଙ୍କାର କିଛି ବ୍ୟାଟର ଲଢୁଆ ଖେଳିଥିଲେ। ଏମାନଙ୍କ ମଧ୍ୟରୁ ସ୍ପିନରଙ୍କ ବିପକ୍ଷରେ ଭଲ ଖେଳିଥିବା ଅଭିଜ୍ଞ ନିରୋସନ ଡିକ୍‌ୱେଲାଙ୍କୁ ଆଉଟ କରି ସାରାଂଶ ଆଉ ଏକ ସଫଳତା ଦେଇଥିଲେ। ଏହି ଟେଷ୍ଟର ଚତୁର୍ଥ ଦିନରେ କୁମାରା, ଦିନୁଶା ଓ ଡିକ୍‌ୱେଲାଙ୍କୁ ଆଉଟ କରି ଭାରତ ଲାଗି ସାରାଂଶ ସଫଳ ହୋଇଥିଲେ।

## ଏସିଆ କପ୍ ମହିଳା କ୍ରିକେଟ ଶୁକ୍ରବାରରୁ

ଦୁବାଇ,୨୬ା୮ (ଏଜେନ୍ସି): ଏସିଆ କପ୍ ମହିଳା କ୍ରିକେଟ ପ୍ରତିଯୋଗିତା ଦୁବାଇରେ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଏବଂ ଗ୍ରୁପ୍-ବି'ରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ ଅଂଶଗ୍ରହଣ କରିବେ। ଗ୍ରୁପ୍‌ରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଥାଇଲାଣ୍ଡ ସହ ଅଗଷ୍ଟ ୩୦ରେ, ଦ୍ୱିତୀୟ ମ୍ୟାଚ୍ ହଂକଂ ସହ ସେପ୍ଟେମ୍ବର ୩ରେ ଓ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍ ପାକିସ୍ତାନ ସହ ସେପ୍ଟେମ୍ବର ୫ରେ ଖେଳିବ। ସେପ୍ଟେମ୍ବର ୧୦ ଓ ୧୧ରେ ସେମିଫାଇନାଲ, ୧୩ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

### ପାସିନ୍ଦୁ ସୁରିଆବାନ୍ଦରା ଓ କାମିନ୍ଦୁ ମେଣ୍ଡିସ୍‌ଙ୍କ ଲଢୁଆ ବ୍ୟାଟିଂ

# ଇନିଂସ ପରାଜୟ ଏଡ଼ାଇଲା ଶ୍ରୀଲଙ୍କା



କଲମ୍ବୋ, ୨୬ା୮ (ଏଜେନ୍ସି): ଜୀବନର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ପାସିନ୍ଦୁ ସୁରିଆବାନ୍ଦରା (୯୨) ଓ ଉପଅଧିନାୟକ କାମିନ୍ଦୁ ମେଣ୍ଡିସ୍(୫୫)ଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ଭାରତ ସହ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟରେ ଶ୍ରୀଲଙ୍କା ଇନିଂସ ପରାଜୟ ଏଡ଼ାଇବାରେ ସମର୍ଥ ହୋଇଛି। ଫଲୋଅନ ହୋଇଥିବା ଶ୍ରୀଲଙ୍କା ଚତୁର୍ଥ ଦିନ ଖେଳ ବର୍ଷା ଯୋଗୁ ବନ୍ଦ ରହିଲା ବେଳକୁ ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୨୯ ରନ୍ କରିନେଇଛି। କିନ୍ତୁ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଶ୍ରୀଲଙ୍କା ନିକଟରେ ୪ଟି ଦ୍ୱିତୀୟ ଇନିଂସ ୱିକେଟ ବାକିଥାଇ ମାତ୍ର ୧୬ ରନ୍‌ରେ ଆଗୁଆ ରହିଛି। ଅନ୍ୟ ପକ୍ଷରେ ଆସନ୍ତାକାଲି ଏହି ୪ଜଣ ଖେଳାଳିଙ୍କୁ ଆଉଟ କରି ଭାରତ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ଷା କିମ୍ବା ଅନ୍ୟ କିଛି ପ୍ରାକୃତିକ ଦୁର୍ବିପାକ ନ ହେଲେ ଶ୍ରୀଲଙ୍କା ପରାଜୟ ଏଡ଼ାଇବା ସମ୍ଭବ ନୁହେଁ। ଏହି ମ୍ୟାଚ୍‌ରେ ଆଜି ସକାଳେ ଡେବ୍ୟୁଟାଣ୍ଟ ଅଫ୍ ସ୍ପିନର ସାରାଂଶ ଜୈନ ଗତକାଲିର ଦୁଇ ଅପରାଜିତ ବ୍ୟାଟର ଲାହିରୁ କୁମାରା (୧୨) ଓ ସୋନାଲ ଦିନୁଶା (୧୦୩)ଙ୍କୁ ଆଉଟ କରିବା ପରେ ଶ୍ରୀଲଙ୍କାର ପ୍ରଥମ ଇନିଂସ ୨୯୦ ରନ୍‌ରେ ଶେଷ ହୋଇଥିଲା। ଦିନୁଶା ଏହି ସିରିଜ୍‌ରେ ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରିଛନ୍ତି। ପୂର୍ବରୁ ଭାରତ ୯ ୱିକେଟରେ ୫୦୩ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜିତି ଭାରତ ୧-୦ରେ ଅଗ୍ରଣୀ ରହିଛି।

ଏହି ଟେଷ୍ଟର ଚତୁର୍ଥ ଦିନ ସକାଳେ ଶ୍ରୀଲଙ୍କାର ଅସମାପ୍ତ ପ୍ରଥମ ଇନିଂସ ୨୯୦ ରନ୍‌ରେ ଶେଷ ହୋଇଥିଲା। ଦଳ ୨୧୩ ରନ୍ ପଛରେ ରହିବାରୁ ଶ୍ରୀଲଙ୍କାକୁ ଫଲୋଅନ ଦେଇଥିଲା ଭାରତ। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବା ପରେ ପ୍ରଥମଥର ଟପ୍ ଅର୍ଡର ବ୍ୟାଟର କିଛିଟା ଲଢୁଆ ଖେଳ ଦେଖାଇଥିଲେ। ଦଳ ୫ ରନ୍‌ରେ ପ୍ରଥମ ୱିକେଟ ହରାଇବା ପରେ ପ୍ରଥମ ଇନିଂସରେ ୮୦ ରନ୍ କରିଥିବା ପାସିନ୍ଦୁ ସୁରିଆବାନ୍ଦରା ଓ କାମିଲ ମିଶରା (୩୨) ଦ୍ୱିତୀୟ ୱିକେଟରେ ୫୮ ରନ୍ ଉଠାଇ ଭଲ ଆରମ୍ଭ କରିଥିଲେ। ରବୀନ୍ଦ୍ର ଜାଡେଜା ଏହି ଯୋଡି ଭାଙ୍ଗିବା ପରେ ସୁରିଆବାନ୍ଦରା ଓ କାମିନ୍ଦୁ ମେଣ୍ଡିସ୍ ତୃତୀୟ ୱିକେଟରେ ଲଢୁଆ ବ୍ୟାଟିଂ କରି ଭାରତକୁ ନିରାଶ କରିଥିଲେ। ଏହି ଯୋଡି ୧୭୦ବଲ୍ ସାମ୍ନା କରି ୧୧୫ ରନ୍ ଉଠାଇବା ପରେ ପ୍ରସିଦ୍ଧ କ୍ରିଷ୍ଣା ଏମାନଙ୍କୁ ଅଲଗା କରିଦେଇଥିଲେ। ୯୨ବଲ୍‌ରେ ୨ ଚୌକା ଓ ୩ ଛକା ସହ ୫୫ ତଥା ଦଳୀୟ ସ୍କୋର ୧୭୮ ରନ୍ କରିଥିଲାବେଳେ ମେଣ୍ଡିସ୍‌ଙ୍କୁ ଆଉଟ କରିଥିଲେ ପ୍ରସିଦ୍ଧ। ଏହି ଯୋଡି ଭାଙ୍ଗିବା ଭାରତ ଲାଗି ଟର୍ଣ୍ଣିଂ ପଏଣ୍ଟ ହୋଇଥିଲା। ମେଣ୍ଡିସ୍‌ଙ୍କ ଆଉଟ ପରେ ଶ୍ରୀଲଙ୍କା କ୍ରମାଗତ ୱିକେଟ ହରାଇଥିଲା। ଟି' ସୁଦ୍ଧା ୩ ୱିକେଟରେ ୧୯୯ ରନ୍ କରିଥିବା ଶ୍ରୀଲଙ୍କା ଟି' ପରେ ୩ଟି ୱିକେଟ ହରାଇ ଭାରତ ହାତରେ ଏକପ୍ରକାର ମ୍ୟାଚ୍‌ର ନିୟନ୍ତ୍ରଣକୁ ଟେକି ଦେଇଥିଲା। ଟି' ଏବଂ ଖେଳ ବନ୍ଦ ରହିଲା ମଧ୍ୟରେ ସୁରିଆବାନ୍ଦରା ସର୍ବାଧିକ ୯୨ (୧୭୩ବଲ୍, ୧୦ଚୌକା, ୧ଛକା), ଧନଞ୍ଜୟ ଡି ସିଲଭା (୨୩) ଓ ନିରୋସନ ଡିକ୍‌ୱେଲା (୬)ଙ୍କ ୱିକେଟ ହରାଇଥିଲା। ୨୧୮ ରନ୍‌ରେ ୬ଷ୍ଠ ୱିକେଟ ପତନ ପରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। କିନ୍ତୁ ଅବିଭକ୍ତ ୭ମ ୱିକେଟରେ ପ୍ରଥମ ଇନିଂସର ଶତକଧାରୀ ସୋନାଲ ଦିନୁଶା (୩୭ବଲ୍‌ରେ ୭ରନ୍) ଓ କେଶରା ନୁୱାନ୍ଥା (୨୯ବଲ୍‌ରେ ୩ରନ୍) ୫୦ଟି ବଲ୍ ଖେଳିବା ଏବଂ ବର୍ଷା ହେବା ଫଳରେ ଶ୍ରୀଲଙ୍କା ଅଧିକ ବିପର୍ଯ୍ୟୟରୁ ରକ୍ଷା ପାଇଥିଲା।

ଭାରତ ପକ୍ଷରୁ ମାନବ ସୁତାର ପୁଣିଥରେ ସର୍ବାଧିକ ୨ଟି ଏବଂ ଅନ୍ୟ ୪ଜଣ ବୋଲର ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ସାରାଂଶ ଜୈନ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୦୩/୯, ଘୋଷଣା (ପାଡିକଲ-୧୧୭, ଜୁରେଲ- ୧୧୫*, ଅସିଥା- ୪/୧୦୬)।

ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୯୦, ଫଲୋଅନ୍ (ଦିନୁଶା- ୧୦୩, ସୁରିଆବାନ୍ଦରା-୮୦, ପ୍ରସିଦ୍ଧ-୩/୫୨, ମାନବ-୩/୮୫, ସାରାଂଶ-୨/୬୯)।

ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୨୯/୬, (ସୁରିଆବାନ୍ଦରା-୯୨, ମେଣ୍ଡିସ୍-୫୫, ମାନବ- ୨/୮୧)।

---

**ଦୁଲୀପ ଟ୍ରଫି କ୍ରିକେଟ**

## ସେମିଫାଇନାଲରେ ଉତ୍ତରାଞ୍ଚଳ



ବେଙ୍ଗାଲୁରୁ,୨୬ା୮ (ଏଜେନ୍ସି): ପଶ୍ଚିମାଞ୍ଚଳକୁ ୫୨ ରନ୍‌ରେ ପରାସ୍ତ କରି ଉତ୍ତରାଞ୍ଚଳ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମୁକାବିଲା ଅଗଷ୍ଟ ୩୦ରୁ ଆରମ୍ଭ ହେବ। ଏହି ଦିନ ଏଠାରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ପୂର୍ବାଞ୍ଚଳ ସହ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳ ସହ ଦକ୍ଷିଣାଞ୍ଚଳର ମୁକାବିଲା ହେବ। ଗତକାଲି ପୂର୍ବାଞ୍ଚଳ ଏକ ଇନିଂସ ଓ ୨୧୦ ରନ୍‌ରେ ଉତ୍ତର-ପୂର୍ବାଞ୍ଚଳକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଦକ୍ଷିଣାଞ୍ଚଳ ଓ କେନ୍ଦ୍ରାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ।

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୨'ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ତୃତୀୟ ଦିନ ସୁଦ୍ଧା ମ୍ୟାଚ୍ ଜିତିବାକୁ ବ୍ୟାଟିଂ କରୁଥିବା ପଶ୍ଚିମାଞ୍ଚଳକୁ ବାକିଥିବା ୪ ୱିକେଟ ବିନିମୟରେ ଆଉ ୬୭ ରନ୍ ଆବଶ୍ୟକ ହେଉଥିଲା। ଏହି ସମୟରେ ଅପରାଜିତ ଥିବା ଉର୍ବିଲ ପଟେଲଙ୍କ ସହ ବ୍ୟାଟିଂ ଜାଣିଥିବା ମୁମ୍ବଇର ୩ ଖେଳାଳି ତନୁସ କୋଟିଆନ୍, ଶାର୍ଦ୍ଦୁଳ ଠାକୁର ଓ ତୁଷାର ଦେଶପାଣ୍ଡେ ଖେଳିବାର ଥିଲା। ଫଳରେ ପଶ୍ଚିମାଞ୍ଚଳ ଏହି ଲକ୍ଷ୍ୟ ହାସଲ କରିନେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଚତୁର୍ଥ ଦିନ ସକାଳେ ଜମ୍ମୁ-କଶ୍ମୀର ଫାଷ୍ଟ ବୋଲର ଆବିଦ ମୁସ୍ତାକ ଅଲରାଉଣ୍ଡର କୋଟିଆନଙ୍କୁ ଶୂନରେ ଓ ତୁଷାର ଦେଶପାଣ୍ଡେଙ୍କୁ ୫ ରନ୍‌ରେ ଆଉଟ କରିଥିଲେ। ଆହତ ଥିବା ଶାର୍ଦ୍ଦୁଳ ଠାକୁର ବ୍ୟାଟିଂ କରିବାକୁ ବାଧ୍ୟ ହୋଇଥିଲେ। ସେ କୌଣସି ବଲ୍‌ର ସମ୍ମୁଖୀନ ହେବା ପୂର୍ବରୁ ଅନ୍ୟପଟେ ଅପରାଜିତ ଥିବା ଉର୍ବିଲ ପଟେଲ (୨୫)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ଉତ୍ତରାଞ୍ଚଳ ଇନିଂସକୁ ୨୩୪ ରନ୍‌ରେ ଶେଷ କରିଥିଲେ। ଫଳରେ ଉତ୍ତରାଞ୍ଚଳ ଏହି ମ୍ୟାଚ୍‌କୁ ୫୨ ରନ୍‌ରେ ଜିତିନେଇଥିଲା। ପ୍ରଥମ ଇନିଂସରେ ୫ଟି ଓ ଦ୍ୱିତୀୟ ଇନିଂସରେ ୪ଟି ୱିକେଟ ନେଇଥିବା ମୁସ୍ତାକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଞ୍ଚଳ: ୨୫୧ ଓ ୨୨୨। ବନାମ ପଶ୍ଚିମାଞ୍ଚଳ: ୧୮୭ ଓ ୨୩୪। ପ୍ଲେୟର ଅଫ୍ ଦି ମ୍ୟାଚ୍- ଆବିଦ ମୁସ୍ତାକ (ଉତ୍ତରାଞ୍ଚଳ)।

**୧୯ ବର୍ଷରୁ କମ୍ ଜାତୀୟ ଆମନ୍ତ୍ରଣୀୟ କ୍ରିକେଟ**

## ଛତିଶଗଡ଼କୁ ହରାଇ ଓଡ଼ିଶା ଚାମ୍ପିଅନ



ଭୁବନେଶ୍ୱର, ୨୬ା୮ (ସମିସ): ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ଆମନ୍ତ୍ରଣୀୟ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଚାମ୍ପିଅନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ଦଳ ୭ ୱିକେଟରେ ଛତିଶଗଡ଼କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ୫୦ ଓଭରରେ ୯ ୱିକେଟ ହରାଇ ୨୧୭ ରନ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ବର୍ମା ସର୍ବାଧିକ ୫୮ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ନକିବ ସର୍ବର, ରୁଦ୍ର ମଲ୍ଲିକ ଓ ଅଭିନୀତ ପଟ୍ଟନାୟକ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଶୁଭମ ପଲାଇଙ୍କ ଶତକ ବଳରେ ଓଡ଼ିଶା ୩୬ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଶୁଭମ ୯୪ ବଲରେ ୧୦୯ ରନ କରିଥିଲେ। ସେହିଭଳି ଆଦିତ୍ୟ ଆନନ୍ଦ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳଭାବରେ ଗୋଆ ଅଂଶଗ୍ରହଣ କରିଥିଲା। ଛତିଶଗଡ଼ ଓ ଗୋଆ ସହିତ ଓଡ଼ିଶା ପ୍ରଥମେ ଦୁଇଟି ଲେଖାଏ ମ୍ୟାଚ୍ ଖେଳି ୩ଟି ବିଜୟୀ ହୋଇ ଫାଇନାଲକୁ ଉଠିଥିଲା। ଓଡ଼ିଶା ଜୁନିଅର ଦଳ ଏବେ ଆନ୍ଧ୍ରପ୍ରଦେଶ ଗସ୍ତ କରି ସେଠାରେ ଆମନ୍ତ୍ରଣୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

---

**■ ୟୁଏସ୍ ଓପନ୍; ମିକ୍ସଡ ଡବଲ୍ସରେ କିମ୍ବଦନ୍ତୀଙ୍କୁ ନିରାଶ**

## ଆଲ୍‌କାରାଜ-ୱିଲିୟମ୍ସ, ଜୋକୋଭିଚ୍-ସାବାଲେଙ୍କା ପରାସ୍ତ

ନ୍ୟୁୟର୍କ, ୨୬ା୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ମିକ୍ସଡ ଡବଲ୍ସରେ କିମ୍ବଦନ୍ତୀ ଖେଳାଳିଙ୍କୁ ନିରାଶ ହେବାକୁ ପଡ଼ିଛି। କାର୍ଲୋସ ଆଲ୍‌କାରାଜ ଓ ସେରେନା ୱିଲିୟମ୍ସ ଯୋଡ଼ି କ୍ୱାର୍ଟର ଫାଇନାଲରେ ହାରିଯାଇଛନ୍ତି। ବେଲିଣ୍ଡା ବେନସିକ ଓ ଫ୍ଲାଭିଓ କୋବୋଲି ଯୋଡ଼ି ୫-୪ (୭/୪), ୪-୧ ସେଟରେ ଆଲ୍‌କାରାଜ-ସେରେନା ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେରେନା (୨୩ଟି) ଓ ଆଲ୍‌କାରାଜ (୭) ମିଳିତ ଭାବେ ୩୦ଟି ଗ୍ରାଣ୍ଡସ୍ଲାମ ଜିତିଥିଲେ ମଧ୍ୟ ବେନସିକ-କୋବୋଲି ଯୋଡ଼ିଙ୍କ ଆଗରେ ହାର୍ ମାନିଥିଲେ। ୪୪ ବର୍ଷୀୟା ସେରେନା ଏଠାରେ ୧୯୯୮ରେ ମାକ୍ସ ମିର୍ନିୟିଙ୍କ ସହ ଯୋଡ଼ି ହୋଇ ମିକ୍ସଡ ଡବଲ୍ସ ଟାଇଟଲ୍ ଜିତିଥିଲେ। ଆଉ ଏକ ଚର୍ଚ୍ଚିତ ମିକ୍ସଡ ଡବଲ୍ସ ଯୋଡ଼ି ନୋଭାକ ଜୋକୋଭିଚ ଓ ଆରିନା ସାବାଲେଙ୍କା ପ୍ରି-କ୍ୱାର୍ଟରରେ ପରାସ୍ତ ହୋଇ ନିରାଶ କରିଛନ୍ତି। ଟପ୍ ସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍-ସାବାଲେଙ୍କା ଯୋଡ଼ି ୪-୧, ୨-୪, ୨-୧୦ ସେଟରେ ବିଜୟୀ ହୋଇଥିଲେ।

## ବିସି ରୟ ଟ୍ରଫି: ଓଡ଼ିଶା-ଗୋଆ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୬ା୮ (ସମିସ): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଆନୁକୂଲ୍ୟରେ ବେଙ୍ଗାଲୁରୁରେ ଚାଲିଥିବା ବିସି ରୟ ଟ୍ରଫିରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଡ୍ର ରଖିଛି। ବୁଧବାର ଓଡ଼ିଶା ଓ ଗୋଆ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏହି ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ଥିଆମ ଫାମୋସ ଦୁଇଟି ଯାକ ଗୋଲ୍ ଦେଇଥିଲେ। ସେ ମ୍ୟାଚର ପ୍ରଥମାର୍ଦ୍ଧ (୩୧ତମ ଓ ୪୪ତମ) ମିନିଟରେ ଏହି ଦୁଇଟି ସ୍କୋର କରିଥିଲେ। ତେବେ ପଛୁଆ ଥିଲେ ମଧ୍ୟ ପିୟୂଷ ପ୍ରତାପ ସାୱନ୍ତଙ୍କ ଡବଲ୍ ଗୋଲ୍ ବଳରେ ଗୋଆ ମ୍ୟାଚକୁ ଡ୍ର ରଖିବାରେ ସମର୍ଥ ହୋଇଥିଲା। ପିୟୂଷ ୧୧ତମ ଓ ୬୧ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ଡ୍ର ରହିବା ଫଳରେ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି।

## ୫ମ ସ୍ଥାନ ଲାଗି ଭାରତ-ଜର୍ମାନୀ ମୁକାବିଲା ଆଜି

**ଏଫ୍ଆଇଏଚ୍ ହକି ବିଶ୍ୱକପ୍**

ଆମଷ୍ଟଲଭିନ୍,୨୬ା୮ (ଏଜେନ୍ସି): ନିଜଠାରୁ ଅଧିକ ମାନ୍ୟତାପ୍ରାପ୍ତ ଟିମ୍ ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସହ ମ୍ୟାଚ୍ ଡ୍ର ରଖି ଭାରତୀୟ ମହିଳା ଦଳ ଏଫ୍ଆଇଏଚ୍ ହକି ବିଶ୍ୱକପ୍‌ରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଏହି ସବୁ ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଗୋଲ ଦେବାର ଅସାମର୍ଥ୍ୟତା ଯୋଗୁଁ ମ୍ୟାଚ୍ ଜିତିପାରି ନ ଥିଲା। ଏଭଳି ସ୍ଥିତିରେ ଆସନ୍ତାକାଲି ୫ମ ସ୍ଥାନ ମୁକାବିଲା ଲାଗି ଜର୍ମାନୀ ସହ ଖେଳିବ ଭାରତ। ଏହି ମ୍ୟାଚ୍ ଜିତିଲେ ଭାରତ ବିଶ୍ୱକପ୍‌ରେ ଇତିହାସ ସୃଷ୍ଟି କରିବ। ଭାରତୀୟ ମହିଳା ଦଳ ୧୯୭୪ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏହା ପରେ ଦଳ ଏହି ସଫଳତା ଦୋହରାଇପାରି ନାହିଁ। ଏଣୁ ଏଠାରେ ଦଳ ୫ମ ହେଉ କିମ୍ବା ଷଷ୍ଠ ୧୯୭୪ ପ୍ରଦର୍ଶନ ପରେ ଶ୍ରେଷ୍ଠ ସଫଳତା ହେବ।

---

**● ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ**

## ରାମଙ୍କ ନେତୃତ୍ୱରେ ଭାଗନେବ ଓଡ଼ିଶା




ଭୁବନେଶ୍ୱର, ୨୬ା୮ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଅଗଷ୍ଟ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଆଇବିଏଫ୍ଏଫ୍ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ୧୦ଜଣିଆ ଓଡ଼ିଶା ଦଳ ବୁଧବାର ଗ୍ୱାଲିୟର ଅଭିମୁଖେ ଯାତ୍ରା କରିଛି। ଦିବ୍ୟାଙ୍ଗ କ୍ରୀଡ଼ା ଏବଂ ଖେଳାଳିମାନଙ୍କର ବିକାଶ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ 'ବ୍ଲୁ-ଆଇ' ପକ୍ଷରୁ ଏହି ଜାତୀୟ ପ୍ରତିଯୋଗିତା ଲାଗି ଅଗଷ୍ଟ ୧୬ରୁ ୨୬ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୨୦ଜଣ ଦୃଷ୍ଟିବାଧିତ ଫୁଟବଲ ଖେଳାଳି ଅଂଶଗ୍ରହଣ କରିଥିଲେ। ଶିବିର ପରେ ୧୦ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ଲାଗି ମନୋନୀତ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ମୋଟ ୧୦ଟି ରାଜ୍ୟର ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସମାଜସେବୀ ସନ୍ତୋଷୀ ଜୈନ, ମଞ୍ଜୁ ଅଗ୍ରୱାଲ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ଘୋଷିତ ଓଡ଼ିଶା ଦଳ:** ରାମଦାସ ମୁର୍ମୁ (ଅଧିନାୟକ), ମାଙ୍ଗାତ ହେମ୍ବ୍ରମ, ପଙ୍କଜ ଭୂଏ, ଲାଲପ୍ରସାଦ ସୋରେନ, ବାଲିଆ କିସ୍କୁ, ଅଙ୍କୁଶ ସାହୁ, ଗୋପାଳ ସିଂ, ବିଜୟ ମାରାଣ୍ଡି, ମାଥିଉ ମାରାଣ୍ଡି (ଗୋଲରକ୍ଷକ) ଓ ଆକାଶ ପଡିଆମୀ।

## ପ୍ରଣତି, ଲୋମା ଓ ଗୋପାଳ ପାଇବେ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ







ଭୁବନେଶ୍ୱର,୨୬ା୮ (ସମିସ): ମୁକ ଓ ବଧୀର ଅଲିମ୍ପିକ୍ସ ପଦକ ବିଜେତା ଲୋମା ସ୍ୱାଇଁ ଏବଂ ବିଶିଷ୍ଟ ଭାରୋତ୍ତୋଳନ ପ୍ରଶିକ୍ଷକ ଗୋପାଳକୃଷ୍ଣ ଦାସଙ୍କୁ ଚଳିତବର୍ଷର ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ଲାଗି ଉଭୟଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଗଷ୍ଟ ୨୯ ତାରିଖ ଦିନ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଲୋକସେବା ଭବନରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଏମାନଙ୍କ ସହ ଆଉ ୬ଟି କ୍ରୀଡ଼ା ଶୃଙ୍ଖଳାରେ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯିବ। ଏହା ମଧ୍ୟରୁ ଓଡ଼ିଶାର କ୍ରୀଡ଼ାକୁ ଆଜୀବନ ଅବଦାନ ନିମନ୍ତେ ଏସିଆନ ଗେମ୍ସ ପଦକ ବିଜେତା ପ୍ରଣତି ମିଶ୍ର, କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଅବଦାନ ନିମନ୍ତେ ସମଲେଶ୍ୱରୀ ସ୍ପୋର୍ଟିଂକୁ, ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଭାବେ ସୁଚିତ୍ରା ପରିଡ଼ାଙ୍କୁ, ଶ୍ରେଷ୍ଠ ଉଦୀୟମାନ କନିଷ୍ଠ କ୍ରୀଡ଼ାବିତ୍‌ଭାବେ ପ୍ରତୀକ ମହାରଣା ଓ ପାୟଲ ନାଗଙ୍କୁ ମିଳିତଭାବେ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ପ୍ରବୋଧ କୁମାର ମହାନ୍ତିଙ୍କୁ ଏବଂ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ ଅବଦାନ ନିମନ୍ତେ ଶକ୍ତି ପ୍ରସାଦ ନନ୍ଦଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଲାଗି ମନୋନୀତ କରାଯାଇଛି।

କ୍ରୀଡ଼ା ବିଭାଗର କମିଶନର ଓ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ଉପରୋକ୍ତ ବ୍ୟକ୍ତିବିଶେଷ ଓ ସଂଗଠନକୁ ଚୟନ କରିଛନ୍ତି। ଚୟନ କମିଟିର ଅନ୍ୟ ସଦସ୍ୟମାନେ ହେଲେ, ଅନୁରାଧା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଅର୍ଜୁନ ପୁରସ୍କାର ବିଜେତା ମିନତି ମହାପାତ୍ର, କ୍ରୀଡ଼ା ପ୍ରଶାସକ ସ୍ୱଙ୍ଗଶୁ ସତ୍ୟପ୍ରାଜ୍ଞ, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ୍ ଓ ଗତବର୍ଷ କ୍ରୀଡ଼ା ସାମ୍ବାଦିକ ପୁରସ୍କାର ପାଇଥିବା ବିମଳ ରାଉଳ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଡଃ ୟେଦୁଲା ବିଜୟ ଏହି ଚୟନ କମିଟିର ସଦସ୍ୟ ସଚିବ ଓ ସଂଯୋଜକ ରହିଥିଲେ। ସମସ୍ତ ବିଜେତାଙ୍କୁ ଅର୍ଥରାଶି, ସ୍ମୃତିଫଳକ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯିବ। ଆଜୀବନ ଅବଦାନ ନିମନ୍ତେ ମନୋନୀତ କ୍ରୀଡ଼ାବିତ୍‌ଙ୍କୁ ସର୍ବାଧିକ ୪ଲକ୍ଷ ଅର୍ଥରାଶି ଦିଆଯିବ।

**ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର**

## ସୁବ୍ରତ, ଅମିୟଙ୍କ ବିଜୟ ଅଭିଯାନ



ଭୁବନେଶ୍ୱର,୨୬ା୮ (ସମିସ): ଦୁଇ ସିଡେଡ ଖେଳାଳି ସୁବ୍ରତ ଦାସ ଓ ଅମିୟ ନାୟକ ଏଠାରେ ଚାଲିଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପରେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସୁବଅତ ୩-୧ରେ ଅମନ କୁମାରଙ୍କୁ ପରାସ୍ତ କରିଛନ୍ତି। ସେହିପରି ସିନିଅର ଖେଳାଳି ଅମିୟ ନାୟକ ୩-୦ରେ ଶିବା ସେଠୀଙ୍କୁ ପରାସ୍ତ କରିଛନ୍ତି। ଆଜି କିନ୍ତୁ ଚମତ୍କାର ଖେଳିଛନ୍ତି ରାଞ୍ଚିର ଶୁଭମ ଗୁପ୍ତା। ସେ ୩-୦ରେ ଚିରଞ୍ଜୀବ ସିଂଙ୍କୁ ପରାସ୍ତ କରିଥିଲେ। ସେହିପରି ୱାଙ୍ଗ୍‌ଚୁକ୍ ଭୁଟିଆ ଆଜି ଡବଲ ବିଜୟ ହାସଲ କରିଛନ୍ତି। ସେ ପ୍ରଥମେ ୩-୦ରେ ଜ୍ଞାନ ଦାସ୍‌ଙ୍କୁ ଏବଂ ସତ୍ୟଜିତ ରାଣାଙ୍କୁ ମଧ୍ୟ ୩-୦ରେ ପରାସ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ରାଉଣ୍ଡରେ ସୁଶାନ୍ତ ସିହ୍ନା ୩-୦ରେ ଗୌରବ ପଟେଲଙ୍କୁ, ଆକ୍ରାମ ଖାନ୍ ୩-୨ରେ ଜଗଦୀଶ ମହାନ୍ତି, ମିଶାଲ ସ୍ୱାଇଁ ୩-୦ରେ ଅସିତ ଚୌଧୁରୀଙ୍କୁ ୩-୦ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ବରିଷ୍ଠ ଖେଳାଳି ସିଦ୍ଧାର୍ଥ ସେନ୍, ଜଗଦୀଶ ମହାନ୍ତି, ଅସିତ ଚୌଧୁରୀ ପ୍ରଥମ ରାଉଣ୍ଡର ପ୍ରତିବନ୍ଧକ ଅତିକ୍ରମ କରିଥିଲେ। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଥିଲାବେଳେ ଅଗଷ୍ଟ ୨୯ରେ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS
















‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ‘ଓଡ଼ିଶା ଅଭ୍ୟୁଦୟ’ କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ସମାରୋହର ୪ ଟି ଚରଣରେ ‘ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ବହୁଦଳୀୟ ବନାମ ଦ୍ୱି-ଦଳୀୟ ବ୍ୟବସ୍ଥା’, ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିଛି ନୂଆ ସୁଯୋଗ ଓ ସମ୍ଭାବନା, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରୋଲ୍ ମଡେଲ୍ ଏବଂ ‘୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଓ ସଂକଳ୍ପ’ ଶୀର୍ଷକ ପ୍ରସଙ୍ଗ ଉପରେ ସାରଗର୍ଭକ ଆଲୋଚନା କରିଛନ୍ତି ଖ୍ୟାତନାମା ବ୍ୟକ୍ତିବିଶେଷ।











